୫୧

# ଧରିତ୍ରୀ

DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୮/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, November 28/2024 Page 16 ₹ 7.00 | BALASORE

୫୧ଶ ଭାଗ ୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 5 | ମୂଲ୍ୟ ₹୭/-




झारखण्ड सरकार
GOVERNMENT OF JHARKHAND

# अबुआ सरकार
# का
# शपथ ग्रहण समारोह

**दिनांक: 28 नवंबर, 2024 | समय: अपराह्न 04 बजे**
**स्थान: मोरहाबादी मैदान, रांची**

**इस अवसर पर आप सभी सादर आमंत्रित हैं**

## जोहार

विधानसभा चुनाव में झारखण्ड की जनता ने सोना झारखण्ड के निर्माण के लिए अनेकता में एकता का जो संदेश दिया है, वह ऐतिहासिक है, अद्भुत है, अविस्मरणीय है।

वीर पुरुखों के सपनों और राज्यवासियों के आशाओं-आकांक्षाओं को पूरा करने के लिए अबुआ सरकार पूरी संवेदनशीलता और नई ऊर्जा के साथ काम करेगी।

**आप सभी का बहुत-बहुत आभार,**
**जोहार!**



**हेमन्त सोरेन**
मुख्यमंत्री, झारखण्ड

PR-340594/IPRD/2024-25

सूचना एवं जनसंपर्क विभाग, झारखण्ड सरकार

୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୮/୨୦୨୪ | Bhubaneswar, Thursday, November 28/2024 | ପୃଷ୍ଠା-୧

International GITA Mahotsav 2024
28 November-15 December
Kurukshetra, Haryana
www.internationalgitamahotsav.in
www.48koskurukshetra.com
Information, Public Relations & Languages Department, Haryana
www.prharyana.gov.in | Follow us on @diprharyana

Grand Inauguration
28 November, 2024 | Kurukshetra, Haryana
All are Cordially Invited

No.1089/13/1896/2025/30559/276/21 Dated Chandigarh, the 27/11/2024



## କାଠଯୋଡ଼ି ପ୍ରଦୂଷିତ

କଟକ ଖାନ୍‌ନଗର ନିକଟରେ ବୁଧବାର ନଦୀକୁ ସହରର ଆବର୍ଜନା ଜଳ ଛଡାଯାଉଛି। (ଫଟୋ- ରାଜକିଶୋର ମହାନ୍ତି)

# ଭୁବନେଶ୍ୱରରେ ଶିଶୁକନ୍ୟା ବିକ୍ରି

## ୫ ବର୍ଷୀୟା ଝିଅଙ୍କ ମା'ବାପା, ମଧ୍ୟସ୍ଥଙ୍କ ସମେତ ୭ ଗିରଫ

**ପିଲାମାନଙ୍କ ଭବିଷ୍ୟତ ପାଇଁ ମା'ବାପା ନିଜ ଖୁସିକୁ ଭୁଲିଯାଆନ୍ତି। ହେଲେ କେତେଜଣ ମା'ବାପା ଅର୍ଥଲାଳସାରେ ପିଲାଙ୍କୁ ପର ହାତକୁ ଟେକି ଦେଉଛନ୍ତି। ଅର୍ଥାଭାବ ଓ ପାରିବାରିକ କଳହରୁ ଏଭଳି ଅନେକ ଘଟଣା ଦେଖିବାକୁ ମିଳୁଛି। ବୁଧବାର ଭୁବନେଶ୍ୱରରେ ମଧ ସମାନ ଘଟଣା ଘଟିଛି। ବଡ଼ଗଡ଼ ଥାନା ଅଞ୍ଚଳରେ ରହୁଥିବା ବିହାରର ଏକ ଦମ୍ପତି ୪୦ ହଜାର ଟଙ୍କା ପାଇଁ ୫ବର୍ଷର ଶିଶୁକନ୍ୟାକୁ ବିକ୍ରି କରିଦେଇଛନ୍ତି। ଘଟଣା ଜଣାପଡ଼ିବା ପରେ ପୋଲିସ ଶିଶୁକନ୍ୟାକୁ ଉଦ୍ଧାର କରିବା ସହ ସମ୍ପୃକ୍ତ ମା'ବାପା, ୩ଜଣ ମଧ୍ୟସ୍ଥ ଏବଂ ଶିଶୁକନ୍ୟାଙ୍କୁ ନେଇଥିବା ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।**

**ଭୁବନେଶ୍ୱର,୨୭।୧୧**
**(ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱର ଶିଶୁପାଳଗଡ଼ ବଡ଼ଟାଙ୍ଗୀରେ ରହୁଛନ୍ତି ଶିଶୁକନ୍ୟାଙ୍କ ମା' ଗୁଡ଼ିଆ ଦେବୀ ଏବଂ ସାବତ ବାପା ସୁବୋଧ ଶର୍ମା। ସେମାନଙ୍କ ଘର ବିହାରରେ ହୋଇଥିବାବେଳେ ଭୁବନେଶ୍ୱରରେ ସୁବୋଧ ଏକ କାଠ କାରଖାନାରେ କାମ କରନ୍ତି। ସେମାନେ ପିପିଲି ଅଞ୍ଚଳର ଦମ୍ପତି ରଘୁନାଥ ବେହେରା ଓ ପ୍ରିୟଦର୍ଶିନୀ ବେହେରାଙ୍କୁ ଶିଶୁକନ୍ୟାଙ୍କୁ ୪୦ ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ଏଥିରେ ମଧ୍ୟସ୍ଥ ସାଜିଥିଲେ ଧଉଳି ଶିଶୁପାଳଗଡ଼ର ପ୍ରଶାନ୍ତ କୁମାର ସାହୁ ଓ ତାଙ୍କ ସ୍ତ୍ରୀ ରଶ୍ମିରେଖା ସାହୁ, ଜଲି ଲେଙ୍କା। ଏନେଇ ଅଭିଯୋଗ ହେବାପରେ ବଡ଼ଗଡ଼ ପୋଲିସ ଉପରୋକ୍ତ ୭ଜଣଙ୍କୁ ଗିରଫ କରିଛି। ତେବେ ୫ବର୍ଷ ଶିଶୁକନ୍ୟାଙ୍କୁ କାହିଁକି ମା'ବାପା ବିକ୍ରି କଲେ ତାହାର ଠିକ୍ କାରଣ ଜଣାପଡ଼ି ☞ପୃଷ୍ଠା-୨

## ରାୟଗଡ଼ାରେ ପୁଣି ଶିଶୁବିକ୍ରି

ରାୟଗଡ଼ା/ ଗୁଣପୁର, ୨୭।୧୧
(ଆଶିଷ ରଞ୍ଜନ ପଣ୍ଡା /ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲାରେ ପୁଣି ଏକ ଶିଶୁ ବିକ୍ରି ଘଟଣା ସାମ୍ନାକୁ ଆସିଛି। ଗତ କିଛିଦିନ ତଳେ ରାୟଗଡ଼ା ସହର ନୂଆପଡ଼ା ସାହିର ୯ ଦିନର ଶିଶୁକନ୍ୟାକୁ ୨୦ ହଜାର ଟଙ୍କାରେ ବିକ୍ରି ଘଟଣା ମନରୁ ନ ଲିଭୁଣୁ ଗୁଣପୁର ଉପଖଣ୍ଡ ଡମ୍ବସରା ପଞ୍ଚାୟତ ତାରବେଲ ଗ୍ରାମର ଜଣେ ନାବାଳିକା ଜନ୍ମଦେଇଥିବା ୧୦ଦିନର ଶିଶୁପୁତ୍ରକୁ ବିକ୍ରି କରାଯାଇଛି। ଏହି ଘଟଣାରେ କେତେଜଣ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତ ☞ପୃଷ୍ଠା-୨

# ୧.୭୭ ଲକ୍ଷ ମୃତ ହିତାଧିକାରୀ ନାଁରେ ରାଶନ ଲୁଟ୍

**ଭୁବନେଶ୍ୱର,୨୭।୧୧ (ଅନିଲ ଦାସ)**

ରାଜ୍ୟରେ ଭୂତ ଖାଉଥିଲେ ରାଶନ ଚାଉଳ। ଇ-କେୱାଇସି ପ୍ରକ୍ରିୟା ବେଳେ ୧ ଲକ୍ଷ ୭୭ ହଜାର ୬୮ ମୃତ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଭାଜପା ସଭ୍ୟ ବିଧାୟକ ମାନସ ଦତ୍ତଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବୁଧବାର ବିଧାନସଭାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହା କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରୁ ମୃତ ହିତାଧିକାରୀଙ୍କ ନାଁରେ ରାଶନ ଲୁଟ୍ ହୋଇଥିବା ସ୍ପଷ୍ଟ ହୋଇଛି। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୨୦୨୪-୨୫ରେ ରାଶନ କାର୍ଡ ତଥ୍ୟାବଳୀକୁ ସ୍ୱଚ୍ଛ ଏବଂ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ଚାଲୁ କରାଯାଇଥିବା ଆଧାର ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାରେ ଏବେ ସୁଦ୍ଧା ୧,୭୭,୦୬୮ ଜଣ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ରାଶନ କାର୍ଡ ତଥ୍ୟାବଳୀରୁ ବାଦ୍ ଦିଆଯାଇଛି। ଆଧାର ଇ-କେୱାଇସି ଯାଞ୍ଚ ଏକ ସାମୟିକ ପ୍ରକ୍ରିୟା। ☞ପୃଷ୍ଠା-୨

# ସଂରକ୍ଷଣ ପାଇଁ ଧର୍ମ ପରିବର୍ତ୍ତନ ସମ୍ବିଧାନ ସହ ବିଶ୍ୱାସଘାତ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୭।୧୧(ପି.ଟି.)**

କୌଣସି ଧର୍ମ ପ୍ରତି ଆସ୍ଥା ନ ଥାଇ କେବଳ ସଂରକ୍ଷଣ ସୁବିଧା ହାସଲ ପାଇଁ ଧର୍ମ ପରିବର୍ତ୍ତନ କରିବା ସମ୍ବିଧାନ ସହ ବିଶ୍ୱାସଘାତ ବୋଲି ବୁଧବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ସି. ସେଲଭାରାନିଙ୍କ ବାପା ହିନ୍ଦୁ ହୋଇଥିବାବେଳେ ମା' ଖ୍ରୀଷ୍ଟିଆନ୍। ସେଲଭାରାନି ଜନ୍ମ ହେବାର କିଛି ଦିନ ପରେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ। ୨୦୧୫ରେ ପଣ୍ଡିଚେରୀରେ କିରାଣି ନିଯୁକ୍ତିରେ ସଂରକ୍ଷଣ ସୁବିଧା ହାସଲ ପାଇଁ ନିଜକୁ ହିନ୍ଦୁ ଦାବିକରି ତଫସିଲଭୁକ୍ତ ଜାତି (ଏସ୍‌ସି) ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ସେଲଭାରାନିଙ୍କ ବାପା ପୂର୍ବରୁ ଭଲ୍ଲୁଭନ୍ ଜାତି (ଏସ୍‌ସି ବର୍ଗ)ର ହୋଇଥିବାରୁ ଜାତିଗତ ପ୍ରମାଣପତ୍ର ପାଇଁ ନିଜକୁ ଦାବିଦାର ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ବାପା ଖ୍ରୀଷ୍ଟଧର୍ମ ଆପଣାଇଥିଲେ। ଏଭଳି ସ୍ଥିତିରେ ସେଲଭାରାନିଙ୍କୁ ଜାତିଗତ ପ୍ରମାଣପତ୍ର ନ ମିଳିବାରୁ ସେ ମାଡ୍ରାସ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜାନୁଆରୀ ୨୪ରେ ହାଇକୋର୍ଟ ସମ୍ପୃକ୍ତା ମହିଳାଙ୍କୁ ଜାତିଗତ ପ୍ରମାଣପତ୍ର ଦେବାକୁ ଅନୁମତି ପ୍ରଦାନ କରି ନ ଥିଲେ। ସେଲଭାରାନି ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ପଙ୍କଜ ମିଥଲ ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ମଙ୍ଗଳବାର ଏହା ଉପରେ ରାୟ ଦେଇଛନ୍ତି। ୨୧ ପୃଷ୍ଠା ସମ୍ବଳିତ ରାୟରେ ଖଣ୍ଡପୀଠ ☞ପୃଷ୍ଠା-୨

# ଗନ୍ଧମାର୍ଦ୍ଦନରେ ଆଦାନୀର ଜମିକିଣା ନେଇ ବିରୋଧୀ-ଶାସକ ମୁହାଁମୁହିଁ

**ଭୁବନେଶ୍ୱର,୨୭।୧୧(ଅନିଲ ଦାସ)**

ବରଗଡ଼ ଓ ବଲାଙ୍ଗୀର ଜିଲାକୁ ଲାଗି ରହିଥିବା ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଘରୋଇ କମ୍ପାନୀ ଆଦାନୀ ଗ୍ରୁପ୍‌ର ଜମିକିଣାକୁ ନେଇ ବିଧାନସଭାରେ ବିଜେଡି ଓ ଭାଜପା ମୁହାଁମୁହିଁ ହୋଇଛନ୍ତି। ବୁଧବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଜେଡିର ବରିଷ୍ଠ ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଗନ୍ଧମାର୍ଦ୍ଦନ ପାହାଡ଼ ସହିତ ହିନ୍ଦୁମାନଙ୍କର ଭାବାବେଗ ଜଡ଼ିତ ଅଛି। ରାବଣ ସହିତ ଯୁଦ୍ଧବେଳେ ଆହତ ଲକ୍ଷ୍ମଣଙ୍କ ଚିକିତ୍ସା ପାଇଁ ଗନ୍ଧମାର୍ଦ୍ଦନ ପାହାଡ଼ରୁ ହନୁମାନ ଔଷଧୀୟ ବୃକ୍ଷ ନେଇଥିବା ପୁରାଣରେ କୁହାଯାଇଛି। ଏହି ପାହାଡ଼କୁ ଏବେ ଘରୋଇ କମ୍ପାନୀ କବ୍‌ଜା କରିବାକୁ ବସିଛି। ଗନ୍ଧମାର୍ଦ୍ଦନ ପାହାଡ଼ରେ ୪୦୦ରୁ ଊର୍ଦ୍ଧ୍ୱ ଔଷଧୀୟ ବୃକ୍ଷ ଥିବାବେଳେ ପ୍ରଚୁର ପରିମାଣର ବକ୍ସାଇଟ ମହଜୁଦ ଅଛି। ଅନେକ ସମୟରେ ଏହି ପାହାଡ଼କୁ ଘରୋଇ କମ୍ପାନୀକୁ ଦେବାକୁ ଉଦ୍ୟମ ହୋଇଛି। ଏହାକୁ ନେଇ ୧୯୯୦ରେ ଆନ୍ଦୋଳନ ହୋଇଥିଲା। ସେହି ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଜନମତଙ୍କ ଚାପରେ ଚୁକ୍ତିକୁ ବାତିଲ କରିଥିଲେ। ଏବେ ଏକ ବହୁଦେଶୀୟ କମ୍ପାନୀ ଗନ୍ଧମାର୍ଦ୍ଦନ ପାଦଦେଶରେ ବହୁ ହଜାର ଏକର ଜମି କିଣି ସାରିଲାଣି। ଏହି କମ୍ପାନୀ ଭାରତବର୍ଷକୁ ସମଗ୍ର ବିଶ୍ୱରେ ନିନ୍ଦିତ କରିଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ବିଦେଶୀ ଆକ୍ରମଣ ଓ ସଂସ୍କୃତିରେ ପରିବର୍ତ୍ତନ

# ପ୍ରତି ୨୧ ଘଣ୍ଟାରେ ଗ୍ରହର ନୂଆ ବର୍ଷ

**ବ୍ରିସ୍‌ବେନ୍, ୨୭।୧୧**

ଜ୍ୟୋତିର୍ବିଜ୍ଞାନୀମାନେ ଆମ ସୌର ଜଗତ ବାହାରେ ଏକ ବିରଳ ଗ୍ରହର ଆବିଷ୍କାର କରିଛନ୍ତି, ଯାହାର ଗୋଟିଏ ବର୍ଷ ମାତ୍ର ୨୧ ଘଣ୍ଟାରେ ଶେଷ ହୋଇଥାଏ। 'ଟିଓଆଇ-୩୨୬୧ ବି' ନାମକ ଏହି ଗ୍ରହ ନେପଚ୍ୟୁନ ଆକାରର ହୋଇଥିବାବେଳେ ତା'ର ନକ୍ଷତ୍ର ମଣ୍ଡଳରେ ସୂର୍ଯ୍ୟଙ୍କ ଭଳି ନକ୍ଷତ୍ରଠାରୁ ଅତି ନିକଟରେ ରହିଥିବା ହେତୁ ଏହା ଅତ୍ୟଧିକ ଗରମ ଏବଂ ବାଷ୍ପୀୟ



ଗ୍ରହ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି। ଦକ୍ଷିଣ କ୍ୟୁଇନ୍ସଲାଣ୍ଡ ବିଶ୍ୱବିଦ୍ୟାଳୟର ଜ୍ୟୋତିର୍ବିଜ୍ଞାନୀ ଏମ୍ମା ନାବିଙ୍କ ନେତୃତ୍ୱରେ ବୈଜ୍ଞାନିକଙ୍କ ଏକ ଟିମ୍ ଏହି ବିରଳ ଗ୍ରହର ଆବିଷ୍କାର କରିଛନ୍ତି। 'ସର୍ଭାଇଭିଂ ଇନ୍ ଦି ହଟ୍ ନେପଚ୍ୟୁନ ଡେଜର୍ଟ' ଶୀର୍ଷକ ଏହି ଗବେଷଣାର ରିପୋର୍ଟ 'ଦି ଆଷ୍ଟ୍ରୋନୋମିକାଲ' ପତ୍ରିକାରେ ପ୍ରକାଶିତ ହୋଇଛି।

ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, 'ଟିଓଆଇ-୩୨୬୧ ବି' ଗ୍ରହ ତାରାଗୁଡ଼ିକର ଅତି ନିକଟ କକ୍ଷପଥରେ ଅତିକ୍ରମ କରିଥାଏ। ଫଳରେ ଏହା ମାତ୍ର ୨୧ ଘଣ୍ଟାରେ ବର୍ଷେ ପୂରଣ କରିଥାଏ। ଏହି ବୈଶିଷ୍ଟ୍ୟ ସମ୍ପ୍ରତି ଗ୍ରହଗୁଡ଼ିକର ଗଠନକୁ ନେଇ ☞ପୃଷ୍ଠା-୨

Scan to Apply
www.cutm.ac.in

THE RIGHT SKILLS LEAD TO
RIGHT DIAGNOSTIC OBSERVATIONS
MADE IN CENTURION
ACCREDITED WITH GRADE A+ NAAC
The career opportunities in the medical field are infinite. And at present, one of the most in-demand medical personnel are Allied Health Professionals (AHP). At Centurion University, we understand the importance of AHP. Our courses offer students hands-on experience in administration of anesthesia, providing diagnostic, technical, therapeutic and direct patient care and other support services and take the next step towards enhancing India's medical community.
FOR ADMISSIONS, CALL: 82600 77222
LEARN EXPERIENCE CHANGE
Centurion UNIVERSITY

PARAMEDICS & ALLIED HEALTH COURSES:

Certificate Courses:
- Ophthalmic Assistance
- Dialysis Technician
- Operation Theatre (OT) Technician
- Electrocardiogram (ECG) Technician
- Electroencephalogram (EEG) Technician
- Electromyography (EMG) Technician
- Blood Collection Technician
- Ward Technician
- Ophthalmic Surgical Assistant

Diploma Courses:
- Medical Laboratory Technology
- Medical Radiology Technology

Bachelor Courses:
- B.Sc. Medical Laboratory Technology
- B.Sc. Clinical Microbiology
- B.Sc. Medical Radiation Technology (Radiology)
- B.Sc. Operation Theatre Technology
- B.Sc. Optometry
- B.Sc. Anesthesia Technology
- B.Sc. Emergency Medicine Technology
- Bachelor in Physiotherapy
- Nursing

Masters Courses:
- M.Sc. in Medical Laboratory Technology
- M.Sc. in Applied & Clinical Microbiology
- M.Sc. Optometry

CAMPUSES: PARALAKHEMUNDI | BHUBANESWAR | VIZIANAGARAM | BOLANGIR | RAYAGADA | BALASORE | CHATRAPUR

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁ ପ୍ରସାଦ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁସ୍ତକ 'ଆଶାର ଆଲୋକ' ଉନ୍ମୋଚନ, ସ୍ଥାନ: ରାଜଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଉପଖଣ୍ଡ ସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ବାଲିଅନ୍ତା ବ୍ଲକ ଭିଙ୍ଗାରପୁରସ୍ଥିତ ଶ୍ରୀବକ୍ରେଶ୍ୱର ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ଟଙ୍କା ଗଛ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୨୮ତମ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଫେଷ୍ଟିଭାଲ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ଉପକୂଳଗତ ପରିବେଶ ସମ୍ବନ୍ଧୀୟ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଯାପନୀ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ସ୍ୱର୍ଗତଃ ମହେଶ୍ୱର ମହାନ୍ତିଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ବେଲଗଡ଼ିଆ, ରହଣିଆ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୨ଟା।

## କେନ୍ଦୁଝର

- ଗୋନାସିକା କେନ୍ଦୁଝର ମହୋତ୍ସବ ୨୦୨୪-୨୫ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ, ସ୍ଥାନ : ଦରବାର ହଲ, କେନ୍ଦୁଝର, ସମୟ: ଅପରାହ୍ନ ୨ ଟା।

## ମୟୂରଭଞ୍ଜ

- ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ଚଣ୍ଡିପାଠ, ସ୍ଥାନ:ବେତନଟୀ ବ୍ଲକ ଅଧୀନ, ବେତନଟୀ,ସମୟ: ସକାଳ ୯ଟା।
- ମଣ୍ଡଳସ୍ତରୀୟ ସର୍‌ଗି ଫୁଲ କାର୍ଯ୍ୟକ୍ରମ,ସ୍ଥାନ:ରାଣୀଭୋଳ ଉଚ୍ଚ ବିଦ୍ୟାଳୟ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

ଭଜନ କୀର୍ତ୍ତନ, ସ୍ଥାନ:ବେତନଟୀ ବ୍ଲକ ଅଧୀନ, ବେତନଟୀ,ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

- ଫଟୋଗ୍ରାଫି କର୍ମଶାଳା,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ

- ସରଗି ଫୁଲ ମହୋତ୍ସବ, ସ୍ଥାନ: ଫିରିଙ୍ଗିଆ ବ୍ଲକ ନେଡିପଦର ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ମରଣୋତ୍ସବ, ସ୍ଥାନ: ନୃସିଂହ ଟିକିରି ମଠ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।

## ଯାଜପୁର

- ଟାଟା ପାୱାର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ରସୁଲପୁର ବ୍ଲକ୍‌ର ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ସମୀକ୍ଷା ସମ୍ପର୍କିତ ଗ୍ରାମସଭା, ସ୍ଥାନ: ରସୁଲପୁର ବ୍ଲକ୍‌ର ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜନଆରୋଗ୍ୟ ସମିତି ବୈଠକ, ସ୍ଥାନ: ରସୁଲପୁର ବ୍ଲକ୍‌ର ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୨ଟା।

## ନୟାଗଡ଼

- ଗିରି ଗୋବର୍ଦ୍ଧନ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକର ସିଦ୍ଧାମୂଳା, ସମୟ:ସକାଳ ୮ଟା।
- ନିର୍ମାଣ ଓ ଅଣସଙ୍ଗଠିତ ଶ୍ରମିକମାନଙ୍କ ପାଇଁ ପଞ୍ଜୀକରଣ ଓ ସଚେତନତା ସଭା, ସ୍ଥାନ:ଦଶପଲ୍ଲା ବ୍ଲକର ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ:ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଗିରି ଗୋବର୍ଦ୍ଧନ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକର ସିଦ୍ଧାମୂଳା, ସମୟ:ସକାଳ ୮ଟା।
- ନିର୍ମାଣ ଓ ଅଣସଙ୍ଗଠିତ ଶ୍ରମିକମାନଙ୍କ ପାଇଁ ପଞ୍ଜୀକରଣ ଓ ସଚେତନତା ସଭା, ସ୍ଥାନ:ଦଶପଲ୍ଲା ବ୍ଲକର ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ:ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା

## ରାୟଗଡ଼ା

- ଚଇତି ଉପଲକ୍ଷେ ବିକାଶ ଏବଂ ପଲିଶ୍ରୀ ମେଳାର ସବ୍ କମିଟି ବୈଠକ, ସ୍ଥାନ: ରାୟଗଡ଼ା ଜିଲା ପରିଷଦ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ ଟା।
- ସାଂସ୍କୃତିକ ସବ୍ କମିଟି ବୈଠକ, ସ୍ଥାନ: ଚିନ୍ତନ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।
- ଭୂତଳ ଜଳ ଏବଂ ସ୍ୱଚ୍ଛତାର ସବ୍ କମିଟି ବୈଠକ, ସ୍ଥାନ: ମ୍ୟୁନିସିପାଲିଟି କନଫରେନ୍ସ ହଲ, ରାୟଗଡା, ସମୟ:ମଧ୍ୟାହ୍ନ ୧୨ ଟା।
- ପଣ୍ଡିତ ଆଶୀର୍ବାଦ ମହାରାଜଙ୍କ ପ୍ରବଚନ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର

- ଡାବୁଗାଁ ବ୍ଲକସ୍ତରୀୟ ମଣ୍ଡେଇ ଉତ୍ସବ, ସ୍ଥାନ: ବାବା ଭୈରବ ମନ୍ଦିର ନିକଟ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ବନ୍ଦନା ଆର୍ଟ କର୍ଣ୍ଣର ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ବଜାର ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- କାନାରା ବ୍ୟାଙ୍କ ଶାଖା ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବିନିକା ଗଜପତି ନଗର, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ବରଗଡ଼ ପୁସ୍ତକମେଳାରେ ସାଂସ୍କୃତିକ ବିଚିତ୍ରା, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।
- ବରଗଡ଼ ପୁସ୍ତକମେଳାରେ ହାସ୍ୟକବି ସମ୍ମିଳନୀ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## ରାଉରକେଲା

- କିଡ୍ସ ଫେଷ୍ଟିଭାଲ୍ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଝିରପାଣି, ସମୟ: ସନ୍ଧ୍ୟା ୬ଟା।
- ଶୌଚାଳୟ ସମସ୍ୟା ନେଇ ଆର୍‌ଏମ୍‌ସି କମିଶନରଙ୍କୁ ଭେଟିବେ ମାଲଗୋଦାମବାସୀ, ସ୍ଥାନ: ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ବ୍ଲକ ସ୍ତରୀୟ ତ୍ରି ଦିବସ ପ୍ରଶିକ୍ଷଣ ଶିବିର, ସ୍ଥାନ:ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ତିଲେଇବନି ବ୍ଲକ:ସମୟ ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ପ୍ରଧାନପାଟ ଫୁଟବଲ କପ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ:ଅପରାହ୍ନ ୨ଟା୪୫।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ:ସନ୍ଧ୍ୟା ୬ଟା୩୦।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ,ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ସାଧାରଣ ବୈଠକ, ସ୍ଥାନ: ଭବାନୀପାଟଣା କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।


## ବୌଦ୍ଧ

- ଅଷ୍ଟମ ଅଲ୍ ଓଡିଶା ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ, ସ୍ଥାନ: କଣ୍ଠାମାଳ ମହାବିଦ୍ୟାଳୟ ଖେଳପଡିଆ, କଣ୍ଠାମାଳ, ସମୟ: ଅପରାହ୍ନ ୩ଟା।

# ପ୍ରଥମ ପୃଷ୍ଠାରୁ...

## ପ୍ରତି ୨୧ ଘଣ୍ଟାରେ ...

ରହିଥିବା ପ୍ରଚଳିତ ତତ୍ତ୍ୱକୁ ଚ୍ୟାଲେଞ୍ଜ କରୁଛି। ସାଧାରଣତଃ ତାରାଗୁଡ଼ିକର ଏତେ ନିକଟରେ ଘନ ଗ୍ୟାସୀୟ ବାୟୁମଣ୍ଡଳକୁ ବଜାୟ ରଖିବା କୌଣସି ଗ୍ରହ ପାଇଁ କଷ୍ଟକର ହୋଇପଡ଼ିଥାଏ। କିନ୍ତୁ ତାହା 'ଟିଓଆଇ-୩୨୬୧ ବି' ଗ୍ରହ କ୍ଷେତ୍ରରେ ସମ୍ଭବ ହୋଇପାରିଛି। ବୈଜ୍ଞାନିକମାନେ ଅନୁମାନ କରିଛନ୍ତି, ପ୍ରାରମ୍ଭିକ ସମୟରେ ଏହି ଗ୍ରହ ସବୁଠୁ ବଡ଼ ବୃହସ୍ପତି ଗ୍ରହ ଆକାରର ରହିଥିଲା। ତେବେ ପରେ ଏହା ନିଜର ଗୁରୁତ୍ୱପୂର୍ଣ୍ଣ ଅଂଶ ହରାଇଥିଲା। ନେପଚ୍ୟୁନଠାରୁ ୨ ଗୁଣା ଅଧିକ ଘନ ହୋଇଥିବା 'ଟିଓଆଇ-୩୨୬୧ ବି' ଗ୍ରହରେ ସମ୍ପ୍ରତି କେବଳ ଭାରୀ ବାୟୁ ମଣ୍ଡଳୀୟ ଉପାଦାନଗୁଡ଼ିକ ରହିଛି। ଏହାର ବୈଶିଷ୍ଟ୍ୟ ସୌର ଜଗତ ବାହାରେ ଗ୍ରହ ଗଠନ ସମ୍ବନ୍ଧିତ ପରବର୍ତ୍ତୀ ଅଧ୍ୟୟନ ପାଇଁ ଅନନ୍ୟ ସୁଯୋଗ ପ୍ରଦାନ କରୁଛି। ଅଧ୍ୟୟନ ଅନୁଯାୟୀ, ଆମେରିକୀୟ ମହାକାଶ ସଂସ୍ଥା(ନାସା)ର 'ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ'କୁ ବ୍ୟବହାର କରି 'ଟିଓଆଇ-୩୨୬୧ ବି' ଗ୍ରହର ବାୟୁମଣ୍ଡଳୀୟ ବିଶ୍ଳେଷଣ କରାଯାଇପାରିବ। ତେବେ କେବଳ 'ଟିଓଆଇ-୩୨୬୧ ବି' ନୁହେଁ ୨୦୨୦ ପରେ 'ଏଲ୍‌ଟିଟି-୯୭୭୯ବି', 'ଟିଓଆଇ-୮୪୯ ବି', 'ଟିଓଆଇ ୩୩୨ ବି' ପରି ଗ୍ରହର ଆବିଷ୍କାର ହୋଇଛି, ଯାହାର ବୈଶିଷ୍ଟ୍ୟ ଗ୍ରହ ନିର୍ମାଣ ଏବଂ ବିକାଶ ପାଇଁ ରହିଥିବା ପାରମ୍ପରିକ ବୈଜ୍ଞାନିକ ତତ୍ତ୍ୱଠାରୁ ଭିନ୍ନ ରହିଛି। 'ଟିଓଆଇ-୩୨୬୧ ବି' ଗ୍ରହକୁ ନେଇ ଅଧିକ ଅଧ୍ୟୟନ ଦ୍ୱାରା ସୌର ଜଗତ ବାହାରେ ଗରମ ଏବଂ ବିଶାଳ ଗ୍ରହ ଗଠନ ନେଇ ଭୌତିକ ପ୍ରକ୍ରିୟା ସମ୍ବନ୍ଧିତ ଗଭୀର ଜ୍ଞାନ ଆରୋହଣ କରିବାକୁ ମିଳିବ ବୋଲି ବୈଜ୍ଞାନିକମାନେ ଆଶା ପ୍ରକଟ କରିଛନ୍ତି।




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଣେ ମଣିଷ ପୋଷିଲେ ଯେ,**
**ଘରେ ହାତୀ ପୋଷିଲେ ସେ ।**

ଜଣକୁ ଖୁଆଇ ପିଆଇ ମଣିଷ କରାଇବାରେ ବହୁ ଅର୍ଥ ତଥା ଖାଦ୍ୟ ପେୟର ଆବଶ୍ୟକତା ପଡ଼ିଥାଏ । ସୁସ୍ଥ ସବଳ ରହିବାପାଇଁ ସୁଷମ ଖାଦ୍ୟ ଲୋଡ଼ା। ଜଣେ ମଣିଷର ଭରଣପୋଷଣ ନିମିତ୍ତ ଅଧିକ ଖର୍ଚ୍ଚର ଆବଶ୍ୟକତା ରହୁଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜାଉ ଖାଇବ ନା**
**ମାଛି ହୁରୁଡ଼େଇବ ।**

ଜଣେ ବ୍ୟକ୍ତି ଏକ ସମୟରେ ଦୁଇଟି କାର୍ଯ୍ୟ କରିପାରନ୍ତି ନାହିଁ । ପ୍ରତ୍ୟେକ କାର୍ଯ୍ୟର ସଫଳ ରୂପାୟନ ପାଇଁ ତାକୁ ସେତିକି ନିଷ୍ଠା ଓ ଦାୟିତ୍ୱ ସହ ସମୟ ଦେବାକୁ ପଡ଼ିଥାଏ । ତେଣୁ ଦୁଇଟି କାର୍ଯ୍ୟ ଏକସଙ୍ଗରେ କରିବା ନିହାତି କଷ୍ଟସାଧ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଭୁବନେଶ୍ୱରରେ ଶିଶୁକନ୍ୟା ...

**ଗିରଫ ହୋଇଥିବା ଅଭିଯୁକ୍ତମାନେ**



ଗୁଡ଼ିଆ ଦେବୀ | ସୁବୋଧ ଶର୍ମା | ପ୍ରଶାନ୍ତ କୁମାର ସାହୁ | ରଶ୍ମିରେଖା ସାହୁ | ଜଲି ଲେଙ୍କା | ରଘୁନାଥ ବେହେରା | ପ୍ରିୟଦର୍ଶିନୀ ବେହେରା

ନ ଥିବାବେଳେ ଅର୍ଥାଭାବ କିମ୍ବା ପାରିବାରିକ କଳହରୁ ଏଭଳି କରାଯାଇଥାଇପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି -୪ କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଚାଇଲ୍‌ଡ ଲାଇନ୍ ଜରିଆରେ ଉକ୍ତ ଶିଶୁକନ୍ୟାକୁ ଆଇଗିଣିଆସ୍ଥିତ ସୁଭଦ୍ରା ମହତାବ ସେବା ସଦନରେ ରଖାଯାଇଛି।

ମିଳିଥିବା ସୂଚନାନୁସାରେ, ଗୁଡ଼ିଆଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସୁବୋଧଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଫଳରେ ସୁବୋଧ ସ୍ତ୍ରୀ ଗୁଡ଼ିଆ ଏବଂ ସାବତ ଝିଅକୁ ନେଇ ବଡ଼ଟାଙ୍ଗୀ ସାହିରେ ଭଡ଼ାରେ ରହୁଥିଲେ। ସୁବୋଧ ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣିରେ ଥିବା ଏକ କାଠ କାରଖାନାରେ କାମ କରି ପରିବାର ଚଳାନ୍ତି। ହେଲେ ଶିଶୁକନ୍ୟାଟି ଗୁଡ଼ିଆଙ୍କ ପ୍ରଥମ ସ୍ୱାମୀଙ୍କ ଛୁଆ ହୋଇଥିବାରୁ ସୁବୋଧ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରି ଘରେ ବିଭିନ୍ନ ସମୟରେ କଳହ କରୁଥିଲେ। ଏପରିକି ଝିଅକୁ ଅନାଥାଶ୍ରମରେ ରଖିବାକୁ ସୁବୋଧ ନିଷ୍ପତ୍ତି ନେଇଥିଲେ। ହେଲେ ସେଥିରେ ସଫଳ ହୋଇ ନ ପାରିବାରୁ ସ୍ତ୍ରୀ ଗୁଡ଼ିଆଙ୍କ ପ୍ରରୋଚନାରେ ଝିଅକୁ ବିକ୍ରି କରିବା ପାଇଁ ଯୋଜନା କରିଥିଲେ। ଏନେଇ ସେମାନଙ୍କ ଘର ପାଖରେ ରହୁଥିବା ଜଲିଙ୍କୁ କହିଥିଲେ। ଜଲି ସେଇ ସାହିରେ ରହୁଥିବା ରଶ୍ମିରେଖା ଓ ତାଙ୍କ ସ୍ୱାମୀ ପ୍ରଶାନ୍ତଙ୍କ ସହ ଯୋଗାଯୋଗ କରିଥିଲେ। ପରେ ନିଃସନ୍ତାନ ଥିବା ପୁରୀ ଜିଲା ପିପିଲି ଅଞ୍ଚଳର ରଘୁନାଥ ଓ ତାଙ୍କ ସ୍ତ୍ରୀଙ୍କ ସହ କଥାବାର୍ତ୍ତା ହୋଇଥିଲା। ଜଲିଙ୍କ କଥାରେ ପିପିଲିର ରଘୁନାଥ ଏବଂ ତାଙ୍କ ସ୍ତ୍ରୀ ଭୁବନେଶ୍ୱର ଆସିଥିଲେ। ଏପଟେ ପ୍ରଶାନ୍ତ ଓ ତାଙ୍କ ସ୍ତ୍ରୀ ରଶ୍ମିରେଖା ମଧ୍ୟସ୍ଥ ସାଜି ସୁବୋଧ ଏବଂ ଗୁଡ଼ିଆଙ୍କୁ ଶିଶୁ ବିକ୍ରି ନିମନ୍ତେ ପ୍ରବର୍ତ୍ତାଇଥିଲେ। ପ୍ରଶାନ୍ତ, ରଶ୍ମିରେଖା ଏବଂ ଜଲି ପ୍ରଥମେ ରଘୁନାଥଙ୍କୁ ଫୋନ କରି ୬୦ ହଜାରରେ ଝିଅ ବିକ୍ରି ସମ୍ପର୍କରେ କଥା ହୋଇଥିଲେ। ବହୁ ମୂଲଚାଲ ପରେ ୪୦ ହଜାର ଟଙ୍କାରେ ଡିଲ୍ ହେବାପରେ ସୁବୋଧ ଏବଂ ଗୁଡ଼ିଆ ପିପିଲିର ଦମ୍ପତିଙ୍କ ହାତକୁ ଶିଶୁକନ୍ୟାକୁ ଟେକି ଦେଇଥିଲେ। ସେମାନେ ଶିଶୁକନ୍ୟାକୁ ନେଇ ପିପିଲି ଯାଉଥିଲେ। ସେପଟେ କାଠ କାରଖାନା ମାଲିକ କୌଣସିମତେ ଖବରପାଇ ସୁବୋଧ ଓ ତାଙ୍କ ସ୍ତ୍ରୀଙ୍କୁ ପଚାରିଥିଲେ। ହେଲେ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ କାଠ କାରଖାନା ମାଲିକ ସନ୍ଦେହ କରି ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ପ୍ରଥମେ ସୁବୋଧ ଓ ତାଙ୍କ ସ୍ତ୍ରୀଙ୍କୁ ଉଠାଇ ଆଣି ପଚରାଉଚରା କରୁଥିବାବେଳେ ଅନ୍ୟ ଏକ ଟିମ୍ ତୁରନ୍ତ ପିଛା କରି ପୁରୀ-ପିପିଲି ରାସ୍ତାର ଅଧାବାଟରୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରିବା ସହ ପିଲାକୁ ନେଉଥିବା ଦମ୍ପତିଙ୍କୁ ଥାନାକୁ ଆଣିଥିଲା। ଏହାପରେ ଦମ୍ପତିଦ୍ୱୟ ମଧ୍ୟସ୍ଥଙ୍କ ଜରିଆରେ ଏହି କାମ କରିଥିବା କହିବା ପରେ ପୋଲିସ ଜଲି, ପ୍ରଶାନ୍ତ ଓ ରଶ୍ମିରେଖାଙ୍କୁ ମଧ୍ୟ ଥାନାକୁ ଆଣି ଜେରା କରିବାରୁ ସବୁ ଦୋଷ ସେମାନେ ସ୍ୱୀକାର କରିଥିଲେ। ପୋଲିସ ସେମାନଙ୍କଠାରୁ ୧୫ ହଜାର ଟଙ୍କା ଓ ବିକ୍ରିର ଏକ କାଗଜପତ୍ର ଜବତ କରିଛି।

## ରାୟଗଡ଼ାରେ ପୁଣି ...

ଥିବା ସନ୍ଦେହ କରାଯାଉଛି। ଘଟଣା ଅନୁଯାୟୀ, ତାରବେଲର ଜଣେ ନାବାଳିକା ୧୫।୩।୨୪ରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଏହାର ୧୦ ଦିନ ପରେ ନାବାଳିକାଙ୍କ ପରିବାର ଲୋକେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀ ଓ ଡାକ୍ତରଙ୍କ ସହାୟତାରେ ଡମ୍ବସରା ପଞ୍ଚାୟତର ଭୁଲୁଶୁଣ୍ଢୀ ଗ୍ରାମର ଦମ୍ପତିଙ୍କୁ ଶିଶୁପୁତ୍ରକୁ ବିକ୍ରି କରିଥିଲେ। ଦମ୍ପତି ଶିଶୁକୁ ନେବା ପରେ ଭୁଲୁଶୁଣ୍ଢୀ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଜନ୍ମ ଓ ମୃତ୍ୟୁ ରେଜିଷ୍ଟରରେ ତା'ର ଜନ୍ମ ୩୦।୩।୨୪ ବୋଲି ଉଲ୍ଲେଖ କରିଥିଲେ। ଏହାକୁ ନେଇ ଅଙ୍ଗନୱାଡି କେନ୍ଦ୍ରରେ ସନ୍ଦେହ ହେବାରୁ ସେମାନେ ଶିଶୁ ସୁରକ୍ଷା ବିଭାଗକୁ ଖବର ଦେଇଥିଲେ। ଦମ୍ପତି ଶିଶୁକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବା କହିବା ପରେ ଗତ ୨ ମାସ ତଳେ ୨ ଥର ତଦନ୍ତ କରିଥିଲେ। ହେଲେ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରାଯାଉଥିବା ଏବଂ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ୨୦ ଦିନ ତଳେ ସୋସାଇଟି ଫର୍ ଫାଷ୍ଟ ଜଷ୍ଟିସ୍ ନାମକ ସଙ୍ଗଠନ ତରଫରୁ ଏକ ଲିଖିତ ଅଭିଯୋଗ ରାୟଗଡ଼ା ଜିଲାପାଳଙ୍କ ନିକଟରେ ହୋଇଥିଲା। ଜିଲାପାଳ ଏ ନେଇ କ'ଣ ପଦକ୍ଷେପ ନେଇଛନ୍ତି ସେନେଇ କିଛି ସ୍ପଷ୍ଟୀକରଣ ରଖି ନ ଥିବା ସୋସାଇଟି ଫର୍ ଫାଷ୍ଟ ଜଷ୍ଟିସ୍‌ର ସଦସ୍ୟ ସୂଚନା ଦେଇଛନ୍ତି। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏବେ ଏହାର ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏ ନେଇ ଗୁଣପୁର ସିଡିପିଓ ସୁଷମା ପ୍ରସାଦଙ୍କ ସହ ଯୋଗାଯୋଗ କରିବାରୁ, ଶିଶୁ ବିକ୍ରି ନେଇ କୌଣସି ଅଭିଯୋଗ ନ ଥିବାବେଳେ ବେଆଇନ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇଥିବା ସେ କହିବା ସହ ଏହାର ତଦନ୍ତ ଚାଲିଥିବା କହିଛନ୍ତି।

## ଗନ୍ଧମାର୍ଦ୍ଦନରେ ଆଦାନୀର ...

କୁହାଯାଉଛି କିଣାଯାଇଥିବା ଜମିରେ ଆଦାନୀ ନୂଆ ଜଙ୍ଗଲ ସୃଷ୍ଟି କରିବ। ଏହା ସତେଯେମିତି ସମୁଦ୍ରରେ ଜଳାଶୟ କରିବା ଭଳି ଲାଗୁଛି। ବିବିଧତାଭରା ଏହି ପାହାଡ଼କୁ ବହୁ ହଜାର ପରିଦର୍ଶକ ବୁଲିବାକୁ ଯାଉଛନ୍ତି। ୧୦ ଏକରରୁ ଅଧିକ ଜମି କିଣିଲେ ସରକାରଙ୍କ ଅନୁମୋଦନ ନେବାକୁ ପଡ଼େ। ଗନ୍ଧମାର୍ଦ୍ଦନ ପାହାଡ଼ରୁ ବକ୍ସାଇଟ ଖନନ ପାଇଁ କାହାକୁ ଦେବାକୁ ଲକ୍ଷ୍ୟ ରଖାଯାଇଛି କି। ଏନେଇ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ । ଯଦି ଆଦାନୀ ଗ୍ରୁପକୁ ଜମି କିଣିବାକୁ ସରକାର ଅନୁମତି ଦେଇନାହାନ୍ତି ତେବେ ସରକାର ସେ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ନେବେ କି। ନଚେତ ଗାଁ ଗାଁରେ ଜନଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ସେ କହିଛନ୍ତି।

ଭାଜପା ସଦସ୍ୟ ତଥା ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ କହିଛନ୍ତି, ଜମି କିଣିବାକୁ ବିଜେଡି ସରକାର ଅନୁମତି ଦେଇଛନ୍ତି। ମୋହନ ମାଝୀ ସରକାର କାରଖାନା କରିବାକୁ କୌଣସି କମ୍ପାନୀକୁ ଗନ୍ଧମାର୍ଦ୍ଦନ ପାହାଡ଼ ଦେବନାହିଁ। ଯଦି ଦିଏ ତେବେ ମୁଁ ଆପଣଙ୍କ ସହ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବି। ବିଜେଡି ସରକାର ଆଦାନୀକୁ ସେହି ଜମି ଦେଇଛନ୍ତି। ଗୃହରେ ବିଜେଡି ସଦସ୍ୟ ସ୍ୱୀକାର କରନ୍ତୁ ଯେ, ଆଦାନୀକୁ ଜମି କିଣିବାକୁ ବିଜେଡି ସରକାର ଅନୁମତି ଦେଇଥିଲେ। ରାମାୟଣ ସମୟରୁ ଗନ୍ଧମାର୍ଦ୍ଦନର ଗୁରୁତ୍ୱ ରହିଛି। ଆମ ସଂସ୍କୃତିକୁ ଭଙ୍ଗ କରିବା ପାଇଁ କାହାକୁ ଦିଆଯିବ ନାହିଁ। ଆପଣଙ୍କ ସହ ଆମେ ମଧ୍ୟ ଆନ୍ଦୋଳନରେ ଛିଡ଼ା ହେବୁ ବୋଲି କେ.ଭି. କହିଛନ୍ତି ।

ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, ଗନ୍ଧମାର୍ଦ୍ଦନ ପାହାଡ଼କୁ ୧୯୮୩ରେ ବାଲ୍‌କୋ କମ୍ପାନୀକୁ କିଏ ଦେଇଥିଲେ। ସେଠାରେ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ୧୧ ବର୍ଷ ଧରି ଆନ୍ଦୋଳନ ଚାଲିବା ପରେ ଚୁକ୍ତିକୁ ବାତିଲ କରାଯାଇଥିଲା। ସେହି ପାହାଡ଼ ଜୈବବିବିଧତା ପାଇଁ ପ୍ରସିଦ୍ଧ। ଯେଉଁମାନେ କାନ୍ଦୁଛନ୍ତି ସେହିମାନେ ହିଁ ଜମି ଦେଇଛନ୍ତି ବୋଲି ଟଙ୍କଧର କହିଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରସନ୍ନଙ୍କ ଅଭିଯୋଗର କଡ଼ା ଜବାବ ଦେଇ କହିଛନ୍ତି, ୧୯୮୩ରେ କଂଗ୍ରେସ ସରକାର ଗନ୍ଧମାର୍ଦ୍ଦନରୁ ବକ୍ସାଇଟ୍ ଉତ୍ତୋଳନ କରିବାକୁ ବାଲ୍‌କୋ କମ୍ପାନୀ ସହ ଚୁକ୍ତିନାମା କରିଥିଲେ। ସେହି ସମୟରେ ପ୍ରସନ୍ନ ବାବୁ, ମୁଁ ଏବଂ ଜୟନାରାୟଣ ମିଶ୍ରଙ୍କ ଭଳି ଅନେକ ନେତା ଏହାକୁ ବିରୋଧ କରିଥିଲୁ। ୧୯୯୧ରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ହେଲେ। ସେ ମଧ୍ୟ ବାଲ୍‌କୋ ସହ ଚୁକ୍ତି କରିଥିଲେ। ସମସ୍ତ ଚୁକ୍ତି ରାଜସ୍ୱ ବିଭାଗରେ ରହିଛି, କହିଲେ ମୁଁ ତାହା ପ୍ରମାଣ ସହ ଦେଇଦେବି। ସେତେବେଳେ କଂଗ୍ରେସକୁ ହଟାଇବା ପାଇଁ ଜନତା ଦଳ ସହ ମେଣ୍ଟ କରିଥିଲୁ। ପରବର୍ତ୍ତୀ ସମୟରେ ବିଜେଡି ମଧ୍ୟ ଧୋକା ଦେଲା। ଆପଣ ବନ୍ଧୁକଥା ଛାଡ଼ନ୍ତୁ ଶତ୍ରୁ ପଦବାଚ୍ୟ ମଧ୍ୟ ନୁହନ୍ତି। ଲୋକଙ୍କ ଭାବାବେଗକୁ ହତ୍ୟାକରି କୌଣସି କମ୍ପାନୀକୁ ଆମ ସରକାର କେବେ ଜମି ଦେବନାହିଁ। ପର୍ଯ୍ୟଟନ ଓ ସେଠାରେ ଥିବା ନୃସିଂହନାଥଙ୍କ ସୁରକ୍ଷା ପ୍ରତି କୌଣସି ସାଲିସ କରାଯିବ ନାହିଁ ବୋଲି ସେ କହିଛନ୍ତି।

## ସଂରକ୍ଷଣ ପାଇଁ ଧର୍ମ ପରିବର୍ତ୍ତନ ...

କହିଛନ୍ତି, ଜଣେ ବ୍ୟକ୍ତି ଯେତେବେଳେ ଏକ ଧର୍ମର ସିଦ୍ଧାନ୍ତ ଓ ଧର୍ମୀୟ ବିଚାରଧାରାକୁ ନେଇ ବାସ୍ତବରେ ଅନୁପ୍ରାଣିତ ହୋଇଥାନ୍ତି, ସେତେବେଳେ ସେ ନିଜ ଧର୍ମରୁ ସମ୍ପୃକ୍ତ ଧର୍ମକୁ ପରିବର୍ତ୍ତିତ ହୋଇଥାନ୍ତି। କିନ୍ତୁ ଧର୍ମ ପରିବର୍ତ୍ତନର ଉଦ୍ଦେଶ୍ୟ କେବଳ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ତାକୁ ଅନୁମତି ଦିଆଯାଇପାରିବ ନାହିଁ। ମହିଳା ଜଣକ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିବା ପରେ ମଧ୍ୟ ନିଜକୁ ହିନ୍ଦୁ ବୋଲି ଦାବି କରୁଛନ୍ତି। ଏହି ଆଧାରରେ ସେ ନିଯୁକ୍ତି ଲକ୍ଷ୍ୟରେ ଏସ୍‌ସି ପ୍ରମାଣପତ୍ର ମାଗୁଛନ୍ତି। ଏଭଳି ଦ୍ୱୈତ ଦାବି ଗ୍ରହଣୀୟ ନୁହେଁ। ତାଙ୍କୁ ଜାତିଗତ ପ୍ରମାଣପତ୍ର ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।

ଖଣ୍ଡପୀଠ ଆହୁରି କହିଛନ୍ତି, ସଂରକ୍ଷଣ ସୁବିଧା ହାସଲ ଲାଗି ବିନା କୌଣସି ଆସ୍ଥାରେ ନିଜ ଧର୍ମ ବଦଳାଇବା ସଂରକ୍ଷଣ ନୀତିର ମୌଳିକ ସାମାଜିକ ଉଦ୍ଦେଶ୍ୟକୁ ନ୍ୟୂନ କରିଦିଏ। ମହିଳାଙ୍କ ଏପରି କାର୍ଯ୍ୟ ବଞ୍ଚିତ ବର୍ଗଙ୍କ ଉତ୍ଥାନ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ନୀତିର ପରିପନ୍ଥୀ। ଜଣେ ବ୍ୟକ୍ତି ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପରେ ନିଜ ଜାତିଗତ ପରିଚୟ ହରାଇ ଦେଇଥାଏ। ଏଭଳି ସ୍ଥିତିରେ ସେ କେଉଁ କାରଣରୁ ଧର୍ମ ପରିବର୍ତ୍ତନ କରିଥିଲେ ତାହାର ଯୁକ୍ତିଯୁକ୍ତ ପ୍ରମାଣ ଦେବେ। ଏଥିସହ ପୁଣି ମୂଳ ଧର୍ମକୁ ଫେରିଆସିଥିବା ନେଇ ମଧ୍ୟ ପ୍ରମାଣ ଦାଖଲ କରିବେ, ଯାହାକି ଆବେଦନକାରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିନାହିଁ। ତେଣୁ ତାଙ୍କ ପିଟିଶନକୁ ଖାରଜ କରାଯାଇଥିବା ଖଣ୍ଡପୀଠ କହିଛନ୍ତି।

## ୧.୭୭ ଲକ୍ଷ ମୃତ...

ଅଦ୍ୟାବଧି ସମୁଦାୟ ୩,୩୬,୩୫,୯୧୮ ପିଡିଏସ୍ ହିତାଧିକାରୀଙ୍କ ମଧ୍ୟରୁ ଏବେ ସୁଦ୍ଧା ୨ କୋଟି ୬୯ ଲକ୍ଷ ୨୩ ହଜାର ୮୩୦ ହିତାଧିକାରୀଙ୍କ କେୱାଇସି ଯାଞ୍ଚ ସରିଲାଣି। ଇ-କେୱାଇସି ଯାଞ୍ଚ ସମୟରେ ଚିହ୍ନିତ ହେଉଥିବା ମୃତ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ଆଗକୁ ପୁଣି ଯେତେ ସ୍ଥାନ ଖାଲି ହେବ, ସେହି ସ୍ଥାନରେ ଯୋଗ୍ୟ ଆବେଦନକାରୀଙ୍କୁ ନୂତନ ରାଶନ କାର୍ଡ ଯଥାଶୀଘ୍ର ଯୋଗାଇ ଦିଆଯିବ। ଏବେ ବି ୬ ଲକ୍ଷ ୧୯ ହଜାର ୮ ଶହ ୩୬ ନୂଆ କାର୍ଡ ପାଇଁ ଆବେଦନ କରି ଅପେକ୍ଷାରେ ଥିବା ମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ମଙ୍ଗଳଙ୍କ ଦୃଷ୍ଟିରେ ଚନ୍ଦ୍ର ରହୁଥିବାରୁ ଯେମିତି ଭାବୁଥିବେ ତାହା ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ଆପଣଙ୍କ କାମରେ ଯୋଗଦେବା ପାଇଁ ଘରକୁ ବନ୍ଧୁମାନେ ଆସିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସଭାସମିତିରେ ନିଜର ସୀମା ଭିତରେ ରହିବା ଭଲ ନଚୁବା ସାଧାରଣ କଥାରେ ମଧ୍ୟ ସମସ୍ୟା ଆସିପାରେ।

**ବୃଷ** — ଚନ୍ଦ୍ରଙ୍କ କୋଣସ୍ଥାନରେ ଶନି ଅବସ୍ଥାନ କରିଥିବାରୁ ନୂତନ କର୍ମାରମ୍ଭ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ସଭାସମିତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହୋଇଯିବ। ରବି ନୀଚସ୍ଥ ହେତୁ ପାରିବାରିକ ଜୀବନ ସମସ୍ୟାବହୁଳ ରହିବ।

**ମିଥୁନ** — ରାଶିର ଷଷ୍ଠସ୍ଥ ବୁଧ ଓ କୋଣସ୍ଥ ଚନ୍ଦ୍ରଙ୍କ ସ୍ଥିତିଜନିତ ଅଭିଳଷିତ କର୍ମ ସମ୍ପାଦନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସରକାରୀ କ୍ଷେତ୍ରରୁ ଋଣସୂତ୍ରରେ ଅର୍ଥଲାଭର ଆଶା ରହିଛି। ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରି ଉପକୃତ ହୋଇପାରନ୍ତି।

**କର୍କଟ** — ଚନ୍ଦ୍ର କେନ୍ଦ୍ରରେ କର୍ମାଧିପ ରାଶିସ୍ଥ ହେତୁ କୌଣସି ନୂତନ କର୍ମାରମ୍ଭ କରି ଖୁସି ରହିବେ। ସମସ୍ୟାର ଆଶଙ୍କା ଥିବାରୁ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ପ୍ରଶାସନ, ଆଲୋଚନା ଓ ସଭାସମିତିରେ ସଫଳତା ପାଇବେ। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି।

**ସିଂହ** — ରବିଙ୍କ ଚତୁର୍ଥ କେନ୍ଦ୍ର ସ୍ଥିତି ଦୈହିକ ଦୁର୍ବଳତାଜନିତ ସୁଯୋଗ ପାଇଲେ ମଧ୍ୟ କାର୍ଯ୍ୟ ହାସଲ ହୋଇ ନ ପାରେ। ପାରିବାରିକ ସମସ୍ୟା ଚିନ୍ତାକରି ଶାନ୍ତି ବ୍ୟାହତ ହେବ। ପରୋକ୍ଷ ଶତ୍ରୁତା କାରଣରୁ ଟେନ୍ସନ ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବାର ଆଶା ରହିଛି।

**କନ୍ୟା** — ସମସ୍ୟା ଲାଗିରହିଥିବାରୁ ନିକଟ ସମ୍ପର୍କୀୟଙ୍କ ସହଯୋଗରେ ଅର୍ଥପ୍ରାପ୍ତିର ଆଶା କରିପାରନ୍ତି। ଉତ୍ତରା ଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ସମୟ ଅନୁକୂଳ ନ ଥିବାରୁ ଯେକୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବ୍ୟବସାୟିକ ସ୍ଥିତି ଭଲ ରହିଥିଲେ ମଧ୍ୟ ଋଣଭାରକୁ ଶୁଝିବା କଷ୍ଟକର ହେବ।

**ତୁଳା** — କର୍ମାଧିପତି ରାଶିରେ ଅବସ୍ଥାନ କରି ଆପଣଙ୍କୁ କର୍ମମୁଖର କରାଇବେ। ପରିବାର ଭିତରେ ସାଧାରଣ କଥାକୁ ନେଇ ବିବାଦ ଲାଗିପାରେ। କେତେକ ଅପୂରଣୀୟ ଆଶା ମନରେ ଆଲୋଡନ ସୃଷ୍ଟି କରିବ। ଆଜି ବାଣିଜ୍ୟ ଓ ବ୍ୟବସାୟ, ଆନୁଷ୍ଠାନିକ କାମରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧିର ସୂଚନା ରହିଛି।

**ବିଛା** — ନିଜ ପରିସରରେ ଲୋକସମ୍ପର୍କ ଅବ୍ୟାହତ ରହିବା ଯୋଗୁ କାମଟି ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ବନ୍ଧୁ ପରିଜନଙ୍କ ସହିତ ଆଜିର ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। ଉପରିସ୍ଥଙ୍କ ସାହାଯ୍ୟ ହେତୁ ଅର୍ଥ ପ୍ରାପ୍ତିର ଆଶା ନିରର୍ଥକ ହେବ ନାହିଁ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠା ପ୍ରତି ସହକର୍ମୀମାନେ ଈର୍ଷାନ୍ୱିତ ହୋଇପାରନ୍ତି।

**ଧନୁ** — କର୍ମକ୍ଷେତ୍ରରେ ଶନିଙ୍କ ପ୍ରଭାବରୁ ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ପାଇ କାମ ହାସଲ କରିବେ। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ସୃଷ୍ଟି ହେବ। ଭ୍ରମଣ ଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ।

**ମକର** — କର୍ମକ୍ଷେତ୍ରରେ ସହକର୍ମୀ ଏବଂ ଯାତ୍ରା ସମୟରେ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଲକ୍ଷ୍ୟ ପୂରଣ ହେବ। ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁଙ୍କୁ ଅନୁସରଣ କରିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ପରିବହନରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଆପ୍ରାଣ ଚେଷ୍ଟା କରି ସଫଳତା ପାଇପାରନ୍ତି।


**କୁମ୍ଭ** — କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡିକୁ ତ୍ୱରାନ୍ୱିତ କରିବା ସକାଶେ ଚେଷ୍ଟିତ ହେବେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାରୁ ମନରେ ସରସତା ରହିବ ନାହିଁ। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ରାଜନୀତି, ସଂଗଠନ, ନିର୍ମାଣ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବନ୍ଧୁ ଅସୁବିଧା ସୃଷ୍ଟି କରିପାରନ୍ତି।

**ମୀନ** — ପରିବାରରେ ସନ୍ତାନଙ୍କ କୃତିତ୍ୱରୁ ଆନନ୍ଦ ଅନୁଭବ କରିବେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କରି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଦୁଶ୍ଚିନ୍ତା ବୃଦ୍ଧି କରିବ। ସହକର୍ମୀଙ୍କ ମୁଖରୁ ସରକାରୀ ସ୍ତରରେ ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହେବେ।

ଆଜି ନଭେମ୍ବର ୨୮ତାରିଖ, ମାର୍ଗଶିର କୃଷ୍ଣ ତ୍ରୟୋଦଶୀ ମାଣବସା ଗୁରୁବାର ଦ୍ୱିତୀୟ ପାଳି, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ଗୃହପ୍ରବେଶାଦି ଶୁଭଦିନ। ଦିବା ଘ.୦୬।୦୬ ଗତେ ଘ.୦୭।୩୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୬ ଗତେ, ଘ.୦୨।୧୮ ମଧ୍ୟେ ରାହୁକାଳ।








# 'ଉତ୍କଳୀୟ ନବ ଅସ୍ମିତା ସ୍ୱପ୍ନ ସାକାର କରୁଛି ଉତ୍କଳ ବିଶ୍ୱବିଦ୍ୟାଳୟ'



ଅତିଥିଙ୍କ ସହ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର,୨୭।୧୧(ସୁଚିସ୍ମିତା ସାହୁ)**

ଉତ୍କଳ ବିଶ୍ୱବିଦ୍ୟାଳୟ ହେଉଛି ଯୋଗଜନ୍ମାଙ୍କ ଅନ୍ତୁଡିଶାଳ। ଏଠାରେ ଅଧ୍ୟୟନ କରି ବହୁ ଛାତ୍ରୀଛାତ୍ର ଦେଶ ବିଦେଶରେ ନିଜକୁ ପ୍ରତିଷ୍ଠିତ କରିବା ସହିତ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଉତ୍କଳୀୟ ନବଅସ୍ମିତାର ସ୍ୱପ ସାକାର କରିବାକୁ ଏକ ସମୁନ୍ନତ ଭବିଷ୍ୟତର ପରିକଳ୍ପନା ରଖୁଛି ଉତ୍କଳ। ଏହି ସଫଳ ଅନୁଷ୍ଠାନର ଛାତ୍ରୀଛାତ୍ର ଜଣେ ଜଣେ ବିଶ୍ଳେଷଣାତ୍ମକ ଚିନ୍ତକ ହୁଅନ୍ତୁ ବୋଲି ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟର ୮୨ତମ ପ୍ରତିଷ୍ଠା ଉତ୍ସବରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି।

## ୮୨ତମ ପ୍ରତିଷ୍ଠା ଦିବସ

ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ଅଡିଟୋରିୟମରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଯୋଗଦେଇ କହିଲେ, ସବୁ ବିଶ୍ୱବିଦ୍ୟାଳୟର ଜନନୀ ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ। ଶ୍ରେଷ୍ଠ ଛାତ୍ରୀଛାତ୍ର ସୃଷ୍ଟି କରିବାରେ ଏହାର ଭୂମିକା ଅନନ୍ୟ। ତେବେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କଳ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ଗୁରୁତ୍ୱ ଦେଇଥିଲେ।

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜ ପ୍ରତାପ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଶିକ୍ଷାୟତନରେ ଶୈକ୍ଷିକ ବାତାବରଣ ସୃଷ୍ଟି ଏବଂ ଗୁଣାତ୍ମକ ଶିକ୍ଷାଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସଭାପତିତ୍ୱ ଅଭିଭାଷଣ ରଖି କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଚ୍ଚମାନର ଗବେଷଣା ଏବଂ ଗୁଣାତ୍ମକ ଶିକ୍ଷା ଗ୍ରହଣ ନିମନ୍ତେ ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ କରାଯାଇଥିବା କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ବିଶ୍ୱବିଦ୍ୟାଳୟର ୪୩ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୁଳସଚିବ ଡ. କାହ୍ନୁଚରଣ ଧୀର ବିବରଣୀ ପାଠ ଓ ଛାତ୍ରମଙ୍ଗଳ ନିର୍ଦ୍ଦେଶକ(ଡିଏସ୍‌ଡବ୍ଲ୍ୟୁ) ପ୍ରଫେସର ନିଗମାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶପଥ ଗ୍ରହଣ ସ୍ଥଳରେ ପ୍ରସ୍ତୁତି ସମୀକ୍ଷାକଲେ ହେମନ୍ତ ସୋରେନ୍



**ରାଞ୍ଚି, ୨୭।୧୧**

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଗୁରୁବାର ରାଜ୍ୟର ଚତୁର୍ଦ୍ଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏହାପୂର୍ବରୁ ସେ ବୁଧବାର ରାଞ୍ଚିସ୍ଥିତ ମୋରହାବାଦି ମୈଦାନରେ ନୂଆ ସରକାରଙ୍କ ଶପଥ ଗ୍ରହଣ ସମାରୋହକୁ ନେଇ ଚାଲିଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ଅବସରରେ ହେମନ୍ତଙ୍କୁ ଅଧିକାରୀମାନେ ସମାରୋହ ସ୍ଥଳରେ ମଞ୍ଚ ନିର୍ମାଣ, ସାଜସଜ୍ଜା, ବିଦ୍ୟୁତ, ଧ୍ୱନି ତଥା ସୁରକ୍ଷା ବ୍ୟବସ୍ଥା ଏବଂ ଅତିଥି ସ୍ୱାଗତ ସତ୍କାର ଓ ଆଗନ୍ତୁକମାନଙ୍କ ବସିବା ବ୍ୟବସ୍ଥାକୁ ନେଇ ଅବଗତ କରାଇଛନ୍ତି। ହେମନ୍ତ କହିଛନ୍ତି, ସମାରୋହ ସ୍ଥଳ ପର୍ଯ୍ୟନ୍ତ ଯାତାୟାତ ଏବଂ ଯାନବାହନ ପାର୍କିଂର ଉଚିତ୍ ବ୍ୟବସ୍ଥା କରାଯିବା ଆବଶ୍ୟକ, ଯଦ୍ୱାରା କୌଣସି ସ୍ତରରେ କାହା ପାଇଁ କୌଣସି ଅସୁବିଧା ନ ଉପୁଜିବ। ସେ ଅଧିକାରୀମାନଙ୍କୁ ଆହୁରି କହିଛନ୍ତି ଯେ, ଶପଥ ଗ୍ରହଣ ଫଳରେ ପାନୀୟ ଜଳ ସହିତ ଅନ୍ୟ ସମସ୍ତ ଜରୁରୀ ସୁବିଧା ଉପଲବ୍ଧ ହେବା ଆବଶ୍ୟକ। ଏହି ଅବସରରେ ବିଧାୟିକା କଳ୍ପନା ସୋରେନ୍, ମୁଖ୍ୟ ସଚିବ ଅଲକା ତିୱାରୀ, ଉଚ୍ଚ ମୁଖ୍ୟ ସଚିବ ଅବିନାଶ କୁମାର, ପ୍ରଧାନ ସଚିବ ବନ୍ଦନା ଦାଦେଲ, ସଚିବ ଅମିତାଭ କୌଶଲ, ରାଞ୍ଚି ଉପାୟୁକ୍ତ ବରୁଣ ରଞ୍ଜନ, ବରିଷ୍ଠ ପୋଲିସ ଅଧୀକ୍ଷକ ଚନ୍ଦନ ସିହ୍ନା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


# ୨୯, ୩୦ରେ ବନ୍ଦ ରହିବ ଗୃହ କାର୍ଯ୍ୟ: ବାଚସ୍ପତି

**ଭୁବନେଶ୍ୱର,୨୭।୧୧(ସୁନିତ୍ ମିଶ୍ର)**

ବିଧାନସଭା ଶୀତ ଅଧିବେଶର ଦ୍ୱିତୀୟ ଦିନ ଅପରାହ୍ନ ୪ଟାରେ ଆରମ୍ଭ ହୋଇ ୪ଟା ୭ ପର୍ଯ୍ୟନ୍ତ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୁରୁବାର ପର୍ଯ୍ୟନ୍ତ ଗୃହ କାର୍ଯ୍ୟକୁ ମୁଲତବୀ ଘୋଷଣା କରିଛନ୍ତି। ଅନ୍ୟପଟେ ଗୃହ କାର୍ଯ୍ୟ ୨୯ ଓ ୩୦ ତାରିଖରେ ବନ୍ଦ ରଖାଯିବ ବୋଲି ବାଚସ୍ପତି ଘୋଷଣା କରିଛନ୍ତି। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ଟି ବିଲ୍ ଆଗତ କରିଥିଲେ। ସାର୍ବଜନୀନ ପରୀକ୍ଷା ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା, ନିରପେକ୍ଷତା ଓ ବିଶ୍ୱସନୀୟତା ଆଣିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସାର୍ବଜନୀନ ପରୀକ୍ଷା ପ୍ରଣାଳୀକୁ ପ୍ରତିକୂଳ ଭାବେ ପ୍ରଭାବିତ କରୁଥିବା

## ଗୃହରେ ୨ ବିଲ୍ ଉପସ୍ଥାପନକଲେ ମୁଖ୍ୟମନ୍ତ୍ରୀ

ବ୍ୟକ୍ତି, ଗୋଷ୍ଠୀ କିମ୍ବା ଅନୁଷ୍ଠାନଗୁଡ଼ିକୁ ରୋକିବା ଲାଗି ସରକାର ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍ ୨୦୨୪କୁ ଉପସ୍ଥାପନ କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା କର ଆଦାୟ ଲକ୍ଷ୍ୟ ନେଇ ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ ୨୦୧୭ ପ୍ରଣୟନ କରାଯାଇଥିଲା। ଏହି ଅଧିନିୟମକୁ କାର୍ଯ୍ୟକାରୀ କରିବାରେ କେତେକ ଅସୁବିଧା ଅନୁଭୂତ ହେଉଥିଲା। ଏଥିରେ ରହିଥିବା ବିଭିନ୍ନ ଅସୁବିଧା ଦୂରକରିବା ସକାଶେ ରାଜ୍ୟ ସରକାର ଓଡ଼ିଶା ଦ୍ରବ୍ୟ ଓ ସେବା କର(ଦ୍ୱିତୀୟ ସଂଶୋଧନ) ବିଲ୍, ୨୦୨୪କୁ ଉପସ୍ଥାପନ କରିଛନ୍ତି।



# ୭ ଜିଲାରେ ହାଲୁକା ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୭।୧୧ (ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛି ଦିନ ଶୀତର ଲହରି ଜାରି ରହିଛି। ମାତ୍ର ଗୁରୁବାର ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ ଓ ଗଜପତି ଜିଲାର କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ସେହିପରି ସୁନ୍ଦରଗଡ଼, କେନ୍ଦୁଝରଗଡ଼, କନ୍ଧମାଳ, କଳାହାଣ୍ଡି ଆଦି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ିର ପ୍ରଭାବ ରହିବ। ୨୯ ଓ ୩୦ ତାରିଖରେ ଉପକୂଳ ଓଡିଶା ସହ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ମାଲକାନଗିରି, କୋରାପୁଟ ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଅନ୍ୟପଟେ ଆସନ୍ତା ୨ଦିନ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ବୁଧବାର ସୁନ୍ଦରଗଡ଼ ଓ କନ୍ଧମାଳ ଜିଲାର କିଛି ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଥିବାବେଳେ କଳାହାଣ୍ଡି ଜିଲାରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ି ପଡ଼ିଥିଲା। ଅନ୍ୟପକ୍ଷରେ ଯାଜପୁରରେ ସର୍ବାଧିକ ତାପମାତ୍ରା ୩୨.୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ସେଲସିୟସ୍ ରହିଥିଲା।






# ସ୍ଥାୟୀଙ୍କ ତୁଳନାରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସଂଖ୍ୟା ଅଧିକ

**ଭୁବନେଶ୍ୱର, ୨୭।୧୧ (ସୁନିତ୍ ମିଶ୍ର)**

ରାଜ୍ୟରେ ଥିବା ଏକାଧିକ ନିଗମରେ ଯେତିକି ନିୟମିତ କର୍ମଚାରୀ ଅଛନ୍ତି ତା'ଠାରୁ ଅଧିକ ଆଉଟ୍‌ସୋର୍ସିଂ କର୍ମଚାରୀ କାର୍ଯ୍ୟ କରୁଛନ୍ତି। କେତୋଟି ନିଗମକୁ ବାଦ୍ ଦେଲେ ପ୍ରାୟତଃ ଅଧିକାଂଶ ନିଗମରେ ଏଭଳି ଅବସ୍ଥା ରହିଛି। ସରକାରୀ ଉଦ୍ୟୋଗରେ କାର୍ଯ୍ୟରତ କର୍ମଚାରୀଙ୍କ ସଂକ୍ରାନ୍ତରେ ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ସରକାରୀ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହା ଜଣାଯାଇଛିନ୍ତି। ମନ୍ତ୍ରୀ ଦର୍ଶାଇଛନ୍ତି, ରାଜ୍ୟରେ ଏବେ ୩୧ଟି ସରକାରୀ ଉଦ୍ୟୋଗ ଥିବାବେଳେ ଏଥିରୁ ୨୫ଟି ଲାଭରେ ଚାଲୁଛି। ଲାଭରେ ଚାଲୁଥିବା ନିଗମ ତାଲିକାରେ ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ ଆଗରେ ରହିଛି। ଏଠାରେ ୬୧୭ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ମାତ୍ର ୩୪ଜଣ ନିୟମିତ କର୍ମଚାରୀ ଏବଂ ୨୨୧ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ ଅଛନ୍ତି। ସେହିଭଳି ଲାଭରେ ଥିବା ବିହନ ନିଗମରେ ୧୮୭ଟି ମଞ୍ଜୁରୀପ୍ରାପ୍ତ ଥିବାବେଳେ ସେଠାରେ ୭୦ ଜଣ ନିୟମିତ ଓ ୯୯ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ ରହିଛନ୍ତି। ଓଡ଼ିଶା ଖଣି ନିଗମ ଅନ୍ୟ ଏକ ଲାଭଜନକ ସଂସ୍ଥା। ଉକ୍ତ ନିଗମରେ ୩୨୪୨ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ଏହି ପଦବୀରେ ୨୦୯୩ ନିୟମିତ କର୍ମଚାରୀ ରହିଛନ୍ତି। ତେବେ ଖଣି ନିଗମରେ ୧୨,୬୮୭ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ ଅଛନ୍ତି। ସେହିଭଳି ଓଡ଼ିଶା ସେତୁ ଓ ନିର୍ମାଣ ନିଗମରେ ମଞ୍ଜୁରୀପ୍ରାପ୍ତ ସମସ୍ତ ୧୮ଟି ପଦବୀରେ କର୍ମଚାରୀ ଥିବାବେଳେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସଂଖ୍ୟା ଏଠାରେ ୧୬୫ ରହିଛି। ଓଡ଼ିଶା ପର୍ଯ୍ୟଟନ ନିଗମରେ ୨୧୧ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଥିବାବେଳେ ଏଠାରେ ୧୨୬ ଜଣ ନିୟମିତ କର୍ମଚାରୀ ଓ ୭୩୦ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଲାଭରେ ଚାଲୁଥିବା ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍‌ରେ ୧୩୦ଟି ମଞ୍ଜୁରୀପ୍ରାପ୍ତ ପଦବୀରେ ୧୦୫ ଜଣ ନିୟମିତ କର୍ମଚାରୀ ରହିଥିବାବେଳେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସଂଖ୍ୟା ଏଠାରେ ୧୪୪ ରହିଛି। ସେହିଭଳି ଜେଡ୍‌କୋଲରେ ୩୦ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଠାରେ ୧୪ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏମାନେ ସମସ୍ତେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମରୁ ଆସିଛନ୍ତି ଏବଂ ୨ଟି ସଂସ୍ଥାରେ କାର୍ଯ୍ୟ କରୁଛନ୍ତି।







ଯେଉଁ ମଣିଷ ବିବେକ ଦ୍ୱାରା ପରିଚାଳିତ ନ ହୋଇ ଆଉ କିଛି ଦ୍ୱାରା ପରିଚାଳିତ ହୁଏ- ସେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଏକ ନିକୃଷ୍ଟ ଜନ୍ତୁରେ ପରିଣତ ହୁଏ। -ଶ୍ରୀମା

-ମାଣବସା ଗୁରୁବାର ଓଷା



# ବିଦେଶୀ ଆକ୍ରମଣ ଓ ସଂସ୍କୃତିରେ ପରିବର୍ତ୍ତନ



ଦେବଦତ୍ତ ପଟ୍ଟନାୟକ

ଆସନ୍ତୁ ପ୍ରଥମେ ଦେଶାନ୍ତର ଗମନ ଏବଂ ଆକ୍ରମଣ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପର୍କରେ ଜାଣିବା। ଆକ୍ରମଣକାରୀ ସାଧାରଣତଃ ଏକ ସ୍ଥାନ ଉପରେ ଆକ୍ରମଣ କରି ଧନ ନିଜ ହାତକୁ ନେଇଯାଏ ଏବଂ ଲୋକମାନଙ୍କୁ କ୍ରୀତଦାସ ବୋଲି ବିଚାର କରେ। କୌଣସି ଏକ ଆକ୍ରମଣ ଦେଶର ସଂସ୍କୃତିକୁ ବଦଳାଇବା ସହ ଅର୍ଥନୈତିକ ତଥା ରାଜନୈତିକ ବ୍ୟବସ୍ଥାକୁ ଆୟତ୍ତ କରିପାରେ। ଅନ୍ୟପକ୍ଷରେ ଏକ ଦେଶାନ୍ତର ଗମନରେ ଲୋକେ ନୂତନ ସ୍ଥାନକୁ ଯାଇ ସେଠାକାର ପରିବେଶରେ ଧୀରେ ଧୀରେ ମିଳିମିଶି ଚଳନ୍ତି। ଦେଶାନ୍ତର ଗମନର କୌଣସି ତତ୍‌କ୍ଷଣାତ୍ ପ୍ରଭାବ ନାହିଁ। କିନ୍ତୁ ସମୟକ୍ରମେ ପ୍ରବାସୀ ଓ ମୂଳବାସୀଙ୍କ ସଂସ୍କୃତି ମଧ୍ୟରେ ବିଭେଦ ଦେଖାଦିଏ ଓ କ୍ରମଶଃ ଉତ୍ତେଜନା ପ୍ରକାଶ ପାଏ। ଉଦାହରଣସ୍ୱରୂପ, ମୁସଲମାନ ଦେଶରୁ ଆସିଥିବା ପ୍ରବାସୀମାନଙ୍କ ଦ୍ୱାରା ଏବେ ବ୍ରିଟେନରେ ଚାଲିଥିବା ହିଂସା ସମେତ ଅନେକ ୟୁରୋପୀୟ ଦେଶରେ ଏଭଳି ଅଶାନ୍ତି ଦେଖାଦେଉଛି। ଲୁଣ୍ଠନ, ଉପନିବେଶବାଦ ଏବଂ ସାମ୍ରାଜ୍ୟବାଦ ପ୍ରତିଷ୍ଠା ହେଉଛି ଆକ୍ରମଣର ଭିନ୍ନ ଭିନ୍ନ ସ୍ୱରୂପ। ଲୁଣ୍ଠନକାରୀ ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ଗ୍ରହଣ କରିବାକୁ ଚାହାନ୍ତି ନାହିଁ। ସେମାନେ ଆସନ୍ତି ଓ ଧନ ନେଇ ଚାଲିଯାଆନ୍ତି। ଏକ ହଜାର ବର୍ଷ ପୂର୍ବେ ଗଜନୀର ମହମ୍ମଦ ଭାରତକୁ ଲୁଣ୍ଠନ କରିଥିଲେ। ଦ୍ୱିତୀୟରେ, ଉପନିବେଶବାଦୀମାନେ ରାଜନୈତିକ ଓ ଆର୍ଥିକ ବ୍ୟବସ୍ଥା ହାତକୁ ନେଇ ସେହି ଦେଶରେ ରହି ଶାସନ କରିଥାନ୍ତି। ଆକ୍ରମଣକାରୀ ତଥା ତୁର୍କୀର ସମ୍ରାଟ ମୁଇଜ୍ଜାଦ-ଦିନ୍ ମହମ୍ମଦ ଘୋରୀଙ୍କ ମୃତ୍ୟୁ ପରେ ତାଙ୍କ ସେନାଧ୍ୟକ୍ଷ ମାମ୍ଲୁକ୍ କୁତୁବୁଦ୍ଦିନ ଆଇବେକଙ୍କ ଦ୍ୱାରା ଦିଲ୍ଲୀ ସୁଲତାନ ପ୍ରତିଷ୍ଠା କ୍ଷେତ୍ରରେ ଏଭଳି ଘଟିଥିଲା। ରାଜପୁତଙ୍କ ସହିତ ମୋଗଲମାନଙ୍କର ବୈବାହିକ ସମ୍ପର୍କ ବଢ଼ିବା ହେତୁ ସେମାନେ ନିଜକୁ ସ୍ଥାନୀୟ ଲୋକ ବୋଲି ମନେକରୁଥିଲେ। ହେଲେ ଭାରତର ଅନେକ ମୂଳବାସିନ୍ଦା ଏହାକୁ ଗ୍ରହଣ କରୁ ନ ଥିଲେ। ତୃତୀୟରେ, ସାମ୍ରାଜ୍ୟବାଦୀମାନେ ଦୂରଦେଶରେ ଶାସନ କରି ସେଠାରୁ ଧନ ନିଜ ଦେଶକୁ ଆଣନ୍ତି। ଇଟାଲୀ ଏବଂ ବ୍ରିଟେନ ସାମ୍ରାଜ୍ୟବାଦର ଉଦାହରଣ।

୭୦,୦୦୦ ବର୍ଷ ପୂର୍ବେ ଆଫ୍ରିକାରୁ ମଣିଷ ପ୍ରଥମେ ଭାରତ ଆସିଥିଲେ। ୧୦,୦୦୦ ବର୍ଷ ପୂର୍ବେ ଆଉ ଏକ ପ୍ରମୁଖ ଦେଶାନ୍ତରଗମନ କ୍ରମେ ଇରାନୀୟ କୃଷକଙ୍କ ପୂର୍ବପୁରୁଷମାନେ ଭାରତ ଆସି ବାର୍ଲି ଏବଂ ଗହମ ଚାଷ ଆରମ୍ଭ କରିଥିଲେ। ୪,୦୦୦ ବର୍ଷ ପୂର୍ବେ ଦକ୍ଷିଣ ପୂର୍ବ ଏସିଆରୁ 'ମୁଣ୍ଡା' ଲୋକମାନେ ଭାରତକୁ ଆସିଥିଲେ। ସେମାନେ ରୁଆ ଧାନ ଚାଷ ଆରମ୍ଭ କରିଥିଲେ। ତା'ପରେ ପ୍ରାୟ ୩,୫୦୦ ବର୍ଷ ପୂର୍ବେ ମଧ୍ୟ ଏସିଆ ଦେଇ ୟୁରୋପ ଓ ଏସିଆରୁ ଆର୍ଯ୍ୟମାନେ ଆସିଥିଲେ ଓ ସାଥିରେ ଘୋଡ଼ା ଆଣିଥିଲେ। ଆନୁବଂଶିକ ଓ



ଭାଷାଭିତ୍ତିକ ଅଧ୍ୟୟନରୁ ଆମେ ଏହିସବୁ ଦେଶାନ୍ତରଗମନ ବିଷୟରେ ଜାଣିବାକୁ ପାଉ। ଖ୍ରୀଷ୍ଟପୂର୍ବ ଷଷ୍ଠରୁ ୪ର୍ଥ ଶତାବ୍ଦୀ ମଧ୍ୟରେ ପାରସ୍ୟ ସମ୍ରାଟ ସାଇରସ୍ ଦି ଗ୍ରେଟ୍ ଏବଂ ପରେ ଡାରିଅସ-୧ କ୍ରମାଗତ ଉତ୍ତର-ପଶ୍ଚିମ ଭାରତ ଉପରେ ଆକ୍ରମଣ କରି ଦଖଲ କରିଥିଲେ। ପାରସ୍ୟ ପ୍ରଶାସନର ବିଭିନ୍ନ ଅଞ୍ଚଳକୁ ପ୍ରଦେଶରେ ଭାଗ କରିବା ଏବଂ କେନ୍ଦ୍ରୀଭୂତ ଅମଲାତନ୍ତ୍ର ବ୍ୟବସ୍ଥାକୁ ମୌର୍ଯ୍ୟ ଏବଂ ଗୁପ୍ତ ସାମ୍ରାଜ୍ୟ ଗ୍ରହଣ କରିଥିଲେ। ସେହି ସମୟରେ ବ୍ରାହ୍ମୀ ଲିପି ଉଦ୍ଭାବନ ପାଇଁ ଭାରତୀୟମାନେ ପ୍ରେରଣା ପାଇଥିଲେ, ଯାହା ଭାରତରୁ ଦକ୍ଷିଣ ପୂର୍ବ ଏସିଆକୁ ବ୍ୟାପିଥିଲା। ପାର୍ସୀ ସମ୍ରାଟଙ୍କ ଭଳି ନିଜ ଶକ୍ତି ସୂଚିତ କରିବା ସକାଶେ ରାଜାମାନେ ସ୍ତମ୍ଭ ନିର୍ମାଣ କରିଥିଲେ।

ପରେ ଖ୍ରୀଷ୍ଟପୂର୍ବ ୩୦୦ରୁ ଖ୍ରୀଷ୍ଟାବ୍ଦ ୩୦୦ ମଧ୍ୟରେ ବିଦେଶରୁ ଅନେକ ଜନଜାତି ଭାରତକୁ ଆସିଥିଲେ। ସେମାନେ ହେଲେ ଗ୍ରୀକ୍(ଯବନ), ସିଥିଆନ(ସାକସ୍), ପାର୍ଥିଆନ(ପହ୍ଲଭ) ଏବଂ ୟୁଚେ-ଚି(କୁଶାଣ)। ସେମାନେ ମୁଖ୍ୟତଃ ଗଙ୍ଗାନଦୀ ଅବବାହିକାରୁ ହିନ୍ଦୁ କୁଶ ପର୍ବତ ଦେଇ ଇରାନ ପର୍ଯ୍ୟନ୍ତ ବ୍ୟାପିଥିବା ବାଣିଜ୍ୟିକ ମାର୍ଗକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକେ ବୌଦ୍ଧ ଧର୍ମ ଓ ଜୈନ ଧର୍ମ ଗ୍ରହଣ କରିଥିଲେ ଏବଂ ବାଣିଜ୍ୟିକ କାରବାରରେ ମୁଦ୍ରା ପ୍ରଚଳନ କରିଥିଲେ। ଏହା ବ୍ୟତୀତ ସେମାନଙ୍କ ଦ୍ୱାରା ନିର୍ମିତ ପଥର ମୂର୍ତ୍ତି ଗାନ୍ଧାର ଓ ମଥୁରାରେ ଲୋକପ୍ରିୟ ଥିଲା। ଗୁପ୍ତ ସାମ୍ରାଜ୍ୟ ଶାସନ କାଳରେ ପଞ୍ଚମ ଶତାବ୍ଦୀରେ ହୁଣ (ହୂନ) ମଧ୍ୟ-ଏସିଆରୁ ଆସିଥିଲେ। ସେମାନେ ବୌଦ୍ଧ ମଠ ଏବଂ ଗୁପ୍ତ ସାମ୍ରାଜ୍ୟ ପତନର କାରଣ ପାଲଟିଥିଲେ। ସେହି ସମୟରେ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଭାଗୀଦାରି ରହିଆସିଥିବା ରୋମ ସାମ୍ରାଜ୍ୟର ପତନ ଘଟିଥିଲା। ଏହା ପରେ ବଣିକଙ୍କ ଗୁରୁତ୍ୱ ହ୍ରାସ ଘଟି କୃଷି ସଂସ୍କୃତିର ଉତ୍ଥାନ ହୋଇଥିଲା। ସମୟକ୍ରମେ ବୌଦ୍ଧ ଧର୍ମ ଓ ବାଣିଜ୍ୟ ଆଧାରିତ ସଂସ୍କୃତି ବ୍ରାହ୍ମଣକେନ୍ଦ୍ରିକ କୃଷି ଓ ମନ୍ଦିର ସଂସ୍କୃତିକୁ ପରିବର୍ତ୍ତନ ହେବାରେ ଲାଗିଲା। ସଂସ୍କୃତ ଦରବାରି ଭାଷା ହୋଇ ଆଫଗାନିସ୍ତାନରୁ ଭିଏତ୍‌ନାମ ପର୍ଯ୍ୟନ୍ତ ବ୍ୟାପିଥିଲା।

ସପ୍ତମ ଶତାବ୍ଦୀରେ ଆରବରେ ଇସଲାମର ଉତ୍ଥାନ ହୋଇ ନାବିକମାନଙ୍କ ଦ୍ୱାରା ଉପକୂଳ ଭାରତରେ ପହଞ୍ଚିଥିଲା। ସେଥିପାଇଁ ଗୁଜରାଟ, କୋଙ୍କଣ ଏବଂ କେରଳର ପଶ୍ଚିମ ଉପକୂଳରେ ଆମେ ପୁରାତନ ମସଜିଦ ଦେଖିବାକୁ ପାଇଥାଉ। ଦ୍ୱାଦଶ ଶତାବ୍ଦୀ ସୁଦ୍ଧା ମଧ୍ୟ-ଏସୀୟ ସେନା କମାଣ୍ଡରମାନେ ପ୍ରଥମେ ଇସଲାମ ଧର୍ମ ଗ୍ରହଣକରି ଦିଲ୍ଲୀ ସହରରେ ରହିଲେ ଏବଂ ଅର୍ଥନୈତିକ ବ୍ୟବସ୍ଥା ହାତକୁ ନେଇ ଦେଲେ, ଟ୍ୟାକ୍ସ, ଭଡ଼ା ଆଦି ଆଦାୟ କଲେ। ସେମାନେ ଆଇନ ବ୍ୟବସ୍ଥା ଉପରେ ନିଷ୍ପତ୍ତି ନେଉଥିଲେ, ଯାହା ବାସ୍ତବରେ ଏକ ଆକ୍ରମଣ ଥିଲା। ଏହା ମଧ୍ୟ ଥିଲା ଏକ ନୂତନ ଚିନ୍ତାଧାରା। ସଂସ୍କୃତ ବଦଳରେ ପାର୍ସୀ ଦରବାରି ଭାଷା ହୋଇଗଲା। ବ୍ରାହ୍ମଣମାନେ ତୁର୍କୀ, ପାର୍ସୀ ଏବଂ ଆଫଗାନଙ୍କ ସପକ୍ଷରେ ରହିବା ଯୋଗୁ ମନ୍ଦିର ପ୍ରତି ସମର୍ଥନ ହ୍ରାସ ପାଇବାରେ ଲାଗିଲା ଏବଂ ଏହା ବଦଳରେ ମସଜିଦ ଏବଂ ରାଜକୀୟ କବର ନିର୍ମାଣ କରାଯାଉଥିଲା। ବ୍ରାହ୍ମଣମାନଙ୍କ ପରିବର୍ତ୍ତେ ସୁଫି ସାଧୁମାନେ ଜମି ଅନୁଦାନ ଲାଭ କଲେ। ଅପେକ୍ଷାକୃତ ଅଧିକ କେନ୍ଦ୍ରୀଭୂତ ପୁରାତନ ରାଜମଣ୍ଡଳ ବ୍ୟବସ୍ଥା ବଦଳରେ କେନ୍ଦ୍ରୀଭୂତ ପାର୍ସୀ ବ୍ୟବସ୍ଥା ପ୍ରଚଳନ ହୋଇଥିଲା। ତୁର୍କୀମାନେ କାଗଜ ଏବଂ କଲମ ଆଣିଥିଲେ। ଏହା ପଥର, ତମ୍ବା, ଗଛଛାଲି ଏବଂ ବରଗୁଆଡ଼ ବଦଳରେ ଅଧିକ ବ୍ୟବହାର ହେବାରେ ଲାଗିଲା।

୧୫୧୦ରେ ବିଜାପୁର ସାମ୍ରାଜ୍ୟ ଅଧୀନରୁ ଗୋଆ ଯିବା ପରେ ପର୍ତ୍ତୁଗୀଜ ଉପନିବେଶବାଦ ଆରମ୍ଭ ହୋଇଥିଲା। ପରେ ସେମାନେ ପଶ୍ଚିମ ଉପକୂଳ ଏବଂ ପଶ୍ଚିମ ସମୁଦ୍ରକୁ ନିୟନ୍ତ୍ରଣକୁ ନେବା ସହ ସମୁଦ୍ରକୁ ନିଜ ଅଞ୍ଚଳ ଘୋଷଣା କରି ଟିକସ ଆଦାୟ କଲେ, ଯାହା ପୂର୍ବରୁ କେବେ କରାଯାଇ ନ ଥିଲା। ସେମାନେ ଖ୍ରୀଷ୍ଟିଆନ ମିଶନ ଏବଂ ପ୍ରିଣ୍ଟିଂ ପ୍ରେସ୍ ଆରମ୍ଭ କରି ସ୍ଥାନୀୟ ଭାଷାଗୁଡ଼ିକ ଅନୁବାଦ କରିବା ଆରମ୍ଭ କଲେ। ପର୍ତ୍ତୁଗୀଜମାନଙ୍କୁ ଅନ୍ୟ ୟୁରୋପୀୟ ଶକ୍ତି ଯଥା ଡଚ୍, ଫ୍ରାନ୍ସ ଏବଂ ଇଂଲଣ୍ଡ ଅନୁସରଣ କରିଥିଲେ। ସେମାନେ ଗଣିତ, ତର୍କ ଏବଂ ପ୍ରମାଣ ଆଧାରିତ ବିଜ୍ଞାନର ନୂତନ ଚିନ୍ତାଧାରାକୁ ନେଇ ଆଗକୁ ବଢ଼ିଥିଲେ, ଯାହା ପାରମ୍ପରିକ ଚିନ୍ତାଧାରାକୁ ଚ୍ୟାଲେଞ୍ଜ କରିଥିଲା। ପର୍ତ୍ତୁଗୀଜମାନେ ଶିଳ୍ପ ବିପ୍ଳବର ଆଗମନକୁ ସୂଚିତ କରିଥିଲେ। ସମଗ୍ର ବିଶ୍ୱରେ ସବୁଦିନ ପାଇଁ ପୁରାତନ କୃଷି ଏବଂ ସାମନ୍ତବାଦ ବ୍ୟବସ୍ଥାଗୁଡ଼ିକର ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଉଥିଲେ। ଏହା ବିଶେଷକରି ଅଷ୍ଟାଦଶ ଶତାବ୍ଦୀରେ ଦ୍ରୁତଗତି ହୋଇଥିଲା ଯେତେବେଳେ ଇରାନର ନାଦିର ଶାହା ଦିଲ୍ଲୀକୁ ଲୁଣ୍ଠନ କରିଥିଲେ। ତା'ପରେ ଅହମ୍ମଦ ଶାହା ଅବଦାଲି ଆସିଥିଲେ। ଏହି ଘଟଣାଗୁଡ଼ିକ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ମୋଗଲ ସାମ୍ରାଜ୍ୟର ଦୁର୍ବଳତା ବିଷୟରେ ଅବଗତ କରାଇଦେଇଥିଲା ଏବଂ ବ୍ରିଟିଶ ଉପନିବେଶବାଦର ପ୍ରସାର କରିବାରେ ସାହାଯ୍ୟ କରିଥିଲା। ଏହିଭଳି ଭାବେ ବିଭିନ୍ନ ସମୟରେ ଆକ୍ରମଣଗୁଡ଼ିକ ଭାରତୀୟ ସଂସ୍କୃତିରେ ପରିବର୍ତ୍ତନ ଘଟାଉଥିବା ଆମେ ଦେଖିବାକୁ ପାଉ।

-devduttofficial@gmail.com

# ଗୁମୁରି କାନ୍ଦେ ପୁରୁଷ



ରାନୀ ନାୟକ

ପ୍ରତିଦିନ ଗଣମାଧ୍ୟମରେ ନାରୀ ନିର୍ଯାତନା, ଦୁଷ୍କର୍ମ ଖବର ପ୍ରସାରିତ ହେଉଛି। ନିର୍ଯାତିତ ମହିଳାଙ୍କୁ ନ୍ୟାୟ ଦେବା ପରିପ୍ରେକ୍ଷୀରେ ଅନେକ ବ୍ୟକ୍ତି ଆନ୍ଦୋଳନ କରୁଛନ୍ତି କେହି ନ୍ୟାୟ ପାଉଛନ୍ତି ଆଉ କେହି ନ୍ୟାୟ ନ ପାଇ ଚୁପ୍ ରହୁଛନ୍ତି। ତେଣୁ କୁହାଯାଏ, ଝିଅଟିଏ ହୋଇ ସମାଜରେ ତିଷ୍ଠିବା ଏତେ ସହଜ ନୁହେଁ। କିନ୍ତୁ ଏଠାରେ ଏକ ପ୍ରଶ୍ନ ଆସେ। କାହିଁକି କେବଳ ସବୁବେଳେ ନାରୀ ନିର୍ଯାତିତା ହୁଏ। କ'ଣ କେବେ ପୁରୁଷ ନିର୍ଯାତନା ପାଏନି। ଏହି ପ୍ରଶ୍ନ ବୋଧେ ବହୁତ କମ୍ ଲୋକଙ୍କ ମନରେ ଆସୁଥିବ କିମ୍ବା ଆସିବା ହିଁ ସ୍ୱାଭାବିକ କଥା। କାରଣ ଆମେ ଦେଖୁଥିବା ସବୁବେଳେ ଆମ ଆଖପାଖରେ କିମ୍ବା ନ୍ୟୁଜ୍‌ରେ ମଧ୍ୟ କେଉଁ ବର୍ଷକୁ ଦୁଇ ଚାରୋଟି ପୁରୁଷ ନିର୍ଯାତିତ ସମାଚାର ପ୍ରସାରିତ ହେଉଥିବ କିମ୍ବା ଏହାଠାରୁ ଅଧିକ ବି ଆସୁଥାଇପାରେ। ତେଣୁ ଏଥିରୁ ସ୍ପଷ୍ଟ ଯେ, ଶହେ ଭାଗରୁ ନବେ ପ୍ରତିଶତ ପୁରୁଷ ଭଲରେ ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆଲୋଚନା କଲେ ମହିଳାଙ୍କ ବିଷୟରେ, ତେବେ ଏବେ ପୁରୁଷଙ୍କ ଆଡ଼େ ଟିକେ ଦୃଷ୍ଟି ପକାଇବା।

ବିବାହ ପରେ ପୁରୁଷଟି ଦୁଇଟି ଭୂମିକାରେ ଅଭିନୟ କରେ। ସ୍ତ୍ରୀ ପାଖରେ ଗୋଟେ ଏବଂ ମା'ବାପାଙ୍କ ସମ୍ମୁଖରେ ଆଉ ଗୋଟେ ଚରିତ୍ର। ସ୍ତ୍ରୀର କଥା ଯଦି ଶୁଣିଲା ଲୋକେ କହିବେ ମାଇପି ବୋଲକରା ଓ ମା'ବାପା କଥା ଯଦି ଶୁଣିଲା ସ୍ତ୍ରୀ କହିବ ମୋତେ ବିବାହ କରୁଥିଲ କାହିଁକି? ତେଣୁ ଏସବୁ କଥା ଶୁଣି ଶୁଣି ପୁରୁଷ ପିଲାଟି ଅଭିମାନୀ ହୋଇଯାଏ। ଶେଷରେ ପରିସ୍ଥିତି ଅସ୍ଥିର ହୋଇ ପୁରୁଷ ପୁଅଟି ମାନସିକ ଭାରସାମ୍ୟ ହରାଇ ବସେ। ଆଉ ଏକ ପରିସ୍ଥିତିକୁ ଉଲ୍ଲେଖ କରିବା, ଯାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ- ଯଦି ପୁରୁଷ ପିଲାଟି ଭଲ ରୋଜଗାର କରୁଛି ତେବେ ଘରେ ସବୁ ଠିକ୍ ଅଛି ଶାନ୍ତି କି ପରିସ୍ଥିତି ରହିଛି ନାହିଁ। ସ୍ତ୍ରୀ କହିବ ମୋ ସ୍ୱାମୀ ପରି ଜଗତେ ଖୋଜି ଆସିଲେ କେଉଁଠି ମିଳିବନି। ଆଉ ଅଭିଭାବକମାନେ ମଧ୍ୟ ସେହି ସମାନ କଥା କହିବେ। କିନ୍ତୁ ଦୁର୍ଭାଗ୍ୟବଶତଃ ଯଦି ପୁରୁଷ ପିଲାଟିର ରୋଜଗାର କମିଗଲା କିମ୍ବା ବେକାର ହୋଇ ଘରେ ବସିଗଲା, ତା'ପରେ ତାକୁ ବୋଲିବେ କେତେ ବେକାରିଆ ପିଲା, ସ୍ତ୍ରୀ ମଧ୍ୟ କହିବ ଏଇ ବେକାରିଆ ସ୍ୱାମୀକୁ ବିବାହ କରି ମୋ ଜୀବନ ନର୍କ ହୋଇଗଲା। ତଥାପି ପୁରୁଷ ପିଲାଟି ହାରି ନଥାଏ। ଯେନତେନ ପ୍ରକାରେ ଘର ପରିବାରର ପ୍ରତିପୋଷଣ କରିବାକୁ ଲାଗିପଡ଼େ। କିନ୍ତୁ ସେ ସମ୍ପୂର୍ଣ୍ଣରୂପେ ମାନସିକ ସ୍ତରରେ ହାରିଯାଇଥାଏ। ଶେଷରେ ଆତ୍ମହତ୍ୟା ଭଳି ପଦକ୍ଷେପ ନିଏ। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ ଅନୁଯାୟୀ, ଭାରତରେ ୨୦୧୪ରୁ ୨୦୨୧ ମସିହା ମଧ୍ୟରେ ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଆତ୍ମହତ୍ୟା ୨୧% ଅଧିକ। ରିପୋର୍ଟକୁ ଆଧାର କରି ଦେଖିଲେ ୨୦୧୪ରେ ମହିଳାଙ୍କ ଆତ୍ମହତ୍ୟା ୪୨,୫୨୧ ଥିବାବେଳେ ପୁରୁଷଙ୍କର ୮୯,୧୨୯ ଥିଲା। ତେବେ ୨୦୨୧ରେ ଏହି ସଂଖ୍ୟା ବି ମହିଳା ୪୫,୦୨୬ ଓ ପୁରୁଷଙ୍କ ଆତ୍ମହତ୍ୟା ୧,୧୮,୯୭୯ ହୋଇଛି। ତେବେ ପୁରୁଷଙ୍କ ମୃତ୍ୟୁର ୩୩% କେବଳ ପାରିବାରିକ ସମସ୍ୟା ପାଇଁ ଆତ୍ମହତ୍ୟା ହେଉଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଆଉ ଏକ ରିପୋର୍ଟରେ ଦେଖାଯାଇଛି ଯେ, ଅବିବାହିତ ପୁରୁଷଙ୍କଠାରୁ ବିବାହିତ ପୁରୁଷ ଅଧିକ ଆତ୍ମହତ୍ୟା କରନ୍ତି। ପ୍ରତି ୧ ଲକ୍ଷ ବିବାହିତ ଲୋକଙ୍କ ମଧ୍ୟରେ ମହିଳାଙ୍କ ମୃତ୍ୟୁ ହାର ୮.୪% ଥିବାବେଳେ ପୁରୁଷଙ୍କର ୨୪.୩% ରହିଥାଏ। ଏଥିରୁ ଅନୁମେୟ ଯେ, ଜଣକୁ ଯେବେ ବାଧା ନ ହୁଏ ସେ କେବେ ଆତ୍ମହତ୍ୟା କରେ ନାହିଁ। ତେଣୁ ସେହି ବ୍ୟକ୍ତିକୁ ବାଧା ହେବାରୁ ହିଁ ସେ ଆତ୍ମହତ୍ୟାର ବାଟ ବାଛିଲା, ନଚେତ୍ କାହିଁକି ଜୀବନ ହାରିଥାନ୍ତା। ଏବେବି କ'ଣ କହିବା ପୁରୁଷ ନିର୍ଯାତିତ ହୁଏ ନାହିଁ।

ସର୍ବଦା ଗୋଟିଏ ନାରୀ ଲୁଚିରହିଛି ହେଉଛି, ପୁରୁଷଙ୍କ ଆଧିପତ୍ୟ କାଳେ ଏବେ ମଧ୍ୟ ଅଧିକ ରହିଛି। କାହିଁକି ବା ନ ରହିବ! ଏହି ସମାଜ ତ ସେହି ଆଧିପତ୍ୟକୁ ପ୍ରୋତ୍ସାହନ ଦେଉଛି। କେଉଁ ପୁରୁଷ ଯାଇ କହୁନି କି ମୋରା ଆଧିପତ୍ୟ ରହୁ। ତେଣୁ ଏହି ଆଲୋଚନା ପ୍ରଥମ ପର୍ଯ୍ୟାୟରେ ହୋଇ ସାରିଛି। ଯଦି ପ୍ରତ୍ୟେକ ପରିବାରରେ ପୁଅକୁ ଝିଅର ଅନ୍ତର ନ ଦେଖି ସମପରିମାଣରେ ଦେଖିବା, ତେବେ ଏହି ଆଧିପତ୍ୟ ଶବ୍ଦ ଆସିବ କେଉଁଠାରୁ। ପୁରୁଷ ପିଲାଠାରେ ଯେଉଁ ମିଛ ପ୍ରହେଳିକା ଗୁଞ୍ଜରିତ ହେଉଛି କି ପୁରୁଷଙ୍କୁ କେବେ ଦରଦ ହୁଏନି ସେ ସବୁ ମଧ୍ୟ ହଟିଯାଆନ୍ତା। ପ୍ରାଥମିକ ସ୍ତରରେ ନାରୀମାନେ ମଧ୍ୟ ଶିକ୍ଷିତ ହୋଇ, ପୁରୁଷ ସହ ସମାନ ହୋଇ ପରିବାର ଆର୍ଥିକ ବୋଝକୁ ତୁଲାଉପାରନ୍ତା। ଏହିପରି ଯଦି ହୋଇପାରନ୍ତା, ନାରୀ ନିର୍ଯାତନା କମିପାରନ୍ତା ଓ ପୁରୁଷ ମଧ୍ୟ ନିର୍ଯାତନାରୁ ବର୍ତ୍ତିଯାଆନ୍ତା। କିନ୍ତୁ ଏହା ସମ୍ଭବ କେବଳ ଆମେ ନିଜେ ନିଜର ଯେପର୍ଯ୍ୟନ୍ତ ଚିନ୍ତାଧାରାରେ ପରିବର୍ତ୍ତନ ନ ଆଣିଛେ।

ଢେଙ୍କାନାଳ, ମୋ: ୭୦୬୯୯୬୦୫୩

## ଏଇ ଭାରତରେ

ବନ୍ୟଜନ୍ତୁ ସୁରକ୍ଷାର କବଚ ପାଲଟିଛନ୍ତି ରାଜସ୍ଥାନର ଶ୍ରବଣ ପଟେଲ। ସେ ତାଙ୍କ ଗାଁ ନିକଟରେ ରହୁଥିବା ବିଲୁପ୍ତପ୍ରାୟ ହରିଣ, କୃଷ୍ଣସାର ମୃଗ, ବଗ ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କୁ ସୁରକ୍ଷା କରୁଛନ୍ତି। ଯୋଧପୁର ନିକଟରେ ଥିବା ତାଙ୍କ ଗାଁ ଧୱାର ବିଶେଷତ୍ୱ ରହିଛି। ଏହି ଗାଁରେ ଥିବା ଛୋଟ ଜଙ୍ଗଲକୁ ଗାଁର ଲୋକେ ସୁରକ୍ଷା ଦେବା ସହ ପଶୁପକ୍ଷୀଙ୍କ ସହିତ ସହାବସ୍ଥାନ କରନ୍ତି। ଏହି ଧାରା ବହୁ ଶତାବ୍ଦୀ ଧରି ଚାଲିଆସିଛି। କିନ୍ତୁ ଏବେ ପରିବେଶ ପ୍ରଦୂଷଣ ଓ ଗାଁ ନିକଟରେ ବହି ଯାଉଥିବା ଜୋଜ୍ରି ନଦୀର ପାଣି ବିଷାକ୍ତ ହେବା ଯୋଗୁ ସେଥିରୁ ହରିଣ, କୃଷ୍ଣସାର ମୃଗ ଆଦି ବନ୍ୟଜନ୍ତୁ ପାଣି ପିଇ ରୋଗଗ୍ରସ୍ତ ହେଉଛନ୍ତି। ଏହା ବ୍ୟତୀତ ଗାଁର ଚାଷ ଜମି ଚାରିପାଖରେ ତାର ବାଡ଼ ଲଗାଇବା ଦ୍ୱାରା ଏହି ସବୁ ପ୍ରାଣୀ ଆହତ ହେଉଛନ୍ତି କିମ୍ବା ମୃତ୍ୟୁମୁଖରେ ପଡ଼ୁଛନ୍ତି। ତେବେ ସେମାନଙ୍କ ସୁରକ୍ଷା ପାଇଁ ଶ୍ରବଣ ଏକ ଟିମ୍ ଗଢ଼ିଛନ୍ତି ଏବଂ 'ଓ୍ୱାନ୍ ରୁପି ପର୍ ଡେ ଫର୍ ଓ୍ୱାଇଲ୍ଡ ଲାଇଫ୍ କଞ୍ଜରଭେଶନ' ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରି ସେଥିରେ ୧,୦୦୦ ଜଣଙ୍କୁ ଯୋଡ଼ିଛନ୍ତି। ପ୍ରତ୍ୟେକ ସଭ୍ୟ ୩୬୫ ଦିନରେ ଦିନକୁ ୧ ଟଙ୍କା ହିସାବରେ ଦେଉଛନ୍ତି, ଯାହା ପଶୁପକ୍ଷୀଙ୍କ ଚିକିତ୍ସାରେ ଖର୍ଚ୍ଚ ହେଉଛି। ଏହି ଟିମ୍ ଯେଉଁ ଜାଗାରେ ନଷ୍ଟ ହୋଇଯାଇଛି ସେଠାରେ ବୃକ୍ଷ ରୋପଣ କରିବା ସହ ଚାରଣଭୂମି ସୃଷ୍ଟି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୮ ନଭେମ୍ବର ୧୯୭୫

- କେନ୍ଦ୍ର ସରକାର ଗୋପାଳପୁର ବନ୍ଦର ନିର୍ମାଣ ଓ ଉନ୍ନୟନ ପାଇଁ ବୈଷୟିକ ମଞ୍ଜୁରୀ ଦେଇଛନ୍ତି।
- ଟ୍ରେନିଂ ସମୟରେ ଗୋଟିଏ ସାମରିକ ପରିବହନ ବିମାନ ଉତ୍ତର ସିନାଇର ଏକ ପାହାଡ଼ରେ ଧକ୍କା ଖାଇବା ଫଳରେ ବିମାନରେ ଥିବା ମୋଟ ୨୦ ଜଣ ଲୋକଙ୍କ ପ୍ରାଣହାନି।
- ପ୍ରଶାନ୍ତ ମହାସାଗରରୁ ଫାଙ୍ଗାଟୁଫାଠାରେ ଫ୍ରାନ୍ସ ସଫଳତାର ସହିତ ଗୋଟିଏ ପରମାଣୁ ବୋମାର ପରୀକ୍ଷାମୂଳକ ବିସ୍ଫୋରଣ କରିଛି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 8 | | 5 | |
| | | | | | | 3 | | 6 |
| | | 3 | 5 | 7 | | | | 1 |
| | | 9 | 4 | 6 | | | | |
| | 1 | 6 | 8 | | | 4 | | |
| | | | | 5 | 7 | | 1 | 9 |
| | | | | | | 7 | | |
| | | 5 | | | | | | 8 |
| 4 | | 1 | | | | | 9 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 9 | 1 | 3 | 7 | 6 | 4 | 2 |
| 7 | 1 | 2 | 4 | 9 | 6 | 3 | 8 | 5 |
| 3 | 6 | 4 | 5 | 8 | 2 | 7 | 9 | 1 |
| 6 | 8 | 1 | 7 | 2 | 3 | 9 | 5 | 4 |
| 9 | 3 | 5 | 6 | 4 | 1 | 2 | 7 | 8 |
| 2 | 4 | 7 | 9 | 5 | 8 | 1 | 3 | 6 |
| 4 | 7 | 6 | 8 | 1 | 9 | 5 | 2 | 3 |
| 5 | 9 | 3 | 2 | 6 | 4 | 8 | 1 | 7 |
| 1 | 2 | 8 | 3 | 7 | 5 | 4 | 6 | 9 |

ଗତକାଲିର ଉତ୍ତର

# ପ୍ରକୃତିର ଦୁଇ ଅଂଶ



ଡ.ଅଜୟ କୁମାର ପାତ୍ର

ପ୍ରକୃତି ମହାନ୍। ଏହାର ଗୌରବ, ଗରିମା ବିଶ୍ୱବନ୍ଦିତ। ଏ ମାଟିର ବାସ୍ନା, ଅସୀମ କାନ୍ତିମୟୀ ପ୍ରକୃତି ମଧ୍ୟରେ ବିଶ୍ୱନିୟନ୍ତାଙ୍କ ସନ୍ଧାନ, ଅପୂର୍ବ ମୋହାଚ୍ଛନ୍ନ ବାସ୍ତବ ଅନୁଭବ ହିଁ ମାନବ ଦର୍ଶନ-ତତ୍ତ୍ୱ ଦର୍ଶାଇଥାଏ। ସକଳ ବିଡ଼ମ୍ବନା ଓ ହତାଶ ମଧ୍ୟରେ ଆଶାବାଦ ଓ ଆନନ୍ଦବୋଧ ହିଁ ସକଳ ବ୍ୟକ୍ତିଙ୍କର ମହତ ଚିନ୍ତାଧାରା ହେବା ଉଚିତ। ଆଜିର ବିଷାଦଗ୍ରସ୍ତ, କଳୁଷ-କାଳିମାଲିପ୍ତ ଧରା ଓ ଧରାବାସୀଙ୍କୁ ସ୍ରଷ୍ଟାଙ୍କ ଅମୃତମୟ ବାଣୀ ବିମୁଗ୍ଧ କରି ଏକ ସୁନ୍ଦର ମଧୁମୟ ବିଶ୍ୱ ଗଠନରେ ଆମେ ପ୍ରଯତ୍ନବାନ ହେବା ଉଚିତ।

ପ୍ରକୃତିର ଦୁଇ ଅଂଶ, ଏକ ପକ୍ଷରେ ବିଜ୍ଞାନ ଓ ଅନ୍ୟପକ୍ଷରେ ଆଧ୍ୟାତ୍ମିକତା, ମାନବୀୟ ନୈତିକତା ମଧ୍ୟରେ ସେ ସମନ୍ୱୟ ଓ ସଂହତି ସ୍ଥାପନ କରେ। ବୈଜ୍ଞାନିକମାନେ ବିଜ୍ଞାନର ଅନ୍ବେଷା ଭିତରେ ଥାଇ ସୁଦ୍ଧା ଆଧ୍ୟାତ୍ମିକ ସତ୍ୟର ଆବିଷ୍କାର କରିଛନ୍ତି। ନିଉଟନ ମାଧ୍ୟାକର୍ଷଣ ଶକ୍ତିର ଅନ୍ତରାଳରେ ଏହି ଶକ୍ତିର ଅନୁଭବ କରିଥିଲେ। ପ୍ରକୃତିର କ୍ରିୟାଶୀଳତା ମଧ୍ୟରେ ସମ୍ପର୍କସୂତ୍ର ଧରି ଯୋଗ ଶାସ୍ତ୍ରର ରହସ୍ୟ ସନ୍ଧାନ କରିଥିଲେ। ତାଙ୍କ ବକ୍ତବ୍ୟ ଥିଲା, 'ମନକୁ ଆୟତ୍ତ କର, ମହାମନରେ ପରିଣତ ହୁଅ।' ବୈଜ୍ଞାନିକ ଗ୍ରୋଡ଼ିଂ ଆଧ୍ୟାତ୍ମିକତା ହିଁ ବସ୍ତୁର ଆଧାର ବୋଲି ସ୍ୱୀକାର କରିଥିଲେ। ବସ୍ତୁର ଅନ୍ତର୍ନିହିତ ସତ୍ତାର ଗଭୀର ଅନୁଶୀଳନ କରି ଡାରଉଇନ୍‌ଙ୍କର ଉପଲବ୍ଧି ଥିଲା, 'ସର୍ବଦା ପ୍ରେମ କର, ଅନ୍ୟର ଅନିଷ୍ଟ କରନାହିଁ।' ନଦୀ ଯେମିତି ଭିନ୍ନ ଭିନ୍ନ ସ୍ରୋତରୁ ଜଳ ସଂଗ୍ରହ କରି କ୍ଷିପ୍ରତା ଓ ଗଭୀରତା ଲାଭ କରେ ସେହିପରି ମଣିଷ ଜୀବନରେ ସମସ୍ତ ଅବକାଶରୁ ପ୍ରେମ ସଂଗ୍ରହ କରି ବ୍ୟକ୍ତିର ଦର୍ଶନ ଦୃଢ଼ ଓ କଳ୍ପନାଶୀଳ ହୋଇଥାଏ।

ପ୍ରଖ୍ୟାତ ଫରାସୀ ଲେଖକ ଜାଁ-ମାରି-ଗୁସ୍ତାଭ ଲି କ୍ଲେଜିଓ ୨୦୦୮ ପାଇଁ ସାହିତ୍ୟ କ୍ଷେତ୍ରରେ ନୋବେଲ ପୁରସ୍କାର ଲାଭ କରିଥିଲେ। ଯିଏ ସାରାଜୀବନ ପ୍ରାକୃତିକ ପରିବେଶ ଭିତରେ କଟାଇଥିଲେ, ତାଙ୍କ ଜୀବନ୍ତ ଲେଖାରେ ଥିଲା ଦେଶାନ୍ତରୀ ହେବାର ଦୁଃଖ ଏବଂ ନିଜକୁ ଖୋଜି ପାଇବାର ସଂଗ୍ରାମ। କଲମରେ ସେ ପୃଥିବୀର ବିଭିନ୍ନ ଦେଶ ମଧ୍ୟରେ ଥିବା ଭୌଗୋଳିକ ପରିସୀମାକୁ ଭାଙ୍ଗିଛନ୍ତି। ଖୁବ୍ ଭାବପ୍ରବଣ ଓ ସ୍ନେହୀ ସେ। ତାଙ୍କ ଭ୍ରମଣ କାହାଣୀରେ ରହିଛି ମାନବିକତାର ଝଙ୍କାର ଓ ବିଶ୍ୱଦୃଷ୍ଟିର ଆଲୋକିତ ଚିତ୍ରଭୂମି। ତାଙ୍କର କେତେକ ଲେଖାରେ ଭାରତୀୟ ପରମ୍ପରା ଓ ଲୋକକଥାର ଅପୂରନ୍ତ ଛବି ପରିଦୃଷ୍ଟ ହୋଇଥାଏ। ସହରୀ ସଂସ୍କୃତିକୁ ତୀବ୍ର ସମାଲୋଚନା କରାଯାଇଥିବା ତଥା ଏକାଧିକ ମହାଦେଶର ବିସ୍ତୃତ ପୃଷ୍ଠଭୂମି ଉପରେ ଗଢ଼ା ଯାଇଥିବା ତାଙ୍କ ପ୍ରଥମ ଉପନ୍ୟାସ 'ଲେ ପ୍ରସେସ୍- ଭର୍ବେଲ' ଫରାସୀ ପାଠକଙ୍କୁ ଏକ ନୂତନ ଅଭିଜ୍ଞତା ସହିତ ପରିଚିତ କରାଇ ଏବଂ ସେମାନେ ନିଜକୁ ନୂଆକରି ଦେଖିବାକୁ ଚିନ୍ତା କରିଥିଲେ। ୧୯୮୦ରେ ପ୍ରକାଶ ପାଇଥିଲା ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'ଡିଜର୍ଟ'। ଉତ୍ତର ଆଫ୍ରିକାର ଧ୍ୱଂସାଭିମୁଖୀ ସଂସ୍କୃତିର ନଗ୍ନ ଚିତ୍ର ସ୍ଥାନ ପାଇଛି ଏହି ଉପନ୍ୟାସରେ। ସମଗ୍ର ବିଶ୍ୱରେ ସେ ଏହି ଉପନ୍ୟାସ ଦ୍ୱାରା ବେଶ୍ ଚର୍ଚ୍ଚିତ ହୋଇଥିଲେ। ତାଙ୍କ ଲେଖାରେ ପ୍ରସ୍ଫୁଟିତ ହୋଇଛି, 'ଏକ ସୂର୍ଯ୍ୟ, ଏକ ପୃଥିବୀ ଏକ ପରିବାର।'

ଆଧୁନିକ ମଣିଷର ଅସ୍ତିତ୍ୱଗତ ବିଷାଦ-ବେଦନା ବିଶେଷକରି ଜଣେ ଅତି ସୂକ୍ଷ୍ମ ସ୍ପର୍ଶକାତର ଚିନ୍ତାଚେତନାର ମଣିଷ ଅନୁଭବ କରୁଥିବା ଜୀବନ ଯନ୍ତ୍ରଣାର ବାସ୍ତବ ଚିତ୍ର ପାଠକ



ପାଇଥାଏ ଚେକୋସ୍ଲୋଭାକିଆ ଜନ୍ମିତ ଦାର୍ଶନିକ ଫ୍ରାନଜ କାଫ୍‌କାଙ୍କ ମୌଳିକ ଲେଖାଗୁଡ଼ିକରେ। ଆପାତତଃ ଏକ ଉଦ୍ଭଟ, ଦୁର୍ବୋଧ, ଅର୍ଥହୀନ ଜୀବନଟିଏ ବଞ୍ଚିବାକୁ ମଣିଷ ଏକଦୁଇବାର ବାଧ୍ୟ ହେଉଥିବାବେଳେ ପ୍ରତି ପଦକ୍ଷେପରେ ସେ ଯେଉଁ ଅନିଶ୍ଚିତତା, ଯେଉଁ ଆକସ୍ମିକ ଘଟଣା ବା ଦୁର୍ଘଟଣାର ସମ୍ମୁଖୀନ ହୋଇଥାଏ, ତା'ର ମର୍ମଯାତନା ଦୃଶ୍ୟ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ସେ ତାଙ୍କର 'ଦି ଟ୍ରାଏଲ' ଉପନ୍ୟାସରେ। ସେ ତାଙ୍କର ବଳିଷ୍ଠ ଲେଖାରେ ଆଙ୍କି ଦେଇଛନ୍ତି ମଣିଷର ଅସହାୟତା, ମାନସିକ ଦୌର୍ବଲ୍ୟ ଓ ନିଃସ୍ତତା। ନିର୍ଦ୍ଦିଷ୍ଟ ଭାବରେ ଆମର ଆଖି ଖୋଲି ଦେଇଛନ୍ତି ଯେ, ଆଜିର ଆଧୁନିକ ସଭ୍ୟ ସମାଜର ଦରଦହୀନ ବିଚାର ବ୍ୟବସ୍ଥା ଓ ଆଇନକାନୁନର ଜୁଗାଳି ଜାଲରେ ଛନ୍ଦି ହୋଇ ପଡ଼ୁଥିବା ଅମଲାତନ୍ତ୍ରୀ ଶୋଷଣ, ଉତ୍ପୀଡ଼ନରେ ଅସହାୟ ଶରବ୍ୟ ହେଉଥିବା ମଣିଷର ମାନସିକ ତଥା ଶାରୀରିକ ପୀଡ଼ାର ଚିତ୍ର।

ଅପରପକ୍ଷେ ନିର୍ଭୀକତାର ସହ ନିଜ କଥାକୁ ଦୁନିଆ ସମ୍ମୁଖରେ ଉପସ୍ଥାପିତ କରିବା ଏବଂ ସେହି ଅନୁସାରେ ଜୀବନ ବଞ୍ଚିବା ସହଜ ନୁହେଁ, କିନ୍ତୁ ନିଜ ଚରିତ୍ରମାନଙ୍କୁ ଏଭଳି ନିର୍ଭୀକ ହେବାକୁ ପ୍ରବର୍ତ୍ତାଉଥିଲେ ମହାନ୍ ଲେଖିକା ଓ ୨୦୨୪ ମସିହାର ନୋବେଲ ସାହିତ୍ୟ ପୁରସ୍କାର ବିଜୟିନୀ ଦକ୍ଷିଣ କୋରିଆର ହାନ୍ କାଙ୍ଗ। ତାଙ୍କ ଭାଷାରେ 'ଶରୀର ତାଙ୍କ ପାଇଁ କେବଳ କ୍ରୂରତାର ଏକ ସ୍ଥାନ ନୁହେଁ, ତାହା ମଧ୍ୟ ଅନ୍ତିମ ପ୍ରତିରୋଧର ସ୍ଥାନ।' ଆଜିର ଯୁଦ୍ଧଲିପ୍ତ ବିଶ୍ୱ ପାଇଁ ଶକ୍ତି ଆରାଧନାରେ ଶ୍ରଦ୍ଧା- ବିଶ୍ୱାସ ସହ ବିନମ୍ରତା ଆଣିଲେ ମନୁଷ୍ୟ ଆତ୍ମଗୁ ହୋଇପାରିବ ଓ ଦୈବୀ ଆଶୀର୍ବାଦ ପାଇପାରିବ। ଏ କ୍ଷେତ୍ରରେ ଆଜିର ମାନବ ଜାତି, ଧର୍ମ ଓ ଶ୍ରମ ଲାଭ କରିପାରିବ।

ଉପରୋକ୍ତ ବର୍ଣ୍ଣିତ ବାର୍ତ୍ତାକୁ ସମାକ୍ଷଣ କରି ଏକ କ୍ଷୁଦ୍ର ଶିକ୍ଷଣୀୟ ଉଦାହରଣ ଏଠାରେ ଦିଆଯାଇପାରେ। ଅନେକ ଦିନର କଥା ଘଟଣା। ଜଳାଶୟ ତୀର ଦେଶରେ ପଡ଼ିରହିଥିଲା ଏକ ଖପୁରି। ସେହି ବାଟ ଦେଇ ଯାଉଥିଲେ ଜଣେ କ୍ଷମତାପନ୍ନ ବ୍ୟକ୍ତି। ଖପୁରିଟି ଆଶ୍ଚର୍ଯ୍ୟଜନକ ଭାବେ କହିଥିଲା, ''ହେ ପଥଚାରୀ! ସାବଧାନ, ଦେଖିଚାହିଁ ଚାଲ, ବୁଝି ବିଚାରି କାମ କର, ବିବେକର ଆହ୍ୱାନକୁ ଶୁଣ। ମୁଁ ବି ଦିନେ ତୁମ ପରି ଅତୁଳନୀୟ ଐଶ୍ୱର୍ଯ୍ୟର ଅଧିକାରୀ ଥିଲି। କ୍ଷମତା, ପ୍ରତିପତ୍ତି ସବୁକିଛି ଥିଲା-ପ୍ରଭୁତ୍ୱ ଜାହିରରେ ମୁଁ ଆନନ୍ଦ ପାଉଥିଲି। ମୋର ଶରୀରେ ଥିଲା ହୀରାଖଚିତ ରାଜମହଲର ପ୍ରତିମୂର୍ତ୍ତି। କେତେକେତେ ତୋଷାମଦକାରୀ, ଅନୁଗ୍ରହ ପ୍ରାର୍ଥୀ ମୋର ଆଗ-ପଛରେ ଜୟଜୟ ଗାନ କରି ଚାଲୁଥିଲେ। ମୋର ପାଦ ଭୂମିସ୍ପର୍ଶ କରୁ ନ ଥିଲା। ବାସ୍ତବରେ ହୋସ୍‌ରେ ନ ଥିଲି ମୁଁ। ମସ୍ତବଡ଼ ଭୁଲ ମୁଁ କରୁଥିଲି। ମାରାତ୍ମକ କର୍କଟ ରୋଗର ଶିକାର ହେଲି। କୋଟି କୋଟି ଟଙ୍କା ଖର୍ଚ୍ଚ କରି, ପୃଥିବୀର ଶ୍ରେଷ୍ଠ ଡାକ୍ତରଙ୍କ ଚିକିତ୍ସା ସତ୍ତ୍ୱେ ମାତ୍ର ୫୧ ବର୍ଷରେ ଇହଧାମ ତ୍ୟାଗ କଲି। ସବୁକିଛି ଲୀନ ହୋଇଗଲା, ମାଟିର ଶରୀର ମାଟିରେ ମିଶିଗଲା। ମୃତ୍ୟୁ ପରେ ମୋର ଶବକୁ କୃମି, କୀଟ ଖିନ୍‌ଭିନ୍ କରି ଖାଇଗଲେ। ଆଉ ମୋର ଅବଶେଷ ଯାହା ଧୂଳି ହୋଇଯାଇଛି ପଥଚାରୀ ଏବେ ପଦାଘାତ କରି ଯାଉଛନ୍ତି ତୁମେ ବି ଭଲଭାବେ ଶୁଣ, ଏଭଳି ମାରାତ୍ମକ ଭୁଲ ଯେମିତି ନ କର।'' ଜନ୍ମ ମୃତ୍ୟୁ ମଧ୍ୟରେ ଯାହା ବିଦ୍ୟମାନ ତାହା ହେଉଛି ଜୀବନ। ଯେଉଁ ସାଧୁ ଓ ମହାପୁରୁଷମାନେ ସତ୍ୟ ଓ ଧର୍ମପଥେ ସଦା ଅଗ୍ରସର ହୁଅନ୍ତି, ଦାରିଦ୍ର୍ୟ ପୀଡ଼ିତ ଲୋକଙ୍କର ସେବାରେ ବ୍ରତୀ ହୁଅନ୍ତି, ଏକ ସୂର୍ଯ୍ୟ, ଏକ ପୃଥିବୀ, ଏକ ପରିବାର, ମହାମନ୍ତ୍ରରେ ଦୀକ୍ଷିତ ହୋଇଥାନ୍ତି, ସେହିମାନେ ହିଁ କେବଳ ମୃତ୍ୟୁ ପରେ ମଧ୍ୟ ଅମର ହୋଇଥାନ୍ତି।

ପରିବେଶ ବିଜ୍ଞାନୀ
ମୋ: ୯୪୩୮୬୨୧୩୧୯

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପରେ...

ମହାଶୟ,

କାର୍ତ୍ତିକ ମାସ କଟକଣା ହଟିବା ପରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଛି। ପ୍ରକାଶଥାଉ କି କୋଭିଡ୍ ସମୟରେ କଟକଣା ଥିବାବେଳେ ପୂର୍ବ ସରକାର କରୋନାର ଅଭିଯୋଗ ନେଇଥିଲେ। ତେବେ ଆମେ କ୍ଷମତାକୁ ଆସିଲେ ଚାରିଦ୍ୱାର ଖୋଲିବୁ ବୋଲି ପ୍ରତିଶ୍ରୁତି ଦେଇଥିଲୁ ଏବଂ କ୍ଷମତାରେ ରହିଲୁ ଓ ଖୋଲିଦେଲୁ ବୋଲି ସରକାର ବକ୍ତବ୍ୟ ରଖିବା ପରେ ନାଟକର ଶେଷ ଦୃଶ୍ୟ ସମସ୍ତେ ଦେଖୁଛନ୍ତି। ରାମ ମନ୍ଦିର ଅପେକ୍ଷା ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ କେତେ ଖର୍ଚ୍ଚ ହୋଇଛି ତା'ର ହିସାବ ରଖିବା ବିରୋଧୀ ଓ ସମାଲୋଚକମାନଙ୍କ କାର୍ଯ୍ୟ। କିନ୍ତୁ ଲୋକଭିଡ଼ ଓ ଭବିଷ୍ୟତର ଘଟଣ, ଅଘଟଣ, ଦୁର୍ଘଟଣା ପାଇଁ ଦରକାରୀ ସ୍ଥାନ ସୃଷ୍ଟି ସଂପୃକ୍ତ ସରକାର ଓ ପ୍ରଶାସନର ଏକ ଦୂରଦୃଷ୍ଟି କହିଲେ ଅତ୍ୟୁକ୍ତି ହେବ କି? ପୁରୀ ଶ୍ରୀମନ୍ଦିରର ଭିତର ପରିସରକୁ ବାହାର ଆଡ଼ିକି ସମ୍ପ୍ରସାରିତ କରିହେବ କି?

-ଡି. ପି. ତ୍ରିପାଠୀ, ପୁରୀ

## ଚିରନ୍ତନୀ

ଆଖିର ଧରମ ହେବାକୁ ଚିର
ଛଳନାମୟ
ସହଜ ଗତିରେ ଚାହିଁବା ତା'ର
ଲାଗଇ ଭୟ।

-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଗ୍ନିଯୋଦ୍ଧା ଭାବେ ମହିଳାଙ୍କ ନିଯୁକ୍ତିକୁ ବିଚାରକୁ ନିଆଯିବ: ମୁଖ୍ୟମନ୍ତ୍ରୀ

## ରାଜ୍ୟସ୍ତରୀୟ ଅଗ୍ନିଯୋଦ୍ଧା ନିଯୁକ୍ତି ସମାରୋହ

■ ୮୨୬ ଆଗ୍ନିକ, ୧୧୫ ଆଗ୍ନିକ ଗାଡ଼ିଚାଳକଙ୍କୁ ନିଯୁକ୍ତିପତ୍ର ପ୍ରଦାନ, ଖୁବ୍‌ଶୀଘ୍ର ହୋମ୍‌ଗାର୍ଡ ପଦବୀ ପୂରଣ ହେବ



ଭୁବନେଶ୍ୱର,୨୭।୧୧(ଅନିଲ ଦାସ)

ଆଗାମୀ ଦିନରେ ଫାୟାର ମ୍ୟାନ୍ ପଦବୀରେ ମହିଳାଙ୍କ ନିଯୁକ୍ତି ବିଷୟକୁ ବିଚାରକୁ ନିଆଯିବ। ଏଥିପାଇଁ ଆବଶ୍ୟକ ସଂଶୋଧନ ଜରିଆରେ ପଦବୀକୁ ଅଗ୍ନିଯୋଦ୍ଧା ଭାବେ ନାମିତ କରାଯିବ। ଭୁବନେଶ୍ୱର ଓୟୁଏଟି ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଅଗ୍ନିଯୋଦ୍ଧା ନିଯୁକ୍ତି ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ନବନିଯୁକ୍ତ ଅଗ୍ନିଯୋଦ୍ଧାମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ଲାଗି ଆପଣମାନଙ୍କୁ ସୁଯୋଗ ମିଳିଛି। ସମାଜର ପ୍ରଶଂସା ଓ ସମ୍ମାନ ଆପଣଙ୍କ ଜୀବନର ସବୁଠାରୁ ବଡ଼ ସଫଳତା ହେବ। କାର୍ଯ୍ୟକ୍ଷେତ୍ରରେ ସୁନାମ ରାଜ୍ୟକୁ ସୁରକ୍ଷିତ କରି ରଖିବ। ରାଜ୍ୟରେ ମୋଟ ୩୮୩୨ଟି ଆଗ୍ନିକ ଓ ୩୮୭ଟି ପଦବୀ ରହିଛି। ସେଥିରୁ ୮୨୬ଟି ଆଗ୍ନିକ ଓ ୧୧୫ଟି ଆଗ୍ନିକ ଗାଡ଼ିଚାଳକ ପଦବୀ ପୂରଣ ହୋଇଛି। ଗୋଟିଏ ଦିନରେ ସମ୍ପୂର୍ଣ୍ଣ ପଦବୀ ସଂଖ୍ୟାର ୨୨ ଭାଗ ପଦବୀ ପୂରଣ କରାଯାଇଛି। ୯୪୧ ଜଣ ନୂଆ ଅଗ୍ନିଯୋଦ୍ଧାଙ୍କ ଯୋଗଦାନ ବିଭାଗକୁ ସୁଦୃଢ଼ କରିବ ଏବଂ ବିଭାଗ ଲୋକଙ୍କ ଧନଜୀବନ ସୁରକ୍ଷା କରିବା ପାଇଁ ଅଧିକ ସକ୍ଷମ ହେବ। ଆହୁରି ମଧ୍ୟ ଗୃହ ବିଭାଗରେ ଖାଲିଥିବା ପଦବୀ ଓ ନୂଆ ପଦବୀ ମିଶି ପ୍ରାୟ ୧୦,୦୦୦ ପଦବୀ ଖୁବ୍ ଶୀଘ୍ର ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ୨୦୨୦ଠାରୁ ଗୃହରକ୍ଷୀ ନିଯୁକ୍ତି ବନ୍ଦ ଅଛି। ଏବେ ପ୍ରାୟ ୨୪୧୬ଟି ପଦବୀ ଖାଲି ଅଛି। ଖୁବ୍‌ଶୀଘ୍ର ଏଗୁଡ଼ିକ ମଧ୍ୟ ପୂରଣ ହେବ। ଆଗାମୀ ୫ ବର୍ଷ ମଧ୍ୟରେ ଆମ ସରକାର ୧.୫ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ସ୍ଥିର କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୩୪୬ଟି ଦମକଳ କେନ୍ଦ୍ର ଅଛି। ଅଗ୍ନିଶମ କେନ୍ଦ୍ରଗୁଡ଼ିକ ତୃଣମୂଳ ସ୍ତରରେ ଜୀବନ ରକ୍ଷା ପାଇଁ ସଦା ପ୍ରସ୍ତୁତ ରହି ତ୍ୱରିତ ସହାୟତା ଯୋଗାଇ ଦେଉଛନ୍ତି। ଅଗ୍ନିଶମ ବାହିନୀକୁ ସୁଦୃଢ଼ କରିବା ପାଇଁ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୩୯୪ କୋଟି ଟଙ୍କା ଏବଂ ପଞ୍ଚଦଶ ଅର୍ଥ କମିଶନରୁ ୨୦୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ବର୍ଷକୁ କେନ୍ଦ୍ର ଖର୍ଚ୍ଚ କରୁଛି ୮୯୬୭ କୋଟି

ଭୁବନେଶ୍ୱର, ୨୭।୧୧(ସୁନିତ୍ ମିଶ୍ର)

ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଓଡ଼ିଶାକୁ କେନ୍ଦ୍ର ସରକାର ଚାଉଳ ଯୋଗାଣ ବାବଦରେ ବର୍ଷକୁ ହାରାହାରି ୮୯୬୭ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିରେ ଚାଉଳର ଦର ସହ ପରିବହନ ଓ ବିତରଣ ଖର୍ଚ୍ଚ ସାମିଲ ଅଛି। ବିଧାନସଭାରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୯୩,୨୩,୦୭୯ ପରିବାରର ୩,୨୬,୩୩,୦୯୭ ସଦସ୍ୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୩,୧୫,୦୨୪ ପରିବାରର ୧୦,୦୩,୭୧୯ ସଦସ୍ୟଙ୍କୁ ମାଗଣାରେ ଚାଉଳ ଦିଆଯାଉଛି। କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଆବଶ୍ୟକ ବାର୍ଷିକ ହାରାହାରି ୨୨ ଲକ୍ଷ ୪୪ ହଜାର ମେଟ୍ରିକ ଟନ୍ ଚାଉଳ ଯୋଗାଇଛନ୍ତି। ଏହି ଚାଉଳର କିଲୋ ପିଛା ଖର୍ଚ୍ଚ ହାରାହାରି ୩୯.୯୬ ଟଙ୍କା ରହିଛି। ସେହିଭଳି ରାଜ୍ୟ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ବର୍ଷକୁ ହାରାହାରି ୬୦ ହଜାର ମେଟ୍ରିକ ଟନ୍ ଚାଉଳ ଯୋଗାଇ ଦେଉଛନ୍ତି, ଯାହାର କିଲୋ ପିଛା ଖର୍ଚ୍ଚ ୪୧.୩୩ ଟଙ୍କା ରହିଛି। ଏ ବାବଦରେ ବର୍ଷକୁ ମୋଟ୍ ୨୫ କୋଟି ଖର୍ଚ୍ଚ ହେଉଛି। ଏଥି ମଧ୍ୟରେ ପରିବହନ ଏବଂ ବିତରଣ ବାବଦରେ କିଲୋ ପିଛା ହାରାହାରି ୨.୨୬ ଟଙ୍କା ଖର୍ଚ୍ଚ ହେଉଛି। ସେହିଭଳି ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ନୂତନ ରାଶନ କାର୍ଡ ପାଇବାକୁ ୬,୧୯,୮୩୬ ଜଣ ଆବେଦନ କରିଥିବା ମନ୍ତ୍ରୀ ପାତ୍ର ଦର୍ଶାଇଛନ୍ତି।

Orissa Motors Pvt. Ltd.
Moving ahead........
- ORISSA MOTORS PVT. LTD.
(Mines Raising, Logistics & Stevedoring)
- ORISSA EXIM PVT. LTD. (MINERAL TRADING)
- ORISSA INFRAVENTURE PVT. LTD. (PROJECTS)
- HOTEL EDEN ROC (HOSPITALITY)

# ଓଡ଼ିଶା ମଣ୍ଡପକୁ ରୌପ୍ୟ ପୁରସ୍କାର

## ୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା



ଅନ୍ୟମାନଙ୍କ ଉପସ୍ଥିତିରେ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଲ ଗଗନ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨୬।୧୧(ଅନୁରାଧା ମହାରଣା)

ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଚାଲିଥିବା '୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୪' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି 'ଓଡ଼ିଶା ମଣ୍ଡପ'କୁ ରୌପ୍ୟ ପଦକ ମିଳିଛି। ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଲ ଗଗନ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେ ଭାରତ ବାଣିଜ୍ୟ ପ୍ରୋତ୍ସାହନ ସଙ୍ଗଠନର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂହ ଖରୋଲାଙ୍କଠାରୁ ପୁରସ୍କାର ଗ୍ରହଣ ସମୟରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, 'ଓଡ଼ିଶା ମଣ୍ଡପ'ର ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ, ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ମିଶାଇ ଓଡ଼ିଶା ଲଗାତାର ତୃତୀୟଥର ପାଇଁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ମଞ୍ଚରେ ପୁରସ୍କାର ପାଇଛି।

ନଭେମ୍ବର ୧୪ରୁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆରମ୍ଭ ହୋଇଥିଲା। 'ବିକଶିତ ଭାରତ, ବିକଶିତ ଓଡ଼ିଶା ଥିମ୍‌ରେ 'ଓଡ଼ିଶା ମଣ୍ଡପ'ର ଡିଜାଇନ କରାଯାଇଥିଲା। ଏଥିରେ ରାଜ୍ୟର ପ୍ରାଚୀନ କୀର୍ତ୍ତିରାଜି ସହ ଭାରତର ଆଧୁନିକ ବିଜ୍ଞାନ ଓ କାରିଗରିର ଯାତ୍ରା ପ୍ରତିଫଳିତ ହୋଇଥିଲା। ଓଡ଼ିଶାର ମନ୍ଦିର ଭାସ୍କର୍ଯ୍ୟର ମୁଖଶାଳା ମୁକ୍ତେଶ୍ୱର ତୋରଣ, କୋଣାର୍କ ମନ୍ଦିରର ପ୍ରତିରୂପ, ରତ୍ନଗିରିର ବୌଦ୍ଧ କୀର୍ତ୍ତିରାଜି ସହ ଅତ୍ୟାଧୁନିକ ବୁଲେଟ ଟ୍ରେନ ଏବଂ ଶିଳ୍ପ ପ୍ରଗତିର ଚିତ୍ର ଓଡ଼ିଶା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିଥିଲା। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତତ୍ତ୍ୱାବଧାନରେ ପ୍ରସ୍ତୁତ ଓଡ଼ିଶା ପାଭିଲିୟନରେ ଚଳିତବର୍ଷ ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୨୫ଟି ଷ୍ଟଲ ସ୍ଥାନ ପାଇଥିଲା। ଓଡ଼ିଶା ମଣ୍ଡପକୁ ପ୍ରାୟ ୫ ଲକ୍ଷରୁ ଅଧିକ ଲୋକ ଆସିଥିବା ବେଳେ ୫୫ ଲକ୍ଷରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିଲା। ଓଡ଼ିଶାର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଓ ଉତ୍ପାଦ ପ୍ରତି ଦେଶ ବିଦେଶର ବହୁ ବ୍ୟବସାୟୀ ଆକୃଷ୍ଟ ହୋଇ ସେମାନଙ୍କ ସହିତ ବ୍ୟବସାୟିକ ବାର୍ତ୍ତାଳାପ କରିଥିଲେ।

# ସିଡବ୍ଲ୍ୟୁସି ହସ୍ତକ୍ଷେପରେ ବିବାହ ବନ୍ଧନରେ ବାନ୍ଧିହେଲେ ପ୍ରେମୀଯୁଗଳ




ଭବାନୀପାଟଣା,୨୭।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ହସ୍ତକ୍ଷେପ ପରେ ଶେଷରେ ପ୍ରେମୀଯୁଗଳ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଭବାନୀପାଟଣାସ୍ଥିତ ଜିଲା ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟରେ ବୁଧବାର ସେମାନଙ୍କ ଆଦର୍ଶ ବିବାହ ଅନୁଷ୍ଠିତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲାର କେସିଙ୍ଗା ଥାନା ଅନ୍ତର୍ଗତ କର୍ମେଲ ଗ୍ରାମର ପ୍ରତାପ ମାଝୀ ଓ ପୀତାମ୍ବରୀ ମାଝୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ସେମାନଙ୍କର ଏକ ଛୋଟ ପୁଅ ମଧ୍ୟ ରହିଥିଲା। ତେବେ ପିତାମ୍ବରୀଙ୍କ ବୟସ ସେତେବେଳେ ୧୮ରୁ କମ ହୋଇଥିବା କାରଣରୁ ତାଙ୍କ ବାପା ଜଗତ ରାମ ମାଝୀ ପ୍ରତାପଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ପ୍ରତାପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପ୍ରତାପ ପ୍ରାୟ ଏକ ବର୍ଷ କାଳ ଜେଲରେ ମଧ୍ୟ ରହିଥିଲେ। ଅନ୍ୟପଟେ ପୀତାମ୍ବରୀ ଓ ତାଙ୍କ ପୁଅକୁ କଳାହାଣ୍ଡି ସିଡବ୍ଲ୍ୟୁସି ସ୍ୱଧାର ଗୃହରେ ଥଇଥାନ କରାଯାଇଥିଲା। କିଛିଦିନ ତଳେ ପୋକ୍‌ସୋ ବିଚାରପତି ପ୍ରତାପଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପୀତାମ୍ବରୀଙ୍କ ବୟସ ମଧ୍ୟ ୧୮ବର୍ଷରୁ ଅଧିକ ହୋଇ ସାରିଥିଲା। ତେଣୁ ପ୍ରେମୀଯୁଗଳଙ୍କ ସହ ସେମାନଙ୍କ ପୁଅର ଭବିଷ୍ୟତକୁ ଦୃଷ୍ଟିରେ ରଖି ସିଡବ୍ଲ୍ୟୁସି ପକ୍ଷରୁ ଉଭୟ ପରିବାରଙ୍କୁ ବୁଝାଶୁଝା କରି ଦୁହିଙ୍କ ବିବାହ କରାଯାଇଥିଲା। ଏହି ସମୟରେ କଳାହାଣ୍ଡି ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରୂପେଶ କୁମାର ହୋତା, ସଦସ୍ୟସଦସ୍ୟା, ସ୍ୱଧାର ଗୃହର କର୍ମକର୍ତ୍ତା, କନ୍ୟା ଓ ବର ପକ୍ଷର ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।

GIET UNIVERSITY, GUNUPUR
Established by Govt. Of Odisha Act 23/2018, Approved by UGC, AICTE & AIU, New Delhi
High quality education, famous for 97% Campus Placement in
B.Tech in CSE (AI & ML).
B.Sc. Agriculture, ICAR Accredited
B.TECH B.Sc. NURSING MBA MCA HOTEL MGT. Ph.D.
811 8053 001 to 009 deanadmission@giet.edu

GANDHI PUBLIC SCHOOL
CBSE Affiliated K-12 ( Science & Commerce ) Day-Cum-Residential
Awarded as "BEST SCHOOL OF ODISHA IN INTEGRATED TEACHING" by THE TIMES GROUP THE TIMES OF INDIA
• Integrated Coaching for JEE/ NEET / NDA / NISER / IISER.
• Qualified & Full Time Teachers.
• Digital Class Rooms.
• ATL & well-equipped Science Labs.
• Separate HOSTEL for Boys & Girls.
www.gpsgnp.edu.in
GIET University Campus, GUNUPUR, Dist: Rayagada
9182783176 / 9777264579 / 7381052118

## ପରିବର୍ତ୍ତନ, ମାଲକାନଗିରି

ପରିବର୍ତ୍ତନ ଅନୁଷ୍ଠାନର ଯାତ୍ରା ୧୯୯୩-୯୪ ମସିହାରେ ଆରମ୍ଭ ହୋଇଥିଲା। କେତେକ ସାମାଜିକବିତ୍ ତଥା ନିତ୍ୟାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ପରିବର୍ତ୍ତନ ସଂସ୍ଥା ଗଠନ କରାଯାଇଥିଲା। ସେ ପରିବର୍ତ୍ତନ ସଂସ୍ଥାର ପ୍ରତିଷ୍ଠାତା ତଥା ସଚିବ ଅଟନ୍ତି। ଆରମ୍ଭରେ ପରିବର୍ତ୍ତନ ଅନୁଷ୍ଠାନ SHG ସଂଗଠନ, ଲୋକମାନଙ୍କୁ ଆତ୍ମନିର୍ଭରଶୀଳ ବିକାଶ ପାଇଁ ଏକତ୍ରିତ କରିବା, ମାନବିକ ଅଧିକାର ଏବଂ ବାଧ୍ୟତାମୂଳକ କାରଣରୁ ଶୋଷଣ ଏବଂ ଅତ୍ୟାଚାର ବିରୁଦ୍ଧରେ ଲକ୍ଷ୍ୟ ଗୋଷ୍ଠୀକୁ ସଚେତନ, ଅଣସଂରକ୍ଷିତ ଗୋଷ୍ଠୀର ମହିଳା ଏବଂ ଶିଶୁମାନଙ୍କର ବିକାଶ, ଶିଶୁ ଶ୍ରମିକର ବିଲୋପ ଏବଂ ଶିଶୁ ଅଧିକାରର ସୁରକ୍ଷା, ଜଳାଶୟକୁ ନେଇକି ଜୀବିକା ବିକାଶର ଅଗ୍ରଗତି, ବନ୍ଧନ ପରିଶ୍ରମ ଉପରେ ସଚେତନତା ସୃଷ୍ଟି କରିବା, ଆତ୍ମନିର୍ଭରଶୀଳତା ଏବଂ ସାମାଜିକ ନ୍ୟାୟ ସୁନିଶ୍ଚିତ, ପ୍ରାକୃତିକ ସମ୍ପଦ ଉପରେ ପ୍ରବେଶ ଏବଂ ନିୟନ୍ତ୍ରଣ, ସ୍କିଲ୍ ଅପ୍ ଗ୍ରେଡେସନ୍, କୌଶଳ ଏବଂ ଉତ୍ସଗୁଡ଼ିକର ନିରନ୍ତର, ଗୋଷ୍ଠୀର ଆର୍ଥନୀତିକ ସ୍ଥିତିକୁ ସୁଦୃଢ଼, ଜଙ୍ଗଲ, ଜମି ଗୁଣବତ୍ତା ଏବଂ ଜଳ ପୁନଃ ସ୍ଥାପିତ କରିବା, ସ୍ଥାୟୀ ଜୀବିକା ନିର୍ବାହ କରିବାରେ ପରିବର୍ତ୍ତନ ସଂସ୍ଥାର ପ୍ରମୁଖ ଭୂମିକା ରହି ଆସୁଅଛି।
ପରିବର୍ତ୍ତନ ବିଗତ ୨୮ବର୍ଷ କାର୍ଯ୍ୟକାଳ ସମୟ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ବିକାଶର ବାର୍ତ୍ତା ପହଞ୍ଚାଇ ପାରିଛିଯଥା:

### ଜୀବିକା ପ୍ରକଳ୍ପ (Water Sheed Project)
- ଏହି ପ୍ରକଳ୍ପ ମାଧ୍ୟମରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ୧୨୦୦୦ ପରିବାର ପାଖରେ ପହଞ୍ଚି ପାରିଛୁ।
- ପ୍ରୋତ୍ସାହନ ପ୍ରାପ୍ତ କୃଷିଭିତ୍ତିକ କାର୍ଯ୍ୟ ୫୦୦୦ ହେକ୍ଟରକୁ ସୁନିଶ୍ଚିତ କରିପାରିଛି।
- ୧୫୦୦ ହେକ୍ଟର ପଡ଼ିଆ ଜମିକୁ ଉନ୍ନତମାନର ଚାଷଜମିରେ ପରିଣତ କରାଯାଇଛି।
- ପ୍ରୋତ୍ସାହନ ନନ୍ ଫାର୍ମ କାର୍ଯ୍ୟକ୍ରମ ଯଥା କୁକୁଡ଼ା, ଛେଳି, ଛତୁ ଚାଷ ଏବଂ ଛୋଟ ବ୍ୟବସାୟ।
- ୧୦୦୦୦ ଘରର ଆୟ ବୃଦ୍ଧି ଏବଂ ଜୀବନ ନିରାପତ୍ତା ହୋଇପାରିଛି।

### କୈଳାସ ସତ୍ୟାର୍ଥୀ ଶିଶୁ ଫାଉଣ୍ଡେସନ (କ.ସଁ.ସି.ଫଁ.)
- ୫୦୦୦ ମହିଳା ଲିଡ଼ର ଏହି ଅଞ୍ଚଳରେ ଶିଶୁ ବିବାହ ସମାପ୍ତ କରିବାକୁ ସକ୍ରିୟ ଅଂଶଗ୍ରହଣ କରିଥିଲେ।
- ୨୩୭୫୫୦ ଶିଶୁ ବିବାହ ବନ୍ଦ କରିବାକୁ ପ୍ରସାରଣ କରିବାକୁ ଜନସଂଖ୍ୟା।
- ଜିଲ୍ଲାରେ ୫୪ ସଂଖ୍ୟା ଶିଶୁଙ୍କ ବିବାହ ବନ୍ଦ କରିଥିଲେ।
- ୧୦ ଶିଶୁ ବିବାହ ମାମଲା ଅଗ୍ନି ପଞ୍ଜୀକୃତ ଏବଂ ୧ ସାଧାରଣ ଡାଏରୀ ଏଣ୍ଟ୍ରିର।
- ୮୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି।
- ୩୬ ପ୍ରଥମ ପଞ୍ଜୀକୃତ।
- GD ଏଣ୍ଟ୍ରି ସଂଖ୍ୟା ୨।
- ସେକ୍ସୁଆଲ୍ ଅପବ୍ୟବହାର ମାମଲା ସଂଖ୍ୟା ପଞ୍ଜୀକୃତ ୨୪।
- ୨୪ ଶିଶୁ ଉଦ୍ଧାର।

### ଓଡ଼ିଶା ମିଲେଟ୍ ମିଶନ
- ଏହି ପ୍ରକଳ୍ପ ମାଧ୍ୟମରେ ୧୦୭୫୧ ପରିବାର ପାଖରେ ପହଞ୍ଚି ପାରିଛୁ।
- ୬୨୬୦ ହେକ୍ଟରରେ ରାଗି ପ୍ରମୋଟ୍ ଏବଂ ଉତ୍ପାଦିତ ହେଇପାରିଛି।
- ୩୩୯୫୩.୯୨ କୁଇଣ୍ଟାଲ ରାଗି ଉତ୍ପାଦିତ ଏବଂ ବିକ୍ରୟ ହେଇପାରିଛି।

ସ୍ୱା./- ଶ୍ରୀଯୁକ୍ତ ନିତ୍ୟାନନ୍ଦ ପ୍ରଧାନ, ପରିବର୍ତ୍ତନ ସମ୍ପାଦକ, ମାଲକାନଗିରି

JEYPORE COLLEGE OF PHARMACY
(Under the patronage of Banagiri Development Trust)
NAAC accredited with "B++" Grade
Approved By
Pharmacy Council of India. (PCI). New Delhi. Govt of Odisha.
Affiliated to Biju Patnaik University of Technology (BPUT)
ODISHA UNIVERSITY OF HEALTH SCIENCES (OUHS)
& Odisha State Board of Pharmacy (OSBP)
ACCREDITED WITH GRADE B++ NAAC
Contact Info:
7978484794, 7978494262
Courses Offered
Diploma in Pharmacy 60 Seats
Bachelor of Pharmacy 100 Seats
Master of Pharmacy
Pharma Technology 09 Seats
Pharmaceutical Quality Assurance 03 Seats
Pharmacology 06 Seats
Pharmacognosy 09 Seats
BANAVIHAR, RONDAPALLI, JEYPORE,
KORAPUT ODISHA-764002, PHONE : 06854-291221,9438593095
Email: jcpprincipal2001@gmail.com, Visit Us: www.jcp.ac.in

KEONJHAR DISTRICT TRUCK OWNER'S ASSOCIATION
AT./P.O.:KEONJHAR-758001 (ODISHA)
Regd. No. 18935/18 1984-85, E-mail : kdtoakjr@gmail.com
We not only run Trucks We run an Economy.
AND
PROVIDES TO THE SOCIETY :-
- Two bedded special Cabin at District Head Quarter Hospital.
- Special Cabin at Ghasipura, Barapada & Hatadihi P.H.C., 2 nos of Special Cabin at Barpada & Haraichandanpur P.H.C.
- 7 Nos. of ambulance 24 Hours served from Dist. Head Quarter, Anandapur, Patna, Barapada, Hatadihi & Telkoi area.
- Corpse Carrying – 2 Nos. of MAHAYATRA Vehicle at Keonjhar & Anandapur Area.
- 3 Nos. of Crain Service (For Keonjhar & Anandapur Area)
- Drinking water supply through overhead tank at Dhenkikote.
- Maa Tarini Kalyan Mandap at Ghatgaon & Jhadeswar Kalyan Mandap at Ghasipura.
- Service provided during natural calamities.
- Purified Drinking Water facility provided for General People in-front of KDTOA Office.
- Purified Drinking Water facility provided for Advocates & General People inside the BAR Association, Keonjhar.
- Purified Drinking Water facility provided for General People at Sri Baladev Jew Temple, Old Town, Keonjhar
- Purified Drinking Water facility provided for General People at Dhenkikote, Deogaon & Hatadihi.
- Indoor Game facilities for our members has been providing within association campus.
- Providing financial assistance for medical treatment & death case to our Members.
- Financial assistance for development of mines affected area at Suakati, Keonjhar
- Financial Aid for medical treatment to Poor people & many more.....

Mr. Padmalochan Sahoo, President
Mr. Pradeep Kumar Barik, General Secretary
Mr. Rudra Narayan Mishra, Treasurer
Mr. Nisith Ranjan Pattanaik, Mr. Debadatta Nayak, Vice-President
Mr. Ayashkanta Pattanayak, Mr. Debasis Pattanaik, Joint-Secretary

EXECUTIVE BODY MEMBERS
1. Mr. Sunil Kumar Barik
2. Mr. Sushanta Giri
3. Mr. Tapan Kumar Barik
4. Mr. Debaprasad Prusty
5. Mr. Bijay Kumar Barik
6. Mr. Bikash Kumar Jena
7. Mr. Pratap Chandra Sahoo
8. Mr. Anirudha Sahoo
9. Mr. Manoranjan Sahoo
10. Mr. Kulamani Sahoo
11. Mr. Bibhuranjan Palei
12. Mr. Rabindra Kumar Puhan
13. Mr. Subrat Kuanr
14. Mr. Uttam Kumar Khatua
15. Mr. Dillip Kumar Bal

## ସଂକ୍ଷେପରେ

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ
#### ବିଦ୍ୟାଳୟ ଆଗରେ ଅଭିଭାବକଙ୍କ ହୋହାଲ୍ଲା

ଭଦ୍ରକ,୨୭।୧୧(ସନାତନ ରାଉତ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଆର୍ଦ୍ଧ ପଞ୍ଚାୟତ ଅଧିନ ଏକ ସରକାରୀ ବିଦ୍ୟାଳୟରେ ଜଣେ ଶିକ୍ଷକ ବୁଧବାର ଜଣେ ୬ଷ୍ଠ ଶ୍ରେଣୀର ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ଉକ୍ତ ଶିକ୍ଷକଙ୍କୁ ବିଦ୍ୟାଳୟରେ ଅଟକ ରଖିବା ସହିତ ବିଦ୍ୟାଳୟ ଆଗରେ ସନ୍ଧ୍ୟା ପର୍ଯ୍ୟନ୍ତ ଅଭିଭାବକ ମାନେ ହୋହାଲ୍ଲା କରିଥିଲେ। ଖବର ପାଇ ବାସୁଦେବପୁର ପୋଲିସ ବିଦ୍ୟାଳୟରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ସଂପୃକ୍ତ ଶିକ୍ଷକଙ୍କୁ ଥାନାକୁ ନେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ଧାରଣାରୁ ଉଠିଲେ ଛାତ୍ରୀଛାତ୍ର, ଅଭିଭାବକ
#### ଶିକ୍ଷକ ପଦବୀ ପୂରଣ ହେଲା

ଭଣ୍ଡାରିପୋଖରୀ,୨୭।୧୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ସାଧନକେନ୍ଦ୍ର ଅଧିନ ଥଇଲା ଉପ୍ରା ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବୁଧବାର ୨ୟ ଦିନରେ ଧାରଣାରେ ବସିଥିଲେ। ଥଇଲା ଉପ୍ରା ବିଦ୍ୟାଳୟରେ ଦେଓପଦା ଉପ୍ରା ବିଦ୍ୟାଳୟକୁ ଡେପୁଟେସନରେ ଯାଇଥିବା ଶିକ୍ଷକ ଦୁଷ୍ମନ୍ତ କୁମାର ଜେନାଙ୍କ ଡେପୁଟେସନ ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରାଇ ବାତିଲ ଆଦେଶ ପ୍ରଧାନଶିକ୍ଷକ ଅରୁଣ କୁମାର ସେଠୀଙ୍କୁ ଦେବା ପରେ ଅପରାହ୍ନରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ଏହି ବିଦ୍ୟାଳୟର ନିମ୍ନ ପ୍ରାଥମିକ ଶ୍ରେଣୀରେ ମୋଟ ୬୮ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀରେ ୫୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ଅଛନ୍ତି।

### ସଭାନେତ୍ରୀ, ସମ୍ପାଦିକାଙ୍କ ବିରୋଧରେ ମହିଳା ଗୋଷ୍ଠୀଙ୍କ ଅଭିଯୋଗ

ଭଣ୍ଡାରିପୋଖରୀ,୨୭।୧୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ସାନଶାସନ ପଞ୍ଚାୟତ ତେନ୍ତୁଳିଆ ମା' ବାଗେଶ୍ୱରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଗୋଷ୍ଠୀ ସଭାନେତ୍ରୀ ଓ ସମ୍ପାଦିକାଙ୍କ ସମେତ ୱାର୍ଡ ସଦସ୍ୟ, ସିଆରପିଙ୍କ ବିରୋଧରେ ଆର୍ଥିକ ଅନିୟମିତତା ଓ ପରିଚାଳନାଗତ ତ୍ରୁଟି ଅଭିଯୋଗ ଆଣିଛନ୍ତି। ସଦସ୍ୟା ନିରୁପମା ବାରିକ, ଗୁର ପରିଡ଼ା, କୁନ୍ତଳା ପରିଡ଼ା, ବୀଣାପାଣି ପରିଡ଼ା, ଜାନକୀ ମାଝୀ, ଗୌରୀ ମାଝୀ, ଟୁମ ପରିଡ଼ା, ଛାୟାମଣି ବେହେରା ପ୍ରମୁଖ ଭଣ୍ଡାରିପୋଖରୀ ବିଡିଓ ଓ ମଞ୍ଜୁରୀରୋଡ଼ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗୋଷ୍ଠୀର ସଦସ୍ୟାଙ୍କ ସ୍ୱାକ୍ଷରକୁ ଜାଲ କରି ସଭାନେତ୍ରୀ ଓ ସମ୍ପାଦିକା ପୋଖରୀ ନିଲାମ ଧରିବା, ବ୍ୟାଙ୍କରୁ ଋଣ ଆବେଦନ କରିବା, ଖାଦ୍ୟ ସୁରକ୍ଷା ସାମଗ୍ରୀ ବିତରଣ ମନମୁଖି ଭାବେ କରି ସାମଗ୍ରୀ ଓ ପ୍ରୋତ୍ସାହନ ରାଶି ହଡ଼ପ କରୁଥିବା ଦର୍ଶାଇଛନ୍ତି। ଏଭଳି କାର୍ଯ୍ୟରେ ୱାର୍ଡ ସଦସ୍ୟ ଓ ସିଆରପି ସହାୟତା କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଗୋଷ୍ଠୀ ସଭାନେତ୍ରୀ ଓ ସମ୍ପାଦିକାଙ୍କ କାର୍ଯ୍ୟକାଳ ୨ ବର୍ଷ ଅତିକ୍ରମ କରିଥିବାରୁ ନୂତନ ସଭାନେତ୍ରୀ ଓ ସମ୍ପାଦିକା ନିର୍ବାଚିତ କରିବାକୁ ଦାବି କରାଯାଇଛି। ଡିସେମ୍ବର ମାସରେ ନୂତନ ସଭାନେତ୍ରୀ ଓ ସମ୍ପାଦିକା ଚୟନ କରାଯିବ ବୋଲି ସିଆରପି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# 'ସ୍ନେହ, କରୁଣା, ତ୍ୟାଗ ଓ ଦେଶପ୍ରେମ ସଦା ସ୍ମରଣୀୟ'

## ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଜୟନ୍ତୀ

ଭଦ୍ରକ,୨୭।୧୧(ସନାତନ ରାଉତ)

ଗାନ୍ଧିଜୀଙ୍କ ପଦ୍ମଶିଷ୍ୟା, ସର୍ବୋଦୟ ନେତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କର ୧୨୫ତମ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ଭଦ୍ରକ କଲେଜରେ ବୁଧବାର ପାଳିତ ହୋଇଯାଇଛି। ଉତ୍କଳ ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲା ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷ ଡ. ଦୁର୍ଗାଶଙ୍କର ଦାସ, ମୁଖ୍ୟବକ୍ତା ପୁସ୍ତକାର ଅଭୟ କୁମାର ତ୍ରିବେଦୀ, ଅନ୍ୟତମ ଅତିଥି କଲେଜର ପୂର୍ବତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ସର୍ବୋଦୟ ମଣ୍ଡଳ ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ଅଧ୍ୟାପକ ଲକ୍ଷ୍ମୀକାନ୍ତ ନାୟକ, ପ୍ରାଧ୍ୟାପକ ଡ. ପଦ୍ମନାଭ ପତ୍ରି, ଜଗତସିଂହପୁର ସର୍ବୋଦୟ କର୍ମୀ ସ୍ନେହାଂଶୁ ଭାଇ, ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ, ରଞ୍ଜିତା ସାହାଣୀ, ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ଯୋଗଦେଇ ସ୍ୱର୍ଗତ ରମା ଦେବୀଙ୍କର ତ୍ୟାଗ, ଦେଶପ୍ରେମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅସହଯୋଗ ଆନ୍ଦୋଳନ, ହରିଜନ ପଦଯାତ୍ରାରେ ମହାତ୍ମାଗାନ୍ଧୀଙ୍କ ସହ ସାମିଲ ହେବାଠାରୁ ଆରମ୍ଭ କରି ବିନୋବା ଭାବେଙ୍କ ସହିତ ଭୂଦାନ ଆନ୍ଦୋଳନରେ ଯୋଗଦାନର ବିଷୟ ଚିରସ୍ମରଣୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବକ୍ତବ୍ୟ ରଖିଥିବା କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଭଭାପତି ନାରାୟଣ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶୁଭେନ୍ଦୁ ବରାଳ ଧନ୍ୟବାଦ ଦେଇଥିଲେ।



ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ ପରିକ୍ରମା



ସଚେତନତା ରଥ।

ଭଣ୍ଡାରିପୋଖରୀ,୨୭।୧୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ 'ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ' ପରିକ୍ରମା କରାଯାଇଛି। ନଭେମ୍ବର ୨୧ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ପକ୍ଷ ପାଳନ ପାଇଁ ସଚେତନତା ରଥ ପର୍ଯ୍ୟାୟ କ୍ରମେ ପରିକ୍ରମା କରିବ। ପରିବାର ନିୟୋଜନ ଦିଗରେ ଏହି ଅଭିଯାନ ଉପଯୋଗୀ ସାବ୍ୟସ୍ତ ହେଉଥିବାରୁ ରଥ ପରିକ୍ରମା କରାଯାଉଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜମଳାକାନ୍ତ ସ୍ୱାଇଁ ପ୍ରକାଶ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସମେତ ଆଶା କର୍ମୀମାନେ ଉପସ୍ଥିତ ଥିଲେ।

# 'ଲିଙ୍ଗଭିତ୍ତିକ ହିଂସା ସମାଜ ପାଇଁ ବିପଦ'

## ଲିଙ୍ଗଭିତ୍ତିକ ହିଂସା ବିରୋଧୀ ଅଭିଯାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୨୭।୧୧(ସନାତନ ରାଉତ)

ମହିଳା ଶିଶୁ ବିକାଶ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସୋସାଇଟ୍ ଫର୍ ଭଇକର କମ୍ୟୁନିଟ୍ (ଅସିଆନା) ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଭଦ୍ରକ ବସ୍ ସିଣ୍ଡିକେଟ୍ ସଭାଗୃହରେ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସିଆନ୍‌ର ସମ୍ପାଦିକ ସୋଫିଆ ସେଖ୍‌ଙ୍କ ସଭାପତିତ୍ୱରେ ବସ୍ ସିଣ୍ଡିକେଟ୍‌ର ସଭାପତି ଶ୍ରୀନିବାସ ପତି, ଟାଉନ୍ ଥାନା ସବ୍‌ଇନ୍‌ସପେକ୍ଟର ଅରୁନ୍ଧତୀ ପରିଡ଼ା, କାଉନ୍‌ସିଲର ପ୍ରତିନିଧି ପଙ୍କଜ ବଳ ଓ ୱାନ୍‌ଷ୍ଟପ୍‌ସେଣ୍ଟରର ପ୍ରଶାସନିକ ଅଧିକାରୀ ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇ ୧୧୨ ଜରୁରୀକାଳିନ ସେବା,୧୮୧ ମହିଳା ହେଲ୍ପଲାଇନ୍ ଏବଂ ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ୍ ଉପଯୋଗିତା ଉପରେ ବିସ୍ତୃତ ଆଲୋଚନା କରିବା ସହ ଲିଙ୍ଗ ଭିତ୍ତିକ ହିଂସା ସମାଜ ପାଇଁ ବିପଦ ବୋଲି ମତବ୍ୟକ୍ତ କରିଥିଲେ। ଆସିଆନାର ସଂଯୋଜକ ଖିଆଜ ଅହମଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବସ୍ ସିଣ୍ଡିକେଟ୍ ସଦସ୍ୟ ସୁଜାର ରଞ୍ଜନ ସାହୁ, ଇରଫାନ୍ ଅଲି ଖାନ୍, ସଫିରୁଦ୍ଦିନ୍ ଖାନ୍, କୈଳାସ ଚନ୍ଦ୍ର ସାହୁ, ସଲାମୁଦ୍ଦିନ୍ ଖାନ୍, ରବୀନ୍ଦ୍ର ଦାସ ଏବଂ ଚାଇଲ୍ଡ ଲାଇନ୍‌ର ପରାମର୍ଶଦାତା ଲକ୍ଷ୍ମଣ ଜେନା, ସୁପରଭାଇଜର ଦିବ୍ୟଜିତ୍ ମହାନ୍ତି ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ଆସିଆନାର କର୍ମକର୍ତ୍ତା ଜ୍ୟୋତି ବେହେରା, ବିକାଶ ରାଉତ, ସାଧନା ସରଗମ୍ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମୁକ୍ତାଶ୍ରୟ କେନ୍ଦ୍ରର ସଂଯୋଜକ ସନ୍ଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଯାତ୍ରାମଞ୍ଚକୁ ଚେୟାର ଫିଙ୍ଗିଲେ ଦର୍ଶକ

ଭଦ୍ରକ/ନାଳଙ୍ଗ,୨୭।୧୧(ସନାତନ ରାଉତ /ସାଇଶଙ୍କର ମହାକୁଡ଼)

ଭଦ୍ରକ ବ୍ଲକ ଅର୍ଣ୍ଣପାଳ କଲେଜ ପଡ଼ିଆରେ ଯାତ୍ରା ସ୍ୱର୍ଣ୍ଣ ମହଲ ଯାତ୍ରା ଆରମ୍ଭ କରିଛି। ମଙ୍ଗଳବାର ପ୍ରଥମ ରଜନୀରେ ମଞ୍ଚସ୍ଥ 'ସ୍ୱାମୀ ପାଇଁ ପରେ ନର୍କକୁ ଯିବି' ନାଟକରେ ପରିବେଷଣ ହୋଇଥିବା ଏକ ସିନ୍‌ରେ ପ୍ରଭୁ ଜଗନ୍ନାଥ ଓ ହିନ୍ଦୁ ଧର୍ମକୁ ଆକ୍ଷେପ କଲାଭଳି ଦୃଶ୍ୟ ଦେଖି କିଛି ଦର୍ଶକ ଉତ୍ତେଜିତ ହୋଇ ପଡ଼ିଥିଲେ। କେତେକ ଦର୍ଶକ ଉତ୍ତ୍ୟକ୍ତ ହୋଇ ଯାତ୍ରା ପେଣ୍ଡାଲକୁ ଚେୟାର ଫିଙ୍ଗିଥିଲେ, ଯାହା ଫଳରେ କିଛି ସମୟ ପାଇଁ ଯାତ୍ରା ବନ୍ଦ ରହିଥିଲା। ଯାତ୍ରା କଳାକାର ଏବଂ ଅନୁଷ୍ଠାନ କାର୍ଯ୍ୟକର୍ତ୍ତା ଲୋକଙ୍କୁ ବୁଝାଶୁଝା କରି ସେହି ସିନ୍‌ରୁ କିଛି ଅଂଶ କାଟି ପୁନର୍ବାର ଯାତ୍ରା ପରିବେଷଣ କରିଥିଲେ। ନାଟକର ଖଳନାୟକ ଭୂମିକାରେ ଅଭିନୟ କରୁଥିବା ନବ ଘୋଷ ଯାତ୍ରାର ନାୟକ ସୁବାସ ବେହେରାଙ୍କୁ ଏକ ଦୃଶ୍ୟରେ ନିଜର ଧର୍ମ ପରିବର୍ତ୍ତନ କରି ଏକ ନିର୍ଦ୍ଦିଷ୍ଟ ଧର୍ମ ଗ୍ରହଣ କରିବା ପାଇଁ ବାଧ କରୁଥିଲେ। ଏହି ଦୃଶ୍ୟ ଯାତ୍ରା ଦେଖୁଥିବା କିଛି ଦର୍ଶକଙ୍କ ଭାବାବେଗକୁ ଆଘାତ ଦେଇଥିବାରୁ ଏଭଳି ଅପ୍ରତିକର ପରିସ୍ଥିତି ଘଟିଲା ବୋଲି ନାଟକର ନାୟକ ସୁବାସ ବେହେରା ସୂଚନା ଦେଇଛନ୍ତି। ସମ୍ପୂର୍ଣ୍ଣ ନାଟକ ଦେଖିବା ପରେ ଦର୍ଶକମାନେ ନାଟକର ପ୍ରଶଂସା କରିଥିଲେ ବୋଲି ଯାତ୍ରା କମିଟିର ସଦସ୍ୟ ଶଶିକାନ୍ତ ସାହୁ କହିଛନ୍ତି।

# ଭାରତ ବିକାଶ ପରିଷଦ ପକ୍ଷରୁ ଚାରା ରୋପଣ



ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା।

ଭଦ୍ରକ,୨୭।୧୧(ସନାତନ ରାଉତ)

ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଭାରତ ବିକାଶ ପରିଷଦ ଭଦ୍ରକ ଶାଖା ପକ୍ଷରୁ ନେହେରୁ ଯୁବକେନ୍ଦ୍ର ମିଳିତ ସହଯୋଗରେ ଚରମ୍ପା କୋଡ଼ଗାମ୍ବାରାଠାରେ ବୁଧବାର ଚାରାରୋପଣ କରାଯାଇଛି। ପରିବେଶ ସୁରକ୍ଷା ପାଇଁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ଶହେଟି ଚାରା ବଣ୍ଟନ କରାଯାଇଥିଲା। ଗ୍ରାମବାସୀମାନଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଚରମ୍ପାସ୍ଥିତ ଅବନ୍ତିକା ଆଇଟିଆଇର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦର ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରଦୀପ ପ୍ରହରାଜ, କୋଷାଧ୍ୟକ୍ଷ ବିଭୂକଲ୍ୟାଣ ସ୍ୱାଇଁ, ପୁରୁଷୋତ୍ତମ ମହାନ୍ତି, ରବିନାରାୟଣ ରାଉତ, ପ୍ରମୋଦ ରାଉତ, ଗୋବିନ୍ଦ ରାଉତ, ଆଇଟିଆଇ କଲେଜ ଅଧକ୍ଷ ଅରୁନ୍ଧତୀ ମହାନ୍ତି, ହୃଷିକେଶ ବାରିକ, ଶୁଭଶ୍ରୀ ବେହେରା ଯୋଗ ଦେଇଥିବା ବେଳେ ଅମିତ୍ ମଲ୍ଲିକ୍ ଧନ୍ୟବାଦ ଦେଇଥିଲେ।

# ବାଲିଗାଡ଼ିରୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

## ଘଟଣାସ୍ଥଳରେ ଉତ୍ତେଜନା

ଭଦ୍ରକ,୨୭।୧୧(ସନାତନ ରାଉତ)

ଆନନ୍ଦପୁର– ଭଦ୍ରକ ରାସ୍ତାର ଭଦ୍ରକ ଜିଲା ପରିଷଦ କାର୍ଯ୍ୟାଳୟ ନିକଟରେ ଖଣି ବିଭାଗ ପକ୍ଷରୁ ବେଆଇନ ବାଲି ବୋଝେଇ ୧୫ଟି ହାଇୱାକୁ ଅଟକ ରଖାଯାଇଥିଲା। ଗାଡ଼ିଗୁଡ଼ିକ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନ ପାରିବାରୁ ବେଆଇନ ଚାଲାଣ ବାବଦରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଛି। ୮ଟି ଗାଡ଼ି ଜରିମାନା ଦେଇ ଚାଲିଯାଇଥିବା ବେଳେ ୪ ଗାଡ଼ି ଟାଉନ ଥାନାରେ ଅଟକ ରହିଥିବା ଖଣି ବିଭାଗ ଜିଲା ଡେପୁଟି ନିର୍ଦ୍ଦେଶକ ସନ୍ତୋଷ ଦଳେଇ ସୂଚନା ଦେଇଛନ୍ତି। ଆନନ୍ଦପୁର ଅଞ୍ଚଳରେ ବୈତରଣୀ ନଦୀର ବିଭିନ୍ନ ଘାଟରୁ ଗାଡ଼ିଗୁଡ଼ିକ ବାଲି ବୋଝେଇ ହୋଇ ଆସୁଥିବା ବେଳେ ଖଣି ବିଭାଗ ପକ୍ଷରୁ ପୋଲିସ ସହାୟତାରେ ଉକ୍ତ ସ୍ଥାନରେ ଯାଞ୍ଚ ପାଇଁ ଅଟକାଯାଇଥିଲା। ଖବର ପାଇ କିଛି ଗାଡ଼ି ମାଲିକ, ଡ୍ରାଇଭରଙ୍କ ସମେତ କେତେକ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ଯୁକ୍ତିତର୍କ କରିଥିଲେ। ଫଳରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି କିଛି ସମୟ ପାଇଁ ମୁଖ୍ୟ ରାସ୍ତା ଜାମ ହୋଇଥିଲା। ଟାଉନ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ, ପୁରୁଣାବଜାର ଥାନା ଅଧିକାରୀ ନିରାକାର ସାମଲ ପୋଲିସ ଫୋର୍ସ ସହ ପହଞ୍ଚି ଘଣ୍ଟାକୁ ନିୟନ୍ତ୍ରଣାଧିନ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।



ଘଟଣା ସ୍ଥଳରେ ଲୋକଙ୍କ ଭିଡ଼।

## ଭାଗୀରଥି ବଳ ସଭାପତି, ଚନ୍ଦ୍ରକାନ୍ତ ଦାସ ସମ୍ପାଦକ
### ରୋଟାରୀ କ୍ଲବର ନୂତନ କର୍ମକର୍ତ୍ତା ମନୋନୟନ

ବାସୁଦେବପୁର,୨୭।୧୧(ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ସହରସ୍ଥିତ ମିରାକିଲ ପବ୍ଲିକ ସ୍କୁଲ ପରିସରରେ ମଙ୍ଗଳବାର ବାସୁଦେବପୁର ରୋଟାରୀ କ୍ଲବର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୫-୨୬ ବର୍ଷ ପାଇଁ ସଭାପତି ଭାବେ ରୋଟାରିଆନ ଭାଗୀରଥି ବଳ, ସମ୍ପାଦକ ଭାବେ ରୋଟାରିଆନ ଚନ୍ଦ୍ରକାନ୍ତ ଦାସଙ୍କୁ ମନୋନୀତ କରାଯାଇଥିଲା। ସେହିପରି ୨୦୨୬-୨୭ ବର୍ଷ ପାଇଁ ସଭାପତି ଭାବେ କିଶୋର କୁମାର ମହାପାତ୍ର, ସମ୍ପାଦକ ଭାବେ ମାଧବ ଚନ୍ଦ୍ର ପ୍ରହରାଜଙ୍କୁ ମନୋନୀତ କରାଯାଇଛି। ସଭାରେ ପର୍ଯ୍ୟବେକ୍ଷକ ଭାବେ ଭଦ୍ରକ ରୋଟାରୀ କ୍ଲବର ପୂର୍ବତନ ସମ୍ପାଦକ ତଥା ଅଧୁନା ରୋଟାରୀ ଗଭର୍ଣ୍ଣରଙ୍କ ଉପଦେଷ୍ଟା ଥିବା ରୋଟାରିଆନ ଇନ୍ଦ୍ରଜିତ୍ ସାହୁ ଓ ଭଦ୍ରକ ରୋଟାରୀ କ୍ଲବର ଆଗାମୀ ସଂଯୋଜକ ରୋଟାରିଆନ ବାଦଲ କିଶୋର ମହାପାତ୍ର ଯୋଗ ଦେଇଥିଲେ। ରୋଟାରିଆନ ଦୁଃଶାସନ ରାଉତ ସଭାରେ ସଭାପତିତ୍ୱ କରିଥିଲେ।

# ଭଦ୍ରକ-ଧାମରା ରେଳପଥରେ ଏସ୍‌ପିଙ୍କ ତଦନ୍ତ



ଭଦ୍ରକ ଧାମରା ରେଳପଥରେ ଏସ୍‌ପିଙ୍କ ତଦନ୍ତ।

## ଟ୍ରେନ୍‌ରୁ କୋଇଲା ଚୋରି ଘଟଣା

ତିହିଡ଼ି,୨୭।୧୧(ସଞ୍ଜିତ ବଳ)

ଭଦ୍ରକ–ଧାମରା ରେଳପଥରେ ଟ୍ରେନ୍‌ରୁ ନିରନ୍ତର କୋଇଲା ଚୋରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଏ ନେଇ ବୁଧବାର ଏସ୍‌ପି ମହକର ସନ୍ଦୀପ ସମ୍ପଦ ତଦନ୍ତ କରିଛନ୍ତି। କୋଇଲା ଚୋରି ଓ ଚୋରା ଚାଲାଣ ରୋକିବା ଦିଗରେ କଡ଼ା ପଦକ୍ଷେପ ନେବାକୁ ତିହିଡ଼ି ଓ ପିରହାଟ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସମୟରେ ଶିଖରପୁର ନିକଟସ୍ଥ କିଲୁରୁ ଟ୍ରେନ୍‌ରୁ କୋଇଲା ବାହାର କରିବାରେ ବ୍ୟବହାର ହେଉଥିବା ୩ଟି ଟ୍ରକ ଜବତ ହୋଇଥିବା ସୂଚନା ମିଳିଛି। ତଦନ୍ତ ସମୟରେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ ନାୟକ ଉପସ୍ଥିତ ଥିଲେ। ପରେ ତିହିଡ଼ି ଥାନା ଅଧୀନ କୋହୁ ବାସ ସାହିର ବିଜୟ ବାରିକଙ୍କ ଘର ପାଖରୁ ୮୮ବସ୍ତା ଚୋରା କୋଇଲା ଜବତ କରିଥିବା ଜଣାପଡ଼ିଛି। ଘଟଣାରେ ତିହିଡ଼ି ଥାନାରେ ଏକ ମାମଲା ରୁଜୁ ହୋଇଛି।

# ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନକଲେ କେନ୍ଦ୍ରାଞ୍ଚଳ ଉପ ନିର୍ଦ୍ଦେଶକ

ଭଦ୍ରକ,୨୭।୧୧(ସନାତନ ରାଉତ)

ଭଦ୍ରକ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ, କେନ୍ଦ୍ରାଞ୍ଚଳ କଟକ ହେମନ୍ତ କୁମାର ନାୟକ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ କର୍ମଚାରୀ ମୀନାକ୍ଷୀ ଗରାବଡ଼ୁ, ସୁରେଶ ଚନ୍ଦ୍ର ତ୍ରିପାଠୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନିକଟରେ ପୁନରୁଦ୍ଧାର କରାଯାଇଥିବା କାର୍ଯ୍ୟାଳୟ କୋଠା, ବିଭିନ୍ନ କକ୍ଷ, ପଠନାଗାର ଓ କାର୍ଯ୍ୟାଳୟର ଆସବାବପତ୍ର ପରିଦର୍ଶନ କରିବା ସହିତ ନିର୍ମାଣାଧୀନ ପ୍ରାଚିର ଓ ଗେଟ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟାଳୟର କେଶବୁକ୍, ସମସ୍ତ ରେଜିଷ୍ଟର, ଆବଶ୍ୟକ ଫାଇଲପତ୍ର ତଦାରଖ କରିଥିଲେ। ଡିସେମ୍ବର ମାସରେ ଅବସର ନେବାକୁ ଥିବା କାର୍ଯ୍ୟାଳୟର ଏକମାତ୍ର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପେନ୍‌ସନ୍ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟ ଠିକ୍ ସମୟରେ ସମ୍ପାଦନ କରିବା ପାଇଁ ଡିଆଇପିଆରଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଆରଡ଼ି ପୀଠରେ ଥିବା ସୂଚନା କେନ୍ଦ୍ର ତଥା ପଠନାଗାର କର୍ମଚାରୀ ଅଭାବରୁ ଦୀର୍ଘ ବର୍ଷ ଧରି ଖୋଲାଯାଇ ପାରୁ ନ ଥିବାରୁ ସେଥିପାଇଁ ସ୍ଥିତାବସ୍ଥା ପରଖିବା ପାଇଁ ଆରଡ଼ି ଗସ୍ତରେ ଯାଇଥିଲେ। ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିଦର୍ଶନ ସହ ଭଡ଼ାଘରେ ସୂଚନା କେନ୍ଦ୍ର ସମସ୍ତ ଆସବାବପତ୍ରକୁ ରଖାଯାଇ ତାଲା ପକାଯାଇଥିବା ଦେଖିଥିଲେ। ଉକ୍ତ କେନ୍ଦ୍ର ସ୍ଥାନାନ୍ତର ପାଇଁ ସରକାରୀ ଘର ଯୋଗାଇ ଦେବାକୁ ଜିଲା ପ୍ରଶାସନକୁ ଜଣାଇବା ପାଇଁ ଉପ ନିର୍ଦ୍ଦେଶକ ଡିଆଇପିଆରଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ଚାରୁଲତାଙ୍କ ସ୍ମୃତିରେ 'ଚାରୁ ବିଚିତ୍ରା' ଲୋକାର୍ପିତ

ଧାମନଗର,୨୭।୧୧(ଦେବେନ୍ଦ୍ର ଅଧିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଦଲପୁର ପଞ୍ଚାୟତ ନାରାୟଣପୁରଠାରେ ଗାନ୍ଧିବାଦିନୀ ଚାରୁଲତା ରାଉଳଙ୍କ ସ୍ମୃତିରେ ସ୍ମରଣିକା 'ଚାରୁ ବିଚିତ୍ରା'ର ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଅର୍ଜ୍ଜୁନ ଚରଣ ପଣ୍ଡାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ କବି ଶୁଭେନ୍ଦ୍ର ଜେନା, ମୁଖ୍ୟ ବକ୍ତାଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସ୍ୱାଧୀନତା ସମୟରେ ଗାଁ ଗହଳିରେ ନାରୀଶକ୍ତିକୁ ଏକତ୍ରିତ କରାଇ ବିଦେଶୀ ବିରୋଧୀ ଭାବନା ଜାଗ୍ରତ କରିବା ଓ ତକଲିରେ ଲୁଗା ବୁଣି ସ୍ୱାବଲମ୍ବୀ ହେବା ଭଳି ଅନେକ ସ୍ମରଣୀୟ କାର୍ଯ୍ୟ କରିଥିବା ଚାରୁଲତା ଦେବୀ ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ କାଞ୍ଚି ମାଲିକା ସମ୍ପାଦକ ଲୋକନାଥ ଭୂୟାଁ, ବାଣୀ ଚତେଜର ସମ୍ପାଦକ ବିକାଶ ଶତପଥୀ, କବି ସଦାନନ୍ଦ ପାଣିଗ୍ରାହୀ, କବିୟିତ୍ରୀ ଗୀତାରାଣୀ ଆଚାର୍ଯ୍ୟ, ଉଚ୍ଚ ଗୋବିନ୍ଦ ହାଇସ୍କୁଲର ପ୍ରଧାନଶିକ୍ଷକ ଖଗେଶ୍ୱର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅଭିରାମ ନାଥ ସ୍ମୃତି ସଂସଦ ପକ୍ଷରୁ ପ୍ରକାଶିତ 'ଚାରୁ ବିଚିତ୍ରା' ଉନ୍ମୋଚିତ କରାଯାଇଥିଲା। ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ବାରିକ, ଦୋଳଗୋବିନ୍ଦ ଜେନା, ସନ୍ତୋଷ ପାଢ଼ୀ, ସର୍ବେଶ୍ୱର ସାହୁ, ପଣ୍ଡିତ ପୀତବାସ ପଣ୍ଡା, ଶ୍ରୀନିବାସ ପଣ୍ଡା, ପିତାମ୍ବର ନାଥ, ଅନୁପମ ନାଥ, ଶିକ୍ଷୟିତ୍ରୀ ଶାନ୍ତିଲତା ବାଇ, ଭାରତୀ ବାଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଅନ୍ତେବାସୀ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। ଶିକ୍ଷାବିତ ରବିନ୍ଦ୍ର ପ୍ରସାଦ ନାଥ ଅତିଥି ପରିଚୟ ଏବଂ ସାହିତ୍ୟିକ ବୃନ୍ଦାବନ ରାଉଳ ସ୍ୱାଗତ ଅଭିଭାଷଣ ସହ ଅଭିଯୁଷ୍ଟ ପ୍ରଦାନ କରିଥିଲେ। ପ୍ରଭଞ୍ଜନ ରାଉଳ ଧନ୍ୟବାଦ ପ୍ରଦାନ କରିଥିଲେ।



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ରାଜ୍ୟସ୍ତରୀୟ ଟେନିକଏଟ୍ ପ୍ରତିଯୋଗିତା ଉଦ୍‌ଯାପିତ

ଭଦ୍ରକ,୨୭।୧୧(ସନାତନ ରାଉତ)

ଭଦ୍ରକ ବ୍ଲକ କାଉପୁର ଉଚ୍ଚ ବିଦ୍ୟାଳୟଠାରେ ଜିଲା ଟେନିକଏଟ୍ ସଂଘ ଦ୍ୱାରା ଆୟୋଜିତ ୩୬ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ଟେନିକଏଟ୍ ସଂଘର ସାଧାରଣ ସମ୍ପାଦକ ଦିନେଶ କୁମାର ସ୍ୱନ୍ତ ଅତିଥିଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ରାଶି, ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଓଡ଼ିଶା ଟେନିକଏଟ୍‌ର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଓ ସମ୍ପାଦକ ଶ୍ରୀକାନ୍ତ ସିଂହ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୁରୁଷ ବିଭାଗରେ ଭଦ୍ରକର ନିର୍ମଳ ସେନ ଚାମ୍ପିୟନ ହୋଇଥିବା ବେଳେ ନାରାୟଣ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ବିଭାଗରେ ଯାଜପୁର ଜିଲାର ରୁବି ରାଉତ ଚାମ୍ପିୟନ ଓ ସୁପ୍ରିଆ ସିଂ ଦ୍ୱିତୀୟ, ବାଳକ ବିଭାଗରେ କଟକର ରାଜ ସାଇଁ ଚାମ୍ପିୟନ ହୋଇଥିବା ବେଳେ ସୁନ୍ଦରଗଡ଼ର ଜତିନ ସାହୁ ଦ୍ୱିତୀୟ, ସେହିପରି ବାଳିକା ବିଭାଗରେ କଟକର ଦିବ୍ୟଜ୍ୟୋତି ପାଲ ଚାମ୍ପିୟନ ହୋଇଥିବା ବେଳେ ରାଜଶ୍ରୀ ନାୟକ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସମସ୍ତ କୃତୀ ଖେଳାଳି ଓଡ଼ିଶା ଦଳରେ ସାମିଲ ହୋଇଛନ୍ତି। ଭଦ୍ରକ ରାଜେଶ ନାୟକ ପୁରୁଷ ବିଭାଗରେ ଓ ସୁଇଟ୍‌ସ୍ମିତା ଜେନା ମହିଳା ବିଭାଗରେ ଏବଂ ବାଳକ ବିଭାଗରେ ଭଦ୍ରକରୁ ପିଭସ ପ୍ରଧାନ ବିଶେଷ ଓଡ଼ିଶା ଦଳରେ ସାମିଲ ହୋଇଛନ୍ତି। ଭଦ୍ରକ ଜିଲା ସଭାପତି ଅଧାପକ ଗୋଲକ ନାୟକ ପୁରସ୍କାର ବିତରଣ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ମନୋଜ ସାହୁ ଧନ୍ୟବାଦ ଦେଇଥିଲେ।




ଉଦ୍‌ଯାପନୀ ସଭାରେ ଅତିଥିମାନେ।

## ସଂକ୍ଷେପରେ

### ବିଦ୍ୟାଳୟ ପରିସରରୁ ୪ ମୂଲ୍ୟବାନ୍ ଗଛ କାଟିନେଲେ ଦୁର୍ବୃତ୍ତ

ନୀଳଗିରି, ୨୭।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଗରଡ଼ି ପଞ୍ଚାୟତ କଳାକାଦ ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ କେହି ଦୁର୍ବୃତ୍ତ ବହୁ ପୁରୁଣା ଓ ୪ଟି ମୂଲ୍ୟବାନ ଗଛକୁ କାଟି ନେଇଛନ୍ତି। ହେଲେ ଗଛର ଏକାଧିକ ଗଣ୍ଡିଗୁଡ଼ିକୁ ନେବାର ସଫଳ ହୋଇପାରି ନାହାନ୍ତି। ବୁଧବାର ଉକ୍ତ ଘଟଣା ପ୍ରଚାରିତ ହେବା ସହ କୁଲଡ଼ିହା ବନ ବିଭାଗ ନିଜରକୁ ଆସିଥିଲା। କୁଲଡ଼ିହା ରେଞ୍ଜର ପ୍ରବୀର ମୁର୍ମୁଙ୍କ ନିର୍ଦ୍ଦେଶରେ ସଦଳବଳେ କୁଲଡ଼ିହା ବନ କର୍ମଚାରୀ ପହଞ୍ଚି ସମସ୍ତ କାଠ ଗଣ୍ଡିକୁ ସିଜ୍ କରିଥିଲେ। ଏପରିକି ବନବିଭାଗକୁ ସ୍କୁଲ ପରିଚାଳନା କମିଟି ଓ ପ୍ରଧାନଶିକ୍ଷକ ଗଛ କାଟିବା ନେଇ କୌଣସି ଅନୁମତି ନେଇ ନ ଥିବା ବନ ବିଭାଗ କହୁଥିବା ବେଳେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମୀନତିମଣି ଟୁଡୁଙ୍କୁ ପଚାରିବାରୁ ସେ ଗଛ କାଟିବା ବିଷୟରେ କିଛି ଜାଣିନାହାନ୍ତି। ଉକ୍ତ ଗଛ କେହି ଦୁର୍ବୃତ୍ତ କାଟିଥିବା ପ୍ରକାଶ କରିଛନ୍ତି।

### ଦିବ୍ୟାଙ୍ଗଙ୍କୁ ଆଶ୍ରମରେ କମ୍ବଳ, ଚାଉଳ ବଣ୍ଟନ



ସୋର, ୨୭।୧୧(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ଅନ୍ତର୍ଗତ ନଟପଡାଠାରେ ଦିବ୍ୟାଙ୍ଗ ଆଶ୍ରମରେ ସୋରର ପୂଜ୍ୟପୂଜା ସଂସଦ ତରଫରୁ ବୁଧବାର ସକାଳେ କମ୍ବଳ, ଚାଉଳ ଏବଂ ଖାଦ୍ୟ ଆଦି ବଣ୍ଟନ କରାଯାଇଛି। ସଂସଦ ତରଫରୁ ସଭାପତି ଅକ୍ଷୟ କର ଏବଂ ସମ୍ପାଦକ ଅଜୟ କୁମାର ଦାସ ଆଶ୍ରମରେ ରୋଷେଇ ପାଇଁ ଗ୍ୟାସ ସିଲିଣ୍ଡର ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସଙ୍ଗଠନର ଆଗଧାଡିର ସଭ୍ୟ ଶ୍ରୀକାନ୍ତ ଧଳ, ମୀନତି ଅପା, ସୁକାନ୍ତି ସାହୁ, ଭଗବାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୩୨ ବେଶରେ ମହାପ୍ରଭୁ

ଭୋଗରାଇ, ୨୭।୧୧(ପ୍ରଦୀପ ଦାସ)



ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ଥାନାଛକସ୍ଥିତ ହେଲିପ୍ୟାଡ ପଡିଆରେ ଆଧ୍ୟାତ୍ମିକ ମହୋତ୍ସବ କମିଟି ପକ୍ଷରୁ ପ୍ରଭୁଙ୍କ ନିଆରା ଅପୂର୍ବ ୩୨ ବେଶ ସନ୍ଦର୍ଶନ ୨ୟ ବର୍ଷରେ ଏକ ନିଆରା ପରମ୍ପରା ସୃଷ୍ଟି କରିଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ଦୀଘା ରାମକୃଷ୍ଣ ମିଶନର ମହନ୍ତ ମହାରାଜ ନିତ୍ୟବୋଧନନ୍ଦ ଶ୍ରୀ ଜଗନ୍ନାଥ ଉପରେ ଗଭୀର ତତ୍ତ୍ୱ ପ୍ରଦାନ କରିଛନ୍ତି। ଏହି ଅବସରରେ ଥାନାଛକଠାରୁ ୩ଶହରୁ ଊର୍ଦ୍ଧ୍ୱ ମହିଳା ପ୍ରତ୍ୟୁଷରୁ ବାଟଗ୍ରାମ ଚେଡେଇ ଠାକୁରାଣୀ ସଂଯୋଗ ନଦୀରେ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ପବିତ୍ର ଜଳପାତ୍ରରେ ନେଇ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପୂଜାମଣ୍ଡପକୁ ଆସି ଯଜ୍ଞକୁଣ୍ଡରେ ରଖିଥିଲେ। ପରେ ଘଟ ଉତ୍ତୋଳନ, ଚତୁର୍ଦ୍ଧା ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା, ପଞ୍ଚକୁଣ୍ଡରେ ଯଜ୍ଞ ଆହୂତି ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଅପରପକ୍ଷରେ ମହାପ୍ରଭୁଙ୍କ ଅପୂର୍ବ ବିରଳ ଦୃଶ୍ୟ ଓ ଆରାଧନା ସହ ଝାଲି, ଘଣ୍ଟା, ଶଙ୍ଖନାଦ, ଢାକ ଢୋଲ, ସାହାନାଇ ବାଦ୍ୟ, ଡାକବାଜି ଯନ୍ତ୍ର, ଧର୍ମୀୟ ସଙ୍ଗୀତ, ପ୍ରବଚନ, ପଣ୍ଡିତ ଅଧ୍ୟାପକ ବ୍ରଜବିହାରୀ ପତି ଓ ଅନ୍ୟ ପଣ୍ଡିତମାନଙ୍କ ଦ୍ୱାରା ମହାଯଜ୍ଞରେ ଘୃତ ଯଜ୍ଞାହୁତି ମନ୍ତ୍ରପାଠରେ ଭୋଗରାଇ ଅଞ୍ଚଳ ଆଧ୍ୟାତ୍ମିକ ପରିବେଶରେ ଉଚ୍ଛୁଳି ପଡ଼ିଥିଲା। ଏହି ଅବସରରେ ୧୦ଦିନ ବ୍ୟାପୀ ମୀନାବଜାର ବିଭିନ୍ନ ସାମଗ୍ରୀର ପରିପାଟୀ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହି ଆଧ୍ୟାତ୍ମିକ ସମାରୋହକୁ ସଫଳ ନିମନ୍ତେ କମିଟି ସଭାପତି ନଟରଞ୍ଜନ ଘରାଇ, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ଦାସ ମହାପାତ୍ର, ମୁଖ୍ୟ ପରିଚାଳକ ଅଂଶୁମାନ ମହାନ୍ତି, ସମ୍ପାଦକ ତାପସ ଚନ୍ଦ୍ର, ରାଜେନ୍ଦୁ ବିକାଶ ପାତ୍ର, ଆଧ୍ୟାତ୍ମିକ ମହୋତ୍ସବ କମିଟିର ସଦସ୍ୟ ଅଚ୍ୟୁତାନନ୍ଦ ଦାସ, ସୀତାରାମ ପ୍ରଧାନ, ଅମଳେନ୍ଦୁ ଦାସ, ବିଦ୍ୟୁଭୂଷଣ ଦାସ, ଶଶିକାନ୍ତ ହାତୀ, ରଞ୍ଜନ କୁମାର ଦତ୍ତ, ଅନାଦି ଦାସ ମହାପାତ୍ର, ନିଶେଷ କୁମାର ଦେ ଓ ମଧୁସୂଦନ ପାତ୍ର ପ୍ରମୁଖ ଭୋଗରାଇବାସୀଙ୍କୁ ନିବେଦନ କରିଛନ୍ତି।

## ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବି

### ବିଧାନସଭାରେ ପ୍ରଶ୍ନ ଉପସ୍ଥାପନକଲେ ବିଧାୟିକା

ବାଲେଶ୍ୱର,୨୭।୧୧(ବାଞ୍ଛାନିଧି ଦେ)

ଉତ୍ତର ଓଡ଼ିଶାରେ ବାଲେଶ୍ୱର ଏକ କୃଷି ପ୍ରଧାନ ଜିଲା। ସମଗ୍ର ଜିଲାରେ ପାଖାପାଖି ୨ଲକ୍ଷ ୫୦ହଜାର ହେକ୍ଟରରୁ ଊର୍ଦ୍ଧ୍ୱଚାଷଜମି ଅଛି। ଜିଲାର ୮୯ % ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡିକ ଜିଲାର ଅର୍ଥନୀତିର ମୂଳଦୁଆ ଅଟେ। ୬୭% ଲୋକଙ୍କୁ ଏହା ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ରୋଜଗାର ପ୍ରଦାନ କରିଥାଏ। ବିଗତ ୩ବର୍ଷ ଧରି ବାଲେଶ୍ୱରଠାରେ ଏକ 'ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର' ପ୍ରତିଷ୍ଠା ପାଇଁ ଦାବି ଉଠୁଥିବା ବେଳେ ରାଜ୍ୟ ସରକାରଙ୍କ ଏହି 'ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର' ପ୍ରତିଷ୍ଠା ଦିଗରେ ଆଭିମୁଖ୍ୟ କଣ ତାହା ଜଣାଇବେ କି ବୋଲି ଚଳିତ ବିଧାନସଭାର ଦ୍ୱିତୀୟ ଅଧିବେଶନରେ ବସ୍ତା ବିଧାୟିକା ସୁବାସିନୀ ଜେନା ପ୍ରଶ୍ନ ରଖିଥିଲେ। ଏହାର ଉତ୍ତରରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ବାଲେଶ୍ୱରଠାରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ନିମନ୍ତେ ସରକାରଙ୍କଠାରେ ଅଦ୍ୟାବଧି କୌଣସି ପ୍ରସ୍ତାବ ନାହିଁ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ବାଲେଶ୍ୱର ଜିଲାର ବାଲିଆପାଳଠାରେ ଗୋଟିଏ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରୁଛି। ଯାହାକି ଜିଲାର କୃଷକମାନଙ୍କ ନିକଟରେ ନୂତନ ଜ୍ଞାନକୌଶଳ ପହଞ୍ଚାଇବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛି।

## ୯୦୩ ପରିବାରକୁ ୪୩. ୯୮ ଲକ୍ଷ

### ଆସିଲା ବାତ୍ୟା ଦାନା ସହାୟତା

ଖଇରା, ୨୭।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ବାତ୍ୟା ଦାନା ବ୍ୟାପକ କ୍ଷତି ଘଟାଇଥିବା ବେଳେ ଏବେ ପ୍ରଥମ ପର୍ଯ୍ୟାୟର ସହାୟତା ଅର୍ଥ ରାଶି ପହଞ୍ଚିବା ପରେ ବିପନ୍ନ ମୁହଁରେ ଆଶାର ଆଲୋକ ଦେଖିବାକୁ ମିଳିଛି। ପ୍ରଥମ ପର୍ଯ୍ୟାୟରେ ୯୦୩ ଓ ଦ୍ୱିତୀୟ ପର୍ଯ୍ୟାୟରେ ୯୧ଟି ଘର ଭାଙ୍ଗିବା ନେଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏଥିମଧ୍ୟରୁ ଅନ୍ତରା ରାଜସ୍ୱ କ୍ଷେତ୍ର ଅଧୀନରେ ୪୩, ବର୍ତ୍ତନା ଅଧୀନରେ ୯, ଡୁଙ୍ଗୁରା ଅଧୀନରେ ୯୫, ଗଣ୍ଡିବେଡ ଅଧୀନରେ ୪୮, ଗୋଳିହା ଅଧୀନରେ ସର୍ବାଧିକ ୨୦୯, ଖଇରା ଅଧୀନରେ ୧୦୯, କୋଚିଆକୋଇଲି ଅଧୀନରେ ୪୮, କୁପାରୀ ଅଧୀନରେ ସର୍ବନିମ୍ନ ୭, ମହତୀପୁର ଅଧୀନରେ ୧୨୯, ସାନଜୟୀପୁର ଅଧୀନରେ ୧୦୫, ସାଉଣ୍ଡିଆ ଅଧୀନରେ ୬୬ ଓ ତୁଡିଗଡିଆ ଅଧୀନରେ ୧୨୬ ପୂର୍ଣ୍ଣ ଓ ଆଂଶିକ ଘର ଭାଙ୍ଗିବା ନେଇ ରିପୋର୍ଟ ପ୍ରଦାନ ପରେ ଏବେ ପ୍ରଥମ ପର୍ଯ୍ୟାୟରେ ୯୦୩ ପରିବାର ପାଇଁ ଆର୍ଥିକ ସହାୟତା ରାଶି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଛି। ଏଥିମଧ୍ୟରେ ୭ଟି ପୂର୍ଣ୍ଣ ଭଙ୍ଗା ଘର ରହିଥିବା ବେଳେ ୭୨୦ଟି ଆଂଶିକ କଚ୍ଚାଘର, ୩୦ଟି ପକ୍କାଘର, ୬୬ଟି ହଟ କାଟେଗୋରୀ ଏବଂ ୧୭୧ଟି ଗୁହାଳ ଘର ରହିଛି। ପୂର୍ଣ୍ଣ ଭଙ୍ଗା ଘର(ଆସବାବପତ୍ର ସହ) ପାଇଁ ୧ଲକ୍ଷ ୨୫ହଜାର, ଆଂଶିକ ପାଇଁ ୪ହଜାର ଓ ୬ହଜାର ୫ଶହ, ହଟ କାଟେଗୋରୀ ପାଇଁ ୮ ହଜାର ଏବଂ ଗୁହାଳ ଘର ପାଇଁ ୩ହଜାର ଟଙ୍କା ଆକାଉଣ୍ଟକୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଦିନେ ୨ଦିନ ମଧ୍ୟରେ ସମସ୍ତ ଆକାଉଣ୍ଟ ନମ୍ବର ସଂଗ୍ରହ ପରେ ସିଧାସଳଖ ଆକାଉଣ୍ଟକୁ ପ୍ରଦାନ କରାଯିବ ବୋଲି ତହସିଲଦାର ଜିତେନ୍ଦ୍ର ମୁର୍ମୁ କହିଛନ୍ତି।

## ଭାରସାମ୍ୟ ହରାଇ ଓଲଟିଲା ଅଟୋ

ନୀଳଗିରି, ୨୭।୧୧(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଥାନା ପୋଡ଼ାଶୁଳ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଅଟୋରେ ଥିବା ୨ଜଣ ଶ୍ରମିକ ଆହତ ହୋଇଛନ୍ତି। ଏହାସହ ରାସ୍ତାରେ ଯାଉଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇଥିଲେ। ୩ଜଣଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଏକ ଡାଲା ଅଟୋ ଯୋଗେ ଭଉଁରିଆବାଡ଼ ପଞ୍ଚାୟତ ବଣଭୁଇଁ ଅଞ୍ଚଳରୁ ଶ୍ରମିକଙ୍କୁ ଧରି ୧୯ନଂ. ରାଜ୍ୟ ରାଜପଥରେ ନୀଳଗିରି ଅଭିମୁଖେ ଆସୁଥିଲେ। ପୋଡ଼ାଶୁଳ ଛକ ନିକଟରେ ଅଟୋ ଓଲଟିପଡିଥିଲା। ଫଳରେ ନୀଳଗିରି ରାଇଗାଁ ଗ୍ରାମର ମଞ୍ଜୁ ସିଂ ଓ କନ୍ଦୁ ସିଂ ଆହତ ହୋଇଥିଲେ। ମଇଁଷାପଟା ପଞ୍ଚାୟତ ସଠିଲ ବଲବଲିଆ ଗ୍ରାମର ରାଜେନ୍ଦ୍ର ବିଶ୍ୱାଳ ରାସ୍ତା ପାର୍ଶ୍ୱରେ ଜଳଖିଆ ଖାଇବା ପାଇଁ ଆସୁଥିବା ବେଳେ ଅଟୋଟି ତାଙ୍କ ଉପରେ ଓଲଟିବାରୁ ମୁଣ୍ଡ, ହାତରେ ଗଭୀର ଆଘାତ ଲାଗିଛି। ତେବେ ରାଜେନ୍ଦ୍ର ଗୁରୁତର ଥିବାରୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଅଟୋକୁ ଜବତ କରି ଥାନାକୁ ଆଣିଛି।

## ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ

ଖଇରା, ୨୭।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଅଜୟ କୁମାର ସାହୁ, ଲଲାଟେନ୍ଦୁ ମଲ୍ଲିକ, ଅଧ୍ୟାପିକା ମାଳତୀଲତା ହାତୀ ଓ ଆଭାରାଣୀ ବଳ ଉପସ୍ଥିତ ରହି ସମ୍ବିଧାନରେ ଥିବା ମୌଳିକ ଅଧିକାର ଉପରେ ଅବଗତ କରାଇଥିଲେ। ଅଧ୍ୟାପକ ଚିରଞ୍ଜୀବୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ +୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ଓ ରଚନା ଲିଖନ ପ୍ରତିଯୋଗିତା କରାଯାଇଥିଲା।

## ମହିଳା ମହାସଂଘର ବ୍ଲକସ୍ତରୀୟ ବୈଠକ



ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ଲଙ୍ଗଳେଶ୍ୱର, ୨୭।୧୧(କମଳାକାନ୍ତ ଦାସ)

ଓଡ଼ିଶା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମହାସଂଘ ବାଲିଆପାଳ ଶାଖାର ବୈଠକ ବାଲିଆପାଳ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇ ଯାଇଛି। ମହାସଂଘ ବ୍ଲକ ସଭାପତି ସୁଭଦ୍ରା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭାପତି ତଥା ପ୍ରବୀଣ ନାରୀନେତ୍ରୀ ସାରଦା ଗିରି, ଜିଲା ସଭାପତି ରଞ୍ଜୁଲତା ଗିରି ଯୋଗଦେଇ ମହାସଂଘର ସଙ୍ଗଠନକୁ ମଜଭୂତ କରିବାକୁ କହିଥିଲେ। ଆମ ଦାବି ପୂରଣ ପାଇଁ ଆଗାମୀ ବିଧାନସଭା ସମୟରେ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। ମିଶନ ଶକ୍ତିର ଅଧିକାରୀମାନଙ୍କର ମନମୁଖୀ ଶାସନ ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ କରାଯିବ ବୋଲି ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ କମିଟି ସଦସ୍ୟ ଓ ପଦାଧିକାରୀ, ପଞ୍ଚାୟତ ସଭାପତିମାନେ ଯୋଗ ଦେଇଥିଲେ। ସମ୍ପାଦିକା ମମତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ମୟୂରଭଞ୍ଜ

# ବାଛୁରୀକୁ ମାରି ଖାଇଲା ବାଘ

### ଆତଙ୍କିତ ଅବସ୍ଥାରେ ଗ୍ରାମବାସୀ

ଉଦଳା,୨୭।୧୧(ସନ୍ତୋଷ କୁମାର ବାଛିନୀ)



ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡରେ ବାଘ ଆତଙ୍କ ଦେଖାଦେଇଛି। ଗାଁରୁ ଗାଁ ବାଘର ପାଦଚିହ୍ନ ଡେଇଁ ଚାଲିଥିବା ବେଳେ ବନ ବିଭାଗ ପାଖରେ ଏନେଇ କୌଣସି ଠୋସ୍ ଖବର ନାହିଁ। ସପ୍ତାହ ପୂର୍ବେ କପ୍ତିପଦା ବନାଞ୍ଚଳ ଅଧୀନ ଅସନବଣି ଏବଂ ଦାଣ୍ଡଘାଟ ଅଞ୍ଚଳରେ ବାଘ ପାଦଚିହ୍ନ ଦେଖିବାକୁ ମିଳିଥିଲା। ବାଘକୁ ନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଥିବା ବେଳେ ଉଦଳା ବନାଞ୍ଚଳ ଅଧୀନ ଚଡ଼ଦା ଗ୍ରାମରେ ବାଘ ଏକ ବାଛୁରୀ ଶିକାର କରିଛି। ଗ୍ରାମର ଶଙ୍କର ମାରାଣ୍ଡି ମଙ୍ଗଳବାର ରାତିରେ ବିଲ ନିକଟରେ ଥିବା ଗୁହାଳରେ ବାଛୁରୀ ବାନ୍ଧିଥିଲେ। ବୁଧବାର ସକାଳେ ଗୁହାଳରେ ବାଛୁରୀ ନ ଥିବା ଦେଖିବାକୁ ପାଇଥିଲେ। ଖୋଜାଖୋଜି ପରେ ଗୁହାଳଠାରୁ କିଛି ଦୂରରେ ବାଛୁରୀ ମରି ପଡ଼ିଥିବା ଦେଖିଥିଲେ। ତେବେ ବିଲରେ ୧୨ରୁ ଅଧିକ ସ୍ଥାନରେ ବାଘ ପାଦଚିହ୍ନ ପଡ଼ିଥିବାରୁ ବାଛୁରୀକୁ ବାଘ ମାରି ଖାଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀଙ୍କଠାରୁ ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ଅନୁଧ୍ୟାନକରି ଫେରିଛନ୍ତି। ତେବେ ବାଘ ଉପରେ ନଜର ରଖିବା ପାଇଁ ବନ ବିଭାଗ କୌଣସି ପଦକ୍ଷେପ ନେଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୩ ଦିନ ପୂର୍ବେ କପ୍ତିପଦା ବନାଞ୍ଚଳ ଅଧୀନ କୁକୁନ୍ଦହୁଡ଼ି ପାହାଡ଼ରେ ୫ଟି ଛେଳିଙ୍କୁ ବାଘ ଖାଇଥିବା ଅଭିଯୋଗ ହୋଇଛି। ତେବେ ଏହା ମହାବଳ କିମ୍ବା କଲରାପତିରିଆ ବାଘ ତାହା ସ୍ପଷ୍ଟ ହୋଇନାହିଁ। ବାଘ ଭୟରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଥିବା ବେଳେ ବନ ବିଭାଗ ଘଟଣାକୁ ହାଲୁକା ଭାବେ ଗ୍ରହଣ କରିବା ନେଇ ଅସନ୍ତୋଷ ବଢ଼ିଚାଲିଛି।

## ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା

ବୈଶିଙ୍ଗା,୨୭।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ପଞ୍ଚାୟତର ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶାନ୍ତନୁ କୁମାର ଜେନା ଓ ଗଣିତ ଶିକ୍ଷକ ସୁବ୍ରତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକଳ୍ପ ଏହି ବିଜ୍ଞାନ ମେଳାରେ ସ୍ଥାନ ପାଇଥିଲା। ମୁଖ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନର ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ ଯୋଗଦେଇ ଶିଶୁ ବୈଜ୍ଞାନିକମାନଙ୍କର ବିଜ୍ଞାନ ଭିତ୍ତିକ ପ୍ରକଳ୍ପମାନ ବୁଲି ଦେଖିଥିଲେ। ଅନ୍ୟତମ ଅତିଥି ଭାବେ ଜନତା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଚ୍ୟୁତ ମହାପାତ୍ର ଯୋଗଦେଇ ପ୍ରକଳ୍ପଗୁଡ଼ିକ ଉଚ୍ଚକୋଟୀର ବୋଲି ପ୍ରଶଂସା କରିଥିଲେ। ରଘୁନାଥ କବାଟ ଓ ମାନସ ରଞ୍ଜନ ବେହେରାଙ୍କ ପ୍ରକଳ୍ପ ସ୍ୱୟଂଚାଳିତ ଓଜନ ନୀରିକ୍ଷଣ ଯନ୍ତ୍ର ପ୍ରଶଂସିତ ହୋଇ ବ୍ଲକସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ମାମଲା ରୁଜୁକଲା ପୋଲିସ

ବାରିପଦା,୨୭।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବେତନଟୀ ତହସିଲ ଅଞ୍ଚଳରେ ଜମି କିଣାବିକାରେ ଚଞ୍ଚକତା ଘଟଣାକୁ ନେଇ ବେତନଟୀ ଥାନାରେ ମାମଲା (ନଂ.୩୭୨/୨୪) ରୁଜୁ ହୋଇଛି। ମୃତକଙ୍କୁ ଜୀବିତ ଦର୍ଶାଇ ଜମି କିଣି ଦଲିଲ ପରେ ପଟ୍ଟା ହାତେଇବା ଭଳି ଘଟଣାର ପୋଲିସ ଆରମ୍ଭ କରିଛି। ଘଟଣାରେ ଜଡ଼ିତ ଥିବା ୪ ଅଭିଯୁକ୍ତ ହେଲେ ବୈଶିଙ୍ଗା ଥାନା ଅଧୀନ କୋଠାବାଡି ଗ୍ରାମର ମଞ୍ଜୁଲତା ମହାନ୍ତ ଓ ଅଙ୍ଗାରଗଡିଆ ଗ୍ରାମର ସନ୍ତୋଷ କୁମାର ମହାନ୍ତ, ବାରିପଦା ସଦର ଥାନା ସିନ୍ଦୂରଗୌରା ଅଞ୍ଚଳର ସମ୍ପତି ମହାନ୍ତ ଓ ଚୈତନ ମହାନ୍ତ।

### ଜମି କିଣାବିକାରେ ଚଞ୍ଚକତା ଘଟଣା

ସୂଚନାଯୋଗ୍ୟ, ୪୦ ବର୍ଷ ପୂର୍ବେ ମୃତ୍ୟୁ ବରଣ କରିଥିବା ଜଣେ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ବେତନଟୀ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଜମି ବିକ୍ରି ହେବା ସହ ପଟ୍ଟା ହାସଲ କରାଯାଇଥିଲା। ଏନେଇ ବେତନଟୀ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଚଞ୍ଚକତାରେ ଜଡ଼ିତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବେତନଟୀ ଥାନାରେ ଏତଲା ଦେଇଥିଲେ। ମାତ୍ର ଏତଲା ଦେବାର ଏକମାସ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଯାହାକୁ ନେଇ ଜିଲା ରେଜିଷ୍ଟ୍ରାର ତଥା ଅତିରିକ୍ତ ଜିଲାପାଳ(ରାଜସ୍ୱ)ଙ୍କୁ ଅବଗତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଗତ ଅକ୍ଟୋବର ୨୨ରେ ଜିଲା ଏସପିଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଥିଲେ। ଘଟଣାର ତୁରନ୍ତ ତଦନ୍ତ ପାଇଁ ବେତନଟୀ ଆଇଆଇସିଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ନିର୍ଦ୍ଦେଶକୁ ଅବମାନନା କରି ଏକମାସ ବିତିଯାଇଥିଲେ ମଧ୍ୟ ଥାନାରେ କୌଣସି ମାମଲା ରୁଜୁ ନ ହେବା ଘଟଣାକୁ ସନ୍ଦେହ ଘେରକୁ ଟାଣିଥିଲା। ତେବେ ଖବର ପ୍ରକାଶ ପାଇବାର ୩ ଦିନ ମଧ୍ୟରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ୫୩୫ ମାମଲାର ହେଲା ଶୁଣାଣି

### ଜିଲାସ୍ତରୀୟ ପେନସନ ଅଦାଲତ

ବାରିପଦା,୨୭।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ଓଡ଼ିଶା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ମିଳିତ ଆନୁକୂଲ୍ୟରେ ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନଠାରେ ଜିଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଦାଲତରେ ଏଜି କାର୍ଯ୍ୟାଳୟର ଉପ ମହାଲେଖାକାର (ପେନସନ ଓ ଭବିଷ୍ୟନିଧି) ସଞ୍ଜୟ କୁମାର, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ସ୍ୱତନ୍ତ୍ର ଶାସନ ସଚିବ ସତ୍ୟ ରଞ୍ଜନ ସାହୁ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୌଲତ ଚନ୍ଦ୍ରକାର, ବରିଷ୍ଠ ଲେଖାଧିକାରୀ ସାରଦା ପ୍ରସନ୍ନ ମହାପାତ୍ର, କଲ୍ୟାଣ ପଣ୍ଡା ଯୋଗଦେଇ ପେନସନ ଓ ଭବିଷ୍ୟନିଧି ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରିଥିଲେ। ଏହି ପେନସନ ଅଦାଲତରେ ଜିଲାର ବିଭିନ୍ନ କାର୍ଯ୍ୟାଳୟର ଗ୍ରାଚୁଇଟି ମଞ୍ଜୁର ହୋଇ ନ ଥିବା ୫୩୫ଟି ମାମଲାର ଶୁଣାଣି ପାଇଁ ଉପସ୍ଥାପିତ ହୋଇଥିଲା। ତନ୍ମଧ୍ୟରୁ ୬ ଜଣଙ୍କୁ ସେହି ମଞ୍ଚରେ ପେନସନ କାଗଜ ପ୍ରଦାନ କରାଯାଇଥିଲା ଓ ଅନ୍ୟ ସମସ୍ତ ପେନସନ ମାମଲା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଜିଲାପାଳ କହିଥିଲେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲାପାଳ ମଲ୍ଲିକ ଜିଲାରେ ପେନସନ ଓ ଗ୍ରାଚୁଇଟି ମଞ୍ଜୁର ହୋଇ ନ ଥିବା ଅବସରପ୍ରାପ୍ତ କର୍ମଚାରୀମାନଙ୍କର ପେନସନ କାଗଜ ପତ୍ର ତୁରନ୍ତ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଦାଲତକୁ ସହକାରୀ ଲେଖାଧିକାରୀ ଦିଲ୍ଲୀପ ଦୁବେ, ଶରତ ଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ପଣ୍ଡା,ଭିନେଶ ଯାଦବ,ପୁରୁଷୋତ୍ତମ ବଳ,ଅଶୋକ କୁମାର ପାତ୍ର,କୌଶିକ କୁମାର କବି, ଯାମି ସଞ୍ଜୟ ସିଂହ, ଚନ୍ଦ୍ର ଶେଖର ବେହେରା ଓ ଜିଲା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଓଲଟିଲା ଟାଟା ଏସିଇ, ୧୫ ଆହତ

ମୋରଡ଼ା,୨୭।୧୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ସରାଶୋଳ ବନ୍ଧରେ ଏକ ଟାଟା ଏସିଇ ଗାଡ଼ି ଓଲଟି ୧୫ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମୋରଡ଼ା ଥାନା ଅଧୀନ ସାନମୁଣ୍ଡାବଣି ଗ୍ରାମର ୧୫ଜଣ ଶ୍ରମିକ ବିଲ୍ କାମ କରିବା ପାଇଁ ସରାଶୋଳ ଗ୍ରାମକୁ ଆସି ଫେରୁଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ବନ୍ଧ ତଳକୁ ଖସି ପଡ଼ିଥିଲା। ଖବର ପାଇ,ମୋରଡ଼ା ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଛି।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ବେତନଟୀ,୨୭।୧୧(ଧରଣୀଧର ମହାନ୍ତି)

ବେତନଟୀ ବ୍ଲକସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସ୍ଥାନୀୟ ଏମ୍‌ପିସି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବେତନଟୀ ଗୋଷ୍ଠୀ ଶିକ୍ଷାଅଧିକାରୀବିପ୍ଳବ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଏମ୍‌ପିସି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ବ୍ଲକ ବିଜ୍ଞାନ ସଂଯୋଜକ କିଶୋର କୁମାର ଆଚାର୍ଯ୍ୟ, ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ହୋଇଥିବା ଛାତ୍ର ବନାନି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବେତନଟୀ ବ୍ଲକର ଛାତ୍ରୀ ବନାନିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସବୋଧ କୁମାର ସାହୁ ଓ ଶିକ୍ଷୟିତ୍ରୀ କାନନବାଳା କର ମଞ୍ଚ ପରିଚାଳନା କରିଥିଲେ। ଏହି ମେଳାରେ ମୋଟ ୭୦ଟି ବିଦ୍ୟାଳୟର ୯୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୭ଟି ଶ୍ରେଷ୍ଠ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ସାଧାରଣରେ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବେତନଟୀ ବିଡିଓ ଗୋପୀନାଥ ଖାଖା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଅଧିକାରୀ କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହାନ୍ତ ଓ ଗୋପାଳ ଚନ୍ଦ୍ର ସେନାପତି, ପ୍ରଫେସର କମଳ ଲୋଚନ ମହାନ୍ତ, ବ୍ଲକ ବିଜ୍ଞାନ ସଂଯୋଜକ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଶିଶିର କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ରଘୁନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ ସଫଳତା

ବୈଶିଙ୍ଗା,୨୭।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମାସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ୨ ଛାତ୍ର ବେତନଟୀ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ସଫଳତା ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। 'ସମ୍ବଳ ପରିଚାଳନା' ବିଷୟବସ୍ତୁ ଉପରେ ପ୍ରଦର୍ଶିତ ପ୍ରକଳ୍ପ 'ବ୍ରିକ୍ସ ଲିଫ୍ଟିଙ୍ଗ ଡିଭାଇସ' ରେ ଅଷ୍ଟମ ଶ୍ରେଣୀ ଛାତ୍ର ହିମାଂଶୁ ସେନାପତି ପ୍ରଥମ ହୋଇଥିବା ବେଳେ 'ପ୍ରାକୃତିକ କୃଷି' ବିଷୟବସ୍ତୁ ଉପରେ ପ୍ରସ୍ତୁତ ପ୍ରକଳ୍ପ 'ହାଇଟେକ୍ ନେଚୁରାଲ ଫାର୍ମିଂ' ପ୍ରଦର୍ଶନ କରି ନବମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ରାଉତ ପ୍ରଥମ ସ୍ଥାନ ହାସଲ କରି ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ସୌମ୍ୟ ରଞ୍ଜନ ମଧ୍ୟ ବରିଷ୍ଠ ବିଭାଗ କୁଇଜ୍‌ରେ ପ୍ରଥମ ହୋଇ ପୁରସ୍କୃତ ହୋଇଛନ୍ତି। ବେତନଟୀ ବ୍ଲକରୁ ମୋଟ ୭ଟି ପ୍ରକଳ୍ପ ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ ମନୋନୀତ ହୋଇଥିବା ବେଳେ କେବଳ ରଘୁନାଥ ଉଚ୍ଚ ବିଦ୍ୟାଳୟ ରାଇକମାର ୨ ଶିଶୁ ବୈଜ୍ଞାନିକ କରଞ୍ଜିଆ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ। ଦୁଇ ଜଣ ଛାତ୍ରଙ୍କ ସଫଳତା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ଓ ଗୋପାଳ ଚନ୍ଦ୍ର ସେନାପତି, ଜିଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ କିଶୋର ଆଚାର୍ଯ୍ୟ, ବେତନଟୀ ବ୍ଲକ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ, ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ଶୁଭେଚ୍ଛା ଜଣାଇଛନ୍ତି।

**ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ**

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ବୋଦାପଳାସା ଗ୍ରାମ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ନରଣପୁର ନିକଟ ଟାଙ୍ଗରପଳାସା ଗ୍ରାମର ସାଇ ହାର୍ଦ୍ଦିକ ବାରିକ(୨୨)। ସେ ଏକ ବୁଲେଟରେ ସାଙ୍ଗଙ୍କ ସହିତ ଶଙ୍କରପୁର ବୋଦାପଳସା ରାସ୍ତାରେ ଯାଉଥିବାବେଳେ ବୋଦାପଳସା ନିକଟରେ ଏକ ବୋଲେରୋ ପଛପଟେ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ ଘଟିଥିବା ବେଳେ ସାଙ୍ଗ ଗୁରୁତର ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

## କେନ୍ଦୁଝର

## ଗୁଟ୍‌ଖା ବିକ୍ରି କରୁଥିବା ଦୋକାନରେ ଚଢ଼ାଉ

ପାଟଣା,୨୭।୧୧(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବଜାରରେ ବୁଧବାର ବିନା ଲାଇସେନ୍ସରେ ବେଆଇନ ଗୁଟ୍‌ଖା ଓ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ନିୟନ୍ତ୍ରଣ ସକାଶେ ଜଏଣ୍ଟ ଏନ୍‌ଫୋର୍ସମେଣ୍ଟ ଟିମ ପାନ, ଚା, ଗ୍ରୋସରୀ, ହୋଟେଲ, ଫାଷ୍ଟଫୁଡ୍ ଆଦି ଦୋକାନରେ ଚଢ଼ାଉ କରିଛି। ୧୪ ଦୋକାନରୁ ୧୪ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର ନାଏକ କହିଛନ୍ତି। ଚଢ଼ାଉରେ ପାଟଣା ବିଡିଓ ମାସନ ଦଣ୍ଡପାଟ, ପାଟଣା ଅତିରିକ୍ତ ତହସିଲଦାର ଶରଣ ଜେନା, ଅବକାରୀ ଅଧିକାରୀ ପ୍ରୀୟମ୍ବିତା ଓଝା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ପାଟଣା ଥାନା ଏଏସଇ ନୂଆସ ଲୁଗୁନ, ପାଟଣା ଥାନା ଓ ଅବକାରୀ ପୋଲିସ ସାମିଲ ହୋଇଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।

## କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ବିକ୍ଷୋଭ

କେନ୍ଦୁଝର,୨୭।୧୧ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦ୍ରୀୟ ଶ୍ରମିକ ସଂଗଠନ, କେନ୍ଦୁଝର ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ଅନୁଯାୟୀ, ଜନ ସାଧାରଣଙ୍କ ବିଭିନ୍ନ ଦାବି ଯଥା ନୂତନ ଶ୍ରମ କୋର୍ଡ ବାତିଲ କରିବା, ସରକାରୀ କର୍ମଚାରୀଙ୍କ ପୁରୁଣା ପେନ୍‌ସନ୍ ଲାଗୁ, ବଡ଼ବିଲ ବାଂଶପାଣି ରେଳ ଲାଇନ ସଂଯୋଗୀକରଣ, ବଡ଼ବିଲ ଓ ଯୋଡ଼ାଠାରେ ଥିବା ଇଏସ୍ଇ ହସ୍ପିଟାଲର ଆଧୁନିକୀକରଣ କରିବା ଓ ଆବଶ୍ୟକୀୟ ଡାକ୍ତର ନିଯୁକ୍ତି, ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କାକୁ ବୃଦ୍ଧି, ୧୨ ଘଣ୍ଟା ଶ୍ରମ ଦିବସ ବାତିଲ କରିବା, ଭବିଷ୍ୟନିଧି ଖିଲାପକାରୀ କମ୍ପାନୀ ଉପରେ ଜରିମନା କମ କରିବା ଆଇନ ପ୍ରତ୍ୟାହାର, ଦୁଇଶହ ଦିନ କାମ ଯୋଗାଇଦେବା, ଚାଲୁଥିବା ଖଣି ଓ କାରଖାନାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ବନ୍ଦ ଖଣି ଚାଲୁ କରିବା, ଛଟେଇ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଆଦି ଦାବି କରାଯାଇଛି। ଅନୁଷ୍ଠିତ ସମାବେଶରେ ବକ୍ତବ୍ୟ ରଖି ଏଆଇଟିୟୁସି ତରଫରୁ ବରିଷ୍ଠ ଶ୍ରମିକ ନେତା ମହେଶ୍ୱର ରାଉତ, ସିଆଇଟିୟୁ ତରଫରୁ ଇନ୍ଦ୍ରମଣି ବେହେରା, ଏସ୍‌ଏସ୍‌ଏସ୍ ତରଫରୁ ସତ୍ୟ ପଣ୍ଡା, ଆଏନ୍‌ଟିୟୁସି ତରଫରୁ ମୁନା ଖାଁ, ଏଆଇସିଟିୟୁ ତରଫରୁ ମହେନ୍ଦ୍ର ମହାନ୍ତି ମୋଦି ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ତରଫରୁ କପିଳ ମହାନ୍ତି, କାହ୍ନୁ ସାମଲ, ବହ୍ନୁ ଜାମା, ଶ୍ରୀହରି ଘଣା, ହୃଦାନନ୍ଦ ପାତ୍ର, ରାଜାରାମ ମୁଣ୍ଡା, ସିଆଇଟିୟୁ ପକ୍ଷରୁ ତୃପ୍ତି ରଞ୍ଜନ ପଟ୍ଟନାୟକ, କିଶୋର ମହାକୁଡ, ଏମ୍‌ଡି ପୁନୁ, ଆଏନଟିୟୁସି ପକ୍ଷରୁ ମୋହନ ପରିଡା, ଅଶୋକ ଠକ୍କର, ବଳବନ୍ତ ବେହେରା, ଦେବେନ୍ଦ୍ର ବାରିକ ପ୍ରଭୃତି ନିଜର ବକ୍ତବ୍ୟ ରଖିଥିଲେ। ଏକ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ଏକ ଶୋଭାଯାତ୍ରା କାଳିପଡ଼ିଆରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲା। ଆନ୍ଦୋଳନକୁ କଂଗ୍ରେସ ଦଳ ସମର୍ଥନ କରି ସାମିଲ ହୋଇଥିଲା।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶ୍ରମିକ ସଂଗଠନର କାର୍ଯ୍ୟକର୍ତ୍ତା ଓ ଶ୍ରମିକମାନେ।

## ଟ୍ରେନ୍ ତଳେ ରୋଗୀଙ୍କୁ ନେଲେ

### ଖଣି କ୍ଷେତ୍ରରେ ଅଭାବନୀୟ ଦୃଶ୍ୟ

ଯୋଡ଼ା,୨୭।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି କ୍ଷେତ୍ର ମୁଣ୍ଡା ସାହିରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସାହିକୁ ରାସ୍ତା ନ ଥିବାରୁ ଲୋକେ ରେଳଧାରଣାରେ ଟ୍ରେନ୍ ତଳେ ଜଣେ ରୋଗୀଙ୍କୁ ନେଇଛନ୍ତି। ପରେ ୨ କି.ମି. ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସରେ ମେଡିକାଲ ନେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, କେନ୍ଦୁଝର ଜିଲାର ଦକ୍ଷିଣ-ପୂର୍ବ ରେଳପଥ ଜୁରୁଡ଼ିଠାରୁ ଜିଲାର ଉପାନ୍ତ ଦେଓଝର ପର୍ଯ୍ୟନ୍ତ ଲମ୍ବିଛି। ଏହି ରେଳ ଧାରଣାର ୨ ପାର୍ଶ୍ୱରେ ବହୁ ବର୍ଷରୁ ଆଦିବାସୀମାନେ ଜନ ବସତି କରି ରହି ଆସୁଛନ୍ତି। ରେଳ ଧାରଣାରେ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ରେଳ ଫାଟକ କିମ୍ବା ରାସ୍ତା ସୁବିଧା ନାହିଁ। ଗ୍ରାମାଞ୍ଚଳକୁ ଯିବା ପାଇଁ ରେଳ ଧାରଣା ବାଧକ ସାଜିଛି। ବିଲେଇପଦା, ଲହଣ୍ଡା ମୁଣ୍ଡା ସାହି ପ୍ରଭୃତି ସ୍ଥାନର ଜନ ସାଧାରଣ ବାରମ୍ବାର ଏ ନେଇ ରେଳ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ମିଳି ପାରିନାହିଁ। ବୁଧବାର ଯୋଡ଼ାଠାରୁ ମାତ୍ର ୩ କି.ମି. ଦୂରରେ ଅବସ୍ଥିତ ମୁଣ୍ଡା ସାହିର ବିଶୁ ମୁଣ୍ଡା ଅସୁସ୍ଥ ଅନୁଭବ କରିଥିଲେ। ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ମୁଣ୍ଡା ସାହିକୁ ଯାଇ ପାରି ନ ଥିଲା। ରେଳ ଧାରଣାରେ ଏକ ମାଲବାହୀ ଟ୍ରେନ ଠିଆ ହୋଇ ରହିଥିଲା। ଫଳରେ ଗ୍ରାମକୁ ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇ ରହିଥିଲା। ଅନ୍ୟ ଉପାୟ ନ ପାଇ ବିପଦସଙ୍କୁଳ ଅବସ୍ଥାରେ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ବିଶୁଙ୍କୁ ଟ୍ରେନ ଚକ ମଝିରେ ଷ୍ଟ୍ରେଚରରେ ଗଳେଇ ଅପର ପାର୍ଶ୍ୱକୁ ଆଣିଥିଲେ। ପରେ ପ୍ରାୟ ୨ କି.ମି. ଦୂରରେ ଥିବା ୧୦୮ ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ଘଟଣା ସମ୍ପର୍କରେ ରେଲୱେ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ଧନୀ ଅଞ୍ଚଳର ଏଭଳି ଯାତନା ଜନସାଧାରଣଙ୍କ ମନରେ ଆଲୋଡନ ସୃଷ୍ଟି କରିଛି।


ପରିବାର ଲୋକେ ଟ୍ରେନ୍ ତଳେ ରୋଗୀଙ୍କୁ ଆଣୁଛନ୍ତି।

## ଯୁବକଙ୍କ ମୁହଁରେ କାଳି ବୋଳି ଗାଁ ବୁଲାଇଲେ

- ବଳାତ୍କାର ଉଦ୍ୟମ ଅଭିଯୋଗ
- ଗ୍ରାମବାସୀଙ୍କ ବିରୋଧରେ ମାମଲା

କେନ୍ଦୁଝର,୨୭।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ଆକୁଳ ଗ୍ରାମରେ ବଳାତ୍କାର ଉଦ୍ୟମ ଅଭିଯୋଗରେ ଜଣେ ଯୁବକଙ୍କ ମୁହଁରେ କାଳି ବୋଳି, ବେକରେ ଜୋତାମାଳ ଝୁଲାଇ, ଅଣ୍ଟାରେ ଦଉଡ଼ି ବାନ୍ଧି ନାଗରା ବଜାଇ ଗାଁ ବୁଲାଯାଇଛି। ଯୁବକଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ବଳାତ୍କାର ଉଦ୍ୟମ ନେଇ କୌଣସି ଅଭିଯୋଗ ହୋଇନାହିଁ।

ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ଆକୁଳ ଗ୍ରାମ ନୀଳାପଶି ମୁଣ୍ଡା ସାହିର ଜଣେ ନାବାଳିକାଙ୍କୁ ଜଣେ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗ୍ରାମବାସୀ ଓ ପୀଡ଼ିତା ଯୁବକଙ୍କ ମୁହଁରେ କାଳି ବୋଳିବା ସହିତ ଜୋତା ମାଳ ପିନ୍ଧାଇଥିଲେ। ଅଣ୍ଟାରେ ଦଉଡ଼ି ବାନ୍ଧି ବେକରେ ଏକ ନାଗରା ଝୁଲାଇ ବୁଲାଇଥିଲେ। ମୁଁ ଜଣେ ନାବାଳିକାର ହାତ ବାନ୍ଧି ବଳାତ୍କାର କରିବାକୁ ଉଦ୍ୟମ କରୁଥିଲି, ଯାହା ଫଳରେ ମୁଁ ଗାଁ ଦାଣ୍ଡରେ ଏହିଭଳି ଦଣ୍ଡ ପାଉଛି, କହି ଡେଙ୍ଗୁରା ବଜାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ପ୍ରଶାନ୍ତଙ୍କ ଏତଲା କ୍ରମେ ତେଲକୋଇ ଥାନାରେ ଏକ ମାମଲା(ନଂ.୩୦୭/୨୦୨୪) ରୁଜୁ ହୋଇଛି। ଥାନା ଅଧିକାରୀ ସୁଶାନ୍ତ ପରିଡ଼ା କହିଛନ୍ତି, ଅସଦାଚରଣ ଘଟଣା ନେଇ କୌଣସି ଅଭିଯୋଗ ହୋଇନାହିଁ। ମୁହଁରେ ଗାଳି ବୋଳିବା ଘଟଣାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଅଦ୍ୟାବଧି କାହାରିକି ଗିରଫ କରାଯାଇନାହିଁ।


ଯୁବକଙ୍କୁ ଗାଁରେ ବୁଲାଉଛନ୍ତି।

## ଆନ୍ତଃ ରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟ ପ୍ରସ୍ତୁତି

ଆନନ୍ଦପୁର,୨୭।୧୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ତରତରା ପଞ୍ଚାୟତ ତରତରାଠାରେ ହେବାକୁ ଥିବା ୨୫ ତମ ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତରତରା ମିନି ଷ୍ଟାଡିୟମରେ ଡିସେମ୍ବର ୨୨ରୁ ଖେଳ ଆରମ୍ଭ ହେବାକୁ ଥିବା ବେଳେ ପ୍ରଥମ ମ୍ୟାଚ୍ ଚକ୍ରଧରପୁର ଝାଡଖଣ୍ଡ ସହିତ ବିଏଫସି କୁଚିଣ୍ଡା, ୨୩ ରେ ଶୋଦୀପୁର କ୍ଲବ୍ କୋଲକାତା ସହିତ ପପୁଲାର କ୍ଲବ୍ ଢେଙ୍କାନାଳ ମଧ୍ୟରେ ଖେଳାଯିବ। ୨୫ରେ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ୍ ବିହାର ସହିତ ଜଗା ଉଇଟେଡ଼୍ ଭୁବନେଶ୍ୱର, ୨୬ ରେ ଏସ୍‌ପି ୧ ଫାଉଣ୍ଡେସନ କୋଲକାତା ସହ ବିଆଇଏସ୍‌ପି ସୋନପୁର ମଧ୍ୟରେ ଖେଳାଯିବ। ୨୪ ରେ ପ୍ରଥମ, ୨୭ରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ୨୯ ତାରିଖରେ ଫାଇନାଲ ଖେଳାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ପ୍ରିୟବ୍ରତ ନାଏକ, ସତ୍ୟବ୍ରତ ନାଏକ, ରାକେଶ ସାମଲ, ସୁଶୀଲ ସାମଲ, ସୁନୀଲ ସାମଲ, ଆକାଶ ନାୟକ, ଜଗନ୍ନାଥ ସାମଲ, ସ୍ମୃତି ରାଜ ନାୟକ, ପୁପୁନୁ ବେହେରା, ସାମର୍ଜିତ ନାଆୟକ, ସ୍ୱନ୍ଦନ ନାୟକ, ଦୀପକ ବାରିକ, ଦେବବ୍ରତ ନାୟକ, ସୁଶାନ୍ତ ସାମଲ, ମନ୍ଦର ଜେନା, ଜିତେନ୍ଦ୍ର ସାମଲ, ସନ୍ତୋଷ ଧଳ ଉପସ୍ଥିତ ଥିଲେ।

## ଟିପ୍ପର ମାଲିକ ସଂଘ ଗଠିତ

ବଡଳା,୨୭।୧୧(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଗଡ଼ଚଣ୍ଡି ପୀଠରେ ବ୍ଲକ୍‌ସ୍ତରୀୟ ଟିପ୍ପର ମାଲିକ ସଂଘ ଗଠିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଧବଳେଶ୍ୱର ପଟ୍ଟନାୟକ, ଜଗବନ୍ଧୁ ମଲ୍ଲିକ, ରବିନ୍ଦ୍ର ସାହୁ, ବିମ୍ବାଧର ବିଶ୍ୱାଳ, ଚିନ୍ମୟ ନାୟକ, ବିଶ୍ୱରଞ୍ଜନ ସାହୁ, ପ୍ରଫୁଲ୍ଲ ପ୍ରଧାନ, ସନ୍ତୋଷ ନାୟକ, ପ୍ରୀତିରଞ୍ଜନ ବାରିକ, ବାପୁଜି ସା, ପ୍ରାର୍ଥ ସାରଥି ନାୟକ, ବାବୁନ ଓଝା, ସୁବାଷ ସେନାପତି, ଅଭିମନ୍ୟୁ ବେହେରା ପ୍ରମୁଖ ମାଲିକ ଉପସ୍ଥିତ ଥିଲେ। ଟିପ୍ପର ମାଲିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଟପ୍ପର ମାଲିକଙ୍କ ବିଭିନ୍ନ ସମସ୍ୟାକୁ ସୁଧାର ଆଣିବା ପାଇଁ ଉକ୍ତ ସଂଘ ଗଠନ କରାଯାଇଥିବା ମତ ପ୍ରକାଶ ପାଇଥିଲା।

## ପାଟଣା ରେଞ୍ଜରେ ପଶିଲେ ୨୭ ହାତୀ



### ଲୋକଙ୍କୁ ଗୋଡ଼ାଇଲା ଦନ୍ତା

ପାଟଣା,୨୭।୧୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ବାଉଁଶୁଳି ଗାଁକୁ ବୁଧବାର ସକାଳୁ ଏକ ୨୭ ଟିକିଆ ବଣୁଆ ହାତୀପଲ ପ୍ରବେଶ କରିଛନ୍ତି। ବିଳମ୍ବିତ ରାତିରେ ହାତୀପଲ ଚମ୍ପୁଆ ରେଞ୍ଜରୁ ଆସି ବାଉଁଶୁଳି ଗାଁରେ ପ୍ରବେଶ କରି ଆତଙ୍କ ଖେଳାଇଛନ୍ତି। ଆସିବା ବାଟରେ ଚମ୍ପୁଆ ରେଞ୍ଜର ବର୍ହାପଶି, ଟୁକୁଡ଼ିହା, ସରାସିଙ୍ଗା ସହ ପାଟଣା ରେଞ୍ଜର ତେନ୍ତୁଳିଖୁଣ୍ଟି, ପୁରନ୍ଦରପୁର, ପୁଟୁଗାଁ, ଆଦି ଅଞ୍ଚଳରେ ପାଚିଲା ଧାନ କ୍ଷେତ ମାଡି ନଷ୍ଟ କରିଛନ୍ତି। ହାତୀପଲ ଦିନ ସାରା ବାଉଁଶୁଳି ଜଙ୍ଗଲରେ ଡେରା ପକାଉଥିବା ବେଳେ ଅପରାହ୍ନରେ ହାତୀପଲ ୪୯ ନମ୍ବର ଜାତୀୟ ରାଜପଥକୁ ଚାଲି ଆସିଥିଲେ। ଫଳରେ ଗାଡି ମୋଟର ଅଟକି ରହିଥିଲା। ବାଉଁଶୁଳୀ ଉଖୁଣ୍ଡା ରାସ୍ତାରେ ହାତୀପଲ ରାସ୍ତା ପାର ହେବା ବେଳେ ଶେଷକୁ ଜଙ୍ଗଲରେ ରହିଥିବା ଏକ ଦନ୍ତା ଦେଖଣାହାରିଙ୍କୁ ଗୋଡ଼ାଇଥିଲା। ଅଳ୍ପକେ ଲୋକେ ଦନ୍ତା କବଳରୁ ବର୍ତ୍ତିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ହାତୀପଲ ବାଉଁଶୁଳି ଏବଂ ଗୋଡିପୋଖରୀ ସୀମାନ୍ତ ବିଦ୍ୟୁତ୍ ଗ୍ରୀଡ଼ ନିକଟରେ ଡେରା ପକାଇଛନ୍ତି। ଗାଁ ନିକଟରେ ହାତୀପଲ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିପଥ ଉପରେ ନଜର ରଖିଛି।

## ଛୁଟିଦିନରେ ଟ୍ୟୁଶନକୁ ନେଇ ଅସନ୍ତୋଷ

ବାରିପଦା,୨୭।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଞ୍ଚଳରେ ଥିବା ଏକ ମହାବିଦ୍ୟାଳୟର ଛୁଟିଦିବସରେ ଜଣେ ଛାତ୍ରୀଙ୍କୁ ଅଧାପକ ଟ୍ୟୁଶନ ପଢ଼ାଇବାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ମନ୍ଦ ଉଦ୍ଦେଶ୍ୟ ରଖି ଅଧାପକ ଜଣକ କଲେଜରେ ଟ୍ୟୁଶନ ପଢାଇବା ଭଳି ଘଟଣାକୁ ନେଇ ପୁରାତନ ଓ ବର୍ତ୍ତମାନର ଛାତ୍ରମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଓ ତହସିଲଦାରଙ୍କ ମାଧ୍ୟମରେ ମିଳିତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ହେମକାନ୍ତ ସୟ ଛାତ୍ରମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୨ ତାରିଖରେ କଲେଜ ଛୁଟି ଘୋଷଣା କରାଯାଇ ୨୫ ତାରିଖରେ ଖୋଲିବ ବୋଲି ନୋଟିସ ଜାରି କରାଯାଇଥିଲା। ଏହି ଛୁଟି ଦିନରେ ଜଣେ ଅଧାପକ ଜଣକ ଜନୈକା ଛାତ୍ରୀଙ୍କୁ ଏକ୍ସଟ୍ରା କ୍ଲାସ କରିବାକୁ କହି କଲେଜକୁ ଡକାଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କଥା ଆଲୋଚନା ହୋଇଥିଲା। ପୂର୍ବରୁ ଉକ୍ତ ଅଧାପକଙ୍କ ବିରୋଧରେ ଛାତ୍ରୀଛାତ୍ରମାନେ ଅସଦାଚରଣ ଅଭିଯୋଗ ଆଣିଥିଲେ। ଏହାକୁ ଦୃଷ୍ଟିରେ ରଖି ଛାତ୍ରମାନେ ଅଧାପକଙ୍କ ଏତାଦୃଶ କାର୍ଯ୍ୟରେ ଅସନ୍ତୋଷ ଜାହିର କରି କଲେଜ ଅଧକ୍ଷଙ୍କୁ ଅବଗତ କରିଥିଲେ। ମାତ୍ର ଅଭିଯୋଗ ପାଇ ମଧ ଅଧକ୍ଷ ଅବହେଳା କରିବାରୁ ଛାତ୍ରମାନେ ବାଲେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ କଲେଜ ଅଧକ୍ଷଙ୍କ ମତାମତ ମିଳି ପାରିନାହିଁ।

OKCL www.okcl.org
OS-CIT : Self-confidence to move in the emerging world!
OS-CIT® Odisha State Certificate in Information Technology Duration : 3 Months
OS-CIT 'A' Diploma Certificate of Odisha State Certificate in Information Technology Duration : 6 Months
OS-CIT 'A+' Diploma Certificate of Odisha State Certificate in Information Technology Duration : 12 Months
Odisha State-Certificate in Information Technology
ଅନ୍ତଃରାଷ୍ଟ୍ରୀୟ ମାନର ସମ୍ପୂର୍ଣ୍ଣ କମ୍ପ୍ୟୁଟର ପାଠ୍ୟକ୍ରମ
Completion Certificate from Recognized University
OKCL Career Oriented Courses | OKCL ACHIEVERS' SERIES | OKCL eSchool | OKCL DEEP
To download the eLearning App scan the QR code
ODISHA KNOWLEDGE CORPORATION LIMITED
Jaydev Vihar, Bhubaneswar-751013, Phone - 0674-3520021

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
**CORPORATE SOCIAL RESPONSIBILITY**
**Publication of Expression of interest in SAIL Tender website**
The following two nos. of CSR projects are intended to be taken up by Rourkela Steel Plant SAIL in the FY 2024-25:
(A) Sewing training programme and establishment of Training-Cum-Production Centre for underprivileged women/SHGs at IPD/Village location
(B) Development of Sewing Training Centre at IPD CSR complex of RSP
**Note:** Separate offers to be submitted for both projects if any party is interested in both. For project details may kindly check the link below:
**www.sailtenders.co.in** (Tenders section)
**Last date for submission of application is hereby extended upto 14th Dec, 2024**
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

OFFICE OF THE
**DISTRICT MAGISTRATE & COLLECTOR, SAMBALPUR**
No. 2955/SS (RCDR) Dtd.26.11.2024
**TENDER CALL NOTICE**
Sealed tenders in plain paper are hereby invited from different intending registered Tent/Event Management Firms for arrangement of German Hanger, Videography, Stage Decoration, Sound System etc. for organization of Mega State Level BBSA Camp during distribution of 500 Nos. of e-Rickshaws at Sambalpur. The tender paper can be downloaded from the District website i.e. **https://sambalpur.odisha.gov.in**.
The tender should reach in sealed cover to DSSO, Sambalpur by Hand/Speed/Registered Post on or before 12.00 N of 05.12.2024 and will be opened on the same day 05.12.2024 at 4.30 P.M. by District Selection Committee and final supply order will be given after verification and negotiation with the firms. The tenderers or their representative may remain present at the time of opening of the sealed tender.
The details of Schedule, Eligibility Criteria, Terms & Conditions and items to be arranged are annexed in **Annexure-I, II, III & IV** respectively.
The undersigned reserves the right to reject or cancel any or all the quotations without assigning any reasons thereof.
Sd./- Collector, Sambalpur

**PARADIP PORT AUTHORITY**
HARBOUR WORKS DIVISION No.I
e-TENDER CALL NOTICE
e-TCN No.CE/HWDI/ACCTS-04/24/372, dtd.25.11.2024.
**Name of the Work:** "Supply of Cone, Cell & Super-M Fenders along with Bollards for installation at different Berths inside Harbour area". Put to tender value: Rs.4,07,00,092.32 plus GST as applicable. Last date & time of submission of tender through online bidding is 17.12.2024 up to 17:15 Hrs. For details, please log on to the Website: https://eprocure.gov.in/eprocure/app.
PPA/PR/49/24-25 dtd.26.11.2024
Sd/- Executive Engineer, Harbour Works Division No.I, Paradip Port Authority

No.O-705
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
**E-Mail: sencrwangul@yahoo.co.in; Ph.: 06764-236404**
**No. 2820// Dt. 22.11.2024**
**NOTICE INVITING TENDER FOR ROAD WORKS IN ODISHA**
**Bid Identification No. Road Online AGL-14/2024-25**
1. Name of the work : **Road Works.** 2. Total No. of work : **25 Nos.** 3. Estimated Cost : **Rs.157.31 to 935.34 Lakhs.** 4. Class of Contractor : **As per annexure.** 5. Period of completion : **As per annexure.** 6. Other details.:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | **Road Online-AGL- 14/ 2024-25** | 02.12.24 at 10.00 A.M. | 17.12.24 up to 5.00 P.M. | 16.12.24 upto 1.00 P.M. | 18.12.24 at 11.00 A.M. | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in.
OIPR-25180/11/0016/2425 Sd./- Chief Engineer, Rural Works Circle, Angul

No.O-716
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
**E-Mail: sencrwangul@yahoo.co.in; Ph.: 06764-236404**
**No. 2869// Dt. 25.11.2024**
**NOTICE INVITING TENDER FOR ROAD WORKS IN ODISHA**
**Bid Identification No. Road Online AGL-15/2024-25**
1. Name of the work : **Road Works.** 2. Total No. of work : **25 Nos.** 3. Estimated Cost : **Rs.1046.60 to 2101.23 Lakhs.** 4. Class of Contractor : **As per annexure.** 5. Period of completion : **As per annexure.** 6. Other details.:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | **Road Online-AGL- 15/ 2024-25** | 02.12.24 at 10.00 A.M. | 17.12.24 up to 5.00 P.M. | 16.12.24 upto 1.00 P.M. | 18.12.24 at 11.00 A.M. | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in.
OIPR-25180/11/0017/2425 Sd./- Chief Engineer, Rural Works Circle, Angul

**RMC (Regulated Market Committee), Kendrapara**
**KENDRAPARA-754211**
At/Po-Jamadhar, Kendrapara
PHONE NO-06729-2290398
E MAIL: rmckendrapara@gmail.com
RFP No.: 09/RMC/2024 Dated: 26.11.2024
**CORRIGENDUM**
**NOTICE INVITING REQUEST FOR PROPOSAL (RFP) - Corrigendum-1**
**Request for Proposal (RFP) for Selection of Agency for Supply, Installation & Commissioning of CCTV Surveillance System for Different PACS & PPC of Kendrapara District under RMC, Kendrapara** under administrative control of Collector, Kendrapara, Dept. of Cooperation, Government of Odisha invites sealed proposals from eligible bidders for **Supply, Installation & Commissioning of 118 Nos of CCTV Surveillance System for Different PACS & PPC of Kendrapara District under RMC KENDRAPARA.** The bidders fulfilling the prescribed eligibility criteria of the RFPcan access and download the complete RFP Document and other details from the website.
The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in Kendrapara District Website-www.kendrapara.odisha.gov.in. | By 27/11/2024 |
| 2 | Last Date for Submission of Bid | By 11/12/2024 - 5.00PM |
| 3 | Date of Opening of Technical Bid | On 12/12/2024 - 11.00AM |
| 4 | Date of Opening of Financial Bid | On the same day or to be intimated later |

The proposal complete in all respects must reach the undersigned by **Speed Post/ Registered Post / Courier** only latest by **11/12/2024 before 5.00 PM** in a sealed envelope superscribed as **"REQUEST FOR PROPOSAL - Supply, Installation & Commissioning of 118 Nos of CCTV Surveillance System for Different PACS & PPC of Kendrapara District under RMC KENDRAPARA"**. The proposals received beyond the last date and time will be rejected. The Tender Inviting Authority (TIA) i.e RMC, Kendrapara reserves the right to accept / reject any / all BIDs / cancel the entire selection process at any stage without assigning any reason thereof.
**Address for Submission of Proposal:**
**RMC (Regulated Market Committee), Kendrapara**
**At/Po-Jamadhar, Kendrapara-754211**
**PHONE NO-06729-2290398**
**E MAIL: rmckendrapara@gmail.com**
**Sd./- Collector & DM cum Chiarman RMC Kendrapara**

## ସଂସଦରେ ହଟ୍ଟଗୋଳ

# ଥମୁନି ଆଦାନୀ ଝଡ଼

ନୂଆଦିଲ୍ଲୀ,୨୭ା୧୧

ବିଲିୟନେୟାର ଗୌତମ ଆଦାନୀଙ୍କୁ କେନ୍ଦ୍ର ସରକାର ସୁରକ୍ଷା ଦେଉଛନ୍ତି। ତାଙ୍କ ବିରୋଧରେ ଆମେରିକାରେ ରୁଜୁ ହୋଇଥିବା ଲାଞ୍ଚ ମାମଲାରୁ ଧ୍ୟାନ ହଟାଇବା ପାଇଁ 'ମୋଦାନୀ ଇକୋସିଷ୍ଟମ୍' କାର୍ଯ୍ୟ କରୁଛି ବୋଲି ଗୁରୁବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣିଛନ୍ତି। ସେହିପରି ଆଇନଜୀବୀ ମହେଶ ଜେଠମାଲାନୀ ଏବଂ ମୁକୁଲ ରୋହତଗୀ ଏହି ପ୍ରସଙ୍ଗରେ ଦେଇଥିବା ମନ୍ତବ୍ୟକୁ ମଧ୍ୟ ବିରୋଧୀ ଦଳ ସରକାରଙ୍କ 'ଡାମେଜ୍ କଣ୍ଟ୍ରୋଲ' କହି ଖଣ୍ଡନ କରିଛି। ଆଦାନୀ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ବିତର୍କ ସହ ତଦନ୍ତକାରୀ ସଂସ୍ଥା ଏବଂ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ ଦ୍ୱାରା ଏହାର ତଦନ୍ତ କରାଯାଉ ବୋଲି କଂଗ୍ରେସ ଦାବି କରିଛି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ପାର୍ଲାମେଣ୍ଟ ବାହାରେ ଖବରଦାତାମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ମାମୁଲି ଅଭିଯୋଗ ଆସିଲେ ଦେଶର ନାଗରିକମାନଙ୍କୁ ଗିରଫକରି ଜେଲକୁ



ପଠାଯାଉଛି। ଶିଳ୍ପପତି ଗୌତମ ଆଦାନୀଙ୍କୁ ଏଯାଏ କାହିଁକି ଜେଲକୁ ପଠାଯାଇନାହିଁ। ଗୌତମ ଆଦାନୀ ଓ ତାଙ୍କ ପୁତୁରା ସାଗର ଆଦାନୀ ଏହି ଅଭିଯୋଗକୁ ଖଣ୍ଡନ କରିବା ସ୍ୱାଭାବିକ। ଏହାସତ୍ତ୍ୱେ ତାଙ୍କୁ ଗିରଫ କରାଯିବା ଉଚିତ। ଏହା ପୂର୍ବରୁ ଆଦାନୀ ଏବଂ ଉତ୍ତର ପ୍ରଦେଶର ସମ୍ବଲ ହିଂସା ପ୍ରସଙ୍ଗକୁ ନେଇ ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ବିରୋଧୀ ସଦସ୍ୟଙ୍କ ବିକ୍ଷୋଭ ଯୋଗୁ ଲୋକ ସଭା ଓ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ସମ୍ପୂର୍ଣ୍ଣ ମୋଦାନୀ ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ କରାଯାଉ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଦାବି କରିଥିଲେ। ଆଦାନୀଙ୍କୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ହାସ୍ୟାସ୍ପଦ ଉଦ୍ୟମ ଆମେରିକୀୟ ଏଜେନ୍ସି ଦ୍ୱାରା ଆଗତ ଅଭିଯୋଗର ଗମ୍ଭୀରତାକୁ ହ୍ରାସ କରିପାରିବ ନାହିଁ ବୋଲି ସେ କହିଥିଲେ। ଆଦାନୀ ପ୍ରସଙ୍ଗରେ ବିତର୍କ ପାଇଁ ରାଜ୍ୟ ସଭାରେ କଂଗ୍ରେସ ସଦସ୍ୟମାନେ ରୁଲ୍ ୨୬୭ ଅଧୀନରେ ୧୮ଟି ମୁଲତବୀ ନୋଟିସ ଦେଇଥିଲେ। କିନ୍ତୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ସମସ୍ତ ନୋଟିସକୁ ଖାରଜ କରିଦେଇଥିଲେ। ଏହାକୁ ନେଇ ବିରୋଧୀ ହଟ୍ଟଗୋଳ କରିଥିଲେ।

## ଆଦାନୀଙ୍କ ସପକ୍ଷରେ ରୋହତଗୀ, ଜେଠମାଲାନୀ

ସୌର ବିଦ୍ୟୁତ୍ ଶକ୍ତିର ଠିକା କରାଇଦେବା ପାଇଁ ଲାଞ୍ଚ ଦେବା ମାମଲାରେ ଶିଳ୍ପପତି ଗୌତମ ଆଦାନୀ ହରଡ଼ଘଣାରେ ପଡ଼ିଥିବାବେଳେ ତାଙ୍କ ସମର୍ଥନରେ ବାହାରିଛନ୍ତି ସୁପ୍ରିମକୋର୍ଟର ୨ ଜଣ ବରିଷ୍ଠ ଆଇନଜୀବୀ। ପୂର୍ବତନ ଆର୍ଟର୍ନି ଜେନେରାଲ ମୁକୁଲ ରୋହତଗୀ ଏବଂ ରାଜ୍ୟ ସଭା ସଦସ୍ୟ ମହେଶ ଜେଠମାଲାନୀ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ନ୍ୟୁୟର୍କ କୋର୍ଟରେ ଆମେରିକାର ନ୍ୟାୟ ବିଭାଗ ପକ୍ଷରୁ ଆଗତ ୫ ଅଭିଯୋଗ ଭିତ୍ତିହୀନ। ଏଥିରେ କୌଣସି ନିର୍ଦ୍ଦିଷ୍ଟ ବିଶ୍ୱସନୀୟ ପ୍ରମାଣ ନାହିଁ। ଇତିମଧ୍ୟରେ ଗୌତମ ଆଦାନୀ ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ଆମେରିକାର ଫରେନ୍ କରପ୍ଟ ପ୍ରାକ୍ଟିସେସ୍ ଆକ୍ଟ ବଳରେ ଅଭିଯୋଗ ସ୍ଥିର ହୋଇ ନାହିଁ ବୋଲି ବୁଧବାର ଆଦାନୀ ଗ୍ରୁପ୍ ପକ୍ଷରୁ କୁହାଯାଇଛି। ଏକ ବିବୃତିରେ କୁହାଯାଇଛି ଯେ, ଆଦାନୀ ଓ ଅନ୍ୟମାନଙ୍କ ବିରୋଧରେ ଅନ୍ୟ ୩ଟି ଅଭିଯୋଗ ଆସିଛି, ଯାହା ପ୍ରମାଣିତ ହେଲେ ଆର୍ଥିକ ଜରିମାନା ହୋଇପାରେ। ଆମେରିକାର ନ୍ୟାୟ ବିଭାଗ ଗତ ସପ୍ତାହରେ ନ୍ୟୁୟର୍କ କୋର୍ଟରେ ଦାଖଲ କରିଥିବା ଅଭିଯୋଗପତ୍ରରେ ଗୌତମ ଆଦାନୀଙ୍କ ନାମ ଉଲ୍ଲେଖ କରି ନ ଥିବା ନେଇ ଏକ ଷ୍ଟକ୍ ଏକ୍ସଚେଞ୍ଜ ଫାଇଲିଂରେ ଆଦାନୀ ଗ୍ରୀନ୍ ଏନର୍ଜି ଦର୍ଶାଇଛି।



ସଂସଦର ଶୀତ ଅଧିବେଶନରେ ଶିବସେନା (ୟୁବିଟି) ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ।

## ନଳକୂପରୁ ପାଣି ପିଇବାରୁ ଦଳିତଙ୍କୁ ପିଟି ହତ୍ୟା

ଭୋପାଳ, ୨୭ା୧୧

ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲାରୁ ବୁଧବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ନଳକୂପରୁ ପାଣି ପିଇବାରୁ ନାରଦ ଜାଟବ ନାମକ ଜଣେ ୨୬ ବର୍ଷୀୟ ଦଳିତ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ସ୍ଥାନୀୟ ସୁଭାଷପୁର ଥାନା ଇନ୍ଦରଗଡ଼ ଗ୍ରାମରେ ଥିବା ଏକ ନଳକୂପରୁ ନାରଦ ପାଣି ପିଇବାକୁ ଚେଷ୍ଟା କରୁଥିବାବେଳେ ତାଙ୍କ ଦ୍ୱାରା ନଳକୂପ ସାମାନ୍ୟ ଭାଙ୍ଗି ଯାଇଥିଲା। ଫଳରେ ସ୍ଥାନୀୟ ସରପଞ୍ଚଙ୍କ ପରିବାର ସହ ନାରଦଙ୍କର ଝଗଡ଼ା ହୋଇଥିଲା। ଘଟଣାସ୍ଥଳରେ ସରପଞ୍ଚଙ୍କ କେତେଜଣ ସମର୍ଥକ ହାତରେ ଠେଙ୍ଗା ଓ ରଡ୍ ଧରି ନାରଦଙ୍କୁ ଆକ୍ରମଣ କରିଥିଲେ ଓ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ଶିବପୁରୀ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହି ମାମଲାରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ଯାଇଥିବା ଦର୍ଶାଇ ବିରୋଧୀ କଂଗ୍ରେସ ଶାସକ ଭାଜପାକୁ ସମାଲୋଚନା କରିଛି।

## ଚାଇନା ସାମଗ୍ରୀ ଉପରେ ଶୁଳ୍କ ବଢ଼ାଇବେ ଟ୍ରମ୍ପ୍

ୱାଶିଂଟନ, ୨୭ା୧୧

ଆସନ୍ତା ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ। ତେବେ ଏହାପୂର୍ବରୁ ସେ ଚାଇନା, କାନାଡା ଏବଂ ମେକ୍ସିକୋକୁ ଏକ ବଡ଼ ଝଟକା ଦେଇଛନ୍ତି। ଆମେରିକାକୁ ଚାଇନା, କାନାଡା ଏବଂ ମେକ୍ସିକୋରୁ ଆସୁଥିବା ସମସ୍ତ ସାମଗ୍ରୀ ଉପରେ ଶୁଳ୍କ ବୃଦ୍ଧି କରିବାକୁ ସେ ଯୋଜନା ପ୍ରସ୍ତୁତ କରିଛନ୍ତି। ମଙ୍ଗଳବାର ଏକ ସୋସିଆଲ ମିଡିଆ ପୋଷ୍ଟ କରି ଟ୍ରମ୍ପ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆମେରିକାକୁ ଆସୁଥିବା ଚାଇନାର ସମସ୍ତ ସାମଗ୍ରୀ ଉପରେ ଅତିରିକ୍ତ ୧୦% ଶୁଳ୍କ ଲାଗୁ କରାଯିବ। ସେହିପରି କାନାଡା ଏବଂ ମେକ୍ସିକୋରୁ ଆସୁଥିବା ସମସ୍ତ ସାମଗ୍ରୀ ଉପରେ ୨୫% ଶୁଳ୍କ ଲାଗୁ ହେବ। ଜାନୁଆରୀ ୨୦ରେ ସେ ଶପଥ ନେବା ପରେ ଏହି ଶୁଳ୍କ ଲାଗୁ କରାଯିବ ବୋଲି ଟ୍ରମ୍ପ୍ କହିଛନ୍ତି। ବେଆଇନ ଡ୍ରଗ୍ସ କାରବାର ରୋକିବାକୁ ଏହି ଯୋଜନା ପ୍ରସ୍ତୁତ ହୋଇଛି ବୋଲି ସେ କହିଛନ୍ତି।

## ଚଟ୍ଟଗ୍ରାମର ୩ ମନ୍ଦିରରେ ଭଙ୍ଗାରୁଜା

ଢାକା, ୨୭ା୧୧

ବାଂଲାଦେଶରେ ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସ୍‌ଙ୍କ ଗିରଫଦାରି ପରେ ମଙ୍ଗଳବାର ଚଟ୍ଟଗ୍ରାମ ସହରରେ ହିନ୍ଦୁ ମନ୍ଦିରଗୁଡ଼ିକୁ ଟାର୍ଗେଟ କରାଯାଇ ଭଙ୍ଗାରୁଜା କରାଯାଇଛି। ଏକ ରିପୋର୍ଟ ଅନୁଯାୟୀ, ବୁଧବାର ଚଟ୍ଟଗ୍ରାମର ଫିରଙ୍ଗୀ ବଜାରସ୍ଥିତ ଲୋକନାଥ ମନ୍ଦିର, ମନସା ମାତା ମନ୍ଦିର ଏବଂ ହଜାରୀ ଲେନ୍‌ସ୍ଥିତ ମା' କାଳୀଙ୍କ ମନ୍ଦିରକୁ କଟ୍ଟରପନ୍ଥୀଙ୍କ ପକ୍ଷରୁ ଟାର୍ଗେଟ କରାଯାଇ ଭଙ୍ଗାରୁଜା କରାଯାଇଥିଲା।

### ଜାତିସଂଘର ହସ୍ତକ୍ଷେପ ଦାବି କଲେ ଗିରିରାଜ

ସେପଟେ ଚିନ୍ମୟ କୃଷ୍ଣ ଦାସ୍‌ଙ୍କ ଗିରଫ ପ୍ରତିବାଦରେ ମଙ୍ଗଳବାର ଚଟ୍ଟଗ୍ରାମ କୋର୍ଟ ସମ୍ମୁଖରେ ପୋଲିସ ଏବଂ ହିନ୍ଦୁ ସମୁଦାୟର ବିକ୍ଷୋଭକାରୀଙ୍କ ମଧ୍ୟରେ ହୋଇଥିବା ଧସ୍ତାଧସ୍ତିରେ ଜଣେ ଆଇନଜୀବୀଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଆଇନଜୀବୀଙ୍କ ହତ୍ୟା ଏବଂ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ ମାମଲାରେ ବୁଧବାର ବାଂଲାଦେଶ ପୋଲିସ ୩୦ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି।

ଅନ୍ୟପକ୍ଷରେ, ସନ୍ଥ ଚିନ୍ମୟ କୃଷ୍ଣ ଦାସଙ୍କ ଗିରଫଦାରି ଏବଂ ବାଂଲାଦେଶରେ ହିନ୍ଦୁଙ୍କ ଉପରକୁ ବଢୁଥିବା ଆକ୍ରମଣ ମାମଲାରେ ହସ୍ତକ୍ଷେପ କରିବାକୁ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂ ଜାତିସଂଘକୁ ଦାବି କରିଛନ୍ତି। ସେ କହିଛନ୍ତି, ବାଂଲାଦେଶରେ ଏବେ କଟ୍ଟରପନ୍ଥୀଙ୍କ ସରକାର ଚାଲିଛି। ତେଣୁ ଦେଶର ସଂଖ୍ୟାଲଘୁ ହିନ୍ଦୁ ସମାଜ ଉପରକୁ ଆକ୍ରମଣ ବଢ଼ିବାରେ ଲାଗିଛି। ଏସବୁ ଘଟଣାକୁ ସଂଜ୍ଞାନ ନେଇ ଜାତିସଂଘ ହସ୍ତକ୍ଷେପ କରୁ ବୋଲି ସେ ଦାବି କରିଛନ୍ତି।

## ୱାକ୍‌ଫ ଜେପିସି ଅବଧି ବଜେଟ ଅଧିବେଶନ ଶେଷ ଯାଏ ବୃଦ୍ଧି

ନୂଆଦିଲ୍ଲୀ,୨୭ା୧୧

ୱାକ୍‌ଫ (ସଂଶୋଧନ) ବିଲ୍ ଯାଞ୍ଚ ପାଇଁ ଗଠିତ ଯୁଗ୍ମ ସଂସଦୀୟ କମିଟି (ଜେପିସି)ର ଅବଧିକୁ ଆଗାମୀ ବଜେଟ ଅଧିବେଶନର ଶେଷ ଦିନ ପର୍ଯ୍ୟନ୍ତ ବଢ଼ାଯାଇଛି। ଏହା ପୂର୍ବରୁ ବୁଧବାର ପ୍ୟାନେଲ ବୈଠକ ଚାଲିଥିବାବେଳେ ବିରୋଧୀ ସଦସ୍ୟମାନେ ଏହାର ପ୍ରକ୍ରିୟାକୁ ବିରୋଧକରି ସେଠାରୁ ଉଠି ଚାଲିଯାଇଥିଲେ। ଗୌରବ ଗୋଗୋଇ (କଂଗ୍ରେସ), ଏ. ରାଜା (ଡିଏମ୍‌କେ), ସଞ୍ଜୟ ସିଂ (ଆପ୍) ଓ କଲ୍ୟାଣ ବାନାର୍ଜୀ (ଟିଏମ୍‌ସି) ପ୍ୟାନେଲ ଅଧ୍ୟକ୍ଷ ଜଗଦମ୍ବିକା ପାଲ୍‌ଙ୍କ ବୈଠକ ପରିଚାଳନା ଶୈଳୀ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜଗଦମ୍ବିକା ଉପଯୁକ୍ତ ପ୍ରକ୍ରିୟା ଅବଲମ୍ବନ ନ କରି ନଭେମ୍ବର ୨୯ ସୁଦ୍ଧା ପ୍ୟାନେଲର କାର୍ଯ୍ୟ ତୁଟାଇଦେବାକୁ ଉଦ୍ୟମ କରୁଥିବା ବିରୋଧୀ ସଦସ୍ୟମାନେ ଅଭିଯୋଗ ଆଣିଥିଲେ। ତେବେ ଅଧ୍ୟକ୍ଷଙ୍କ ଅନୁରୋଧ କ୍ରମେ ଘଣ୍ଟାଏ ପରେ ସେମାନେ ପୁଣି ବୈଠକକୁ ଫେରିଥିଲେ।

# ମୋଦି ଯାହା ନିଷ୍ପତ୍ତି ନେବେ...

ମୁମ୍ବାଇ,୨୭ା୧୧

### ଭାଜପା ମୁଖ୍ୟମନ୍ତ୍ରୀ ପାଇଁ ବାଟ ଛାଡ଼ିଲେ ଶିନ୍ଦେ



ଏକନାଥ ଶିନ୍ଦେ

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦ ପାଇଁ ଦ୍ୱିତୀୟ ଦାବିଦାର ଶିବସେନା ମୁଖ୍ୟ ଏକନାଥ ଶିନ୍ଦେ ବିଧାନସଭା ନିର୍ବାଚନ ଫଳ ଆସିବାର ୪ ଦିନ ପରେ ଏହି ଦାବିରୁ ଓହରିଯାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା ନିଷ୍ପତ୍ତି ନେବେ ସେ ତାକୁ ମାନିନେବେ ବୋଲି ବୁଧବାର ଶିନ୍ଦେ ସ୍ପଷ୍ଟ କରିଛନ୍ତି। ଫଳରେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବା ନେଇ ଭାଜପାର ରାସ୍ତା ସୁଗମ ହୋଇଛି।

ନଭେମ୍ବର ୨୦ରେ ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୩ରେ ଏହାର ଫଳାଫଳ ଆସିଥିଲା। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୪୫ ହୋଇଥିବାବେଳେ ଭାଜପାକୁ ୧୩୨ ଆସନ ମିଳିଥିବାବେଳେ ସହଯୋଗୀ ଶିନ୍ଦେଙ୍କ ଶିବସେନା ୫୭ ଓ ଅଜିତ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୪୧ ଆସନ ଦଖଲ କରିଛି। ଶିନ୍ଦେ ମଙ୍ଗଳବାର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଭାଜପା ସବୁଠୁ ବଡ଼ ଦଳ ଭାବେ ଉଭାହୋଇ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିଥିବାରୁ ଫଡ୍‌ନବିସଙ୍କୁ ମୁଖ୍ୟମନ୍ତ୍ରୀ କରାଯାଉ ବୋଲି ଦଳ ଭିତରେ ଜୋର୍‌ଦାର ଦାବି କରାଯାଉଛି। ଅନ୍ୟପକ୍ଷେ ଶାସକ ମେଣ୍ଟ ମହାଯୁତି ଶିନ୍ଦେଙ୍କ ନେତୃତ୍ୱରେ ଦ୍ୱିତୀୟ ଥର କ୍ଷମତାକୁ ଆସିଥିବାରୁ ତାଙ୍କୁ ହିଁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଦେବା ଉଚିତ ବୋଲି ଶିବସେନା ନେତାମାନେ ଦାବି କରିଆସୁଥିଲେ। ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ଏହି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଶିନ୍ଦେ ଏକ ଖବରଦାତା ସମ୍ମିଳନୀ ଡାକି ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ୬୦ ବର୍ଷୀୟ ଶିନ୍ଦେ ନିଜ ଠାଣେ ବାସଭବନରେ ସମ୍ବୋଧିତ କରି କହିଛନ୍ତି, ତାଙ୍କ ଉତ୍ତରାଧିକାରୀ ଚୟନ ପ୍ରକ୍ରିୟାରେ ସେ ପ୍ରତିବନ୍ଧକ ହେବାକୁ ଚାହୁଁନାହାନ୍ତି। ପ୍ରଧାନମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ତାକୁ ସେ ମାନିବେ। ସେ କୌଣସି ପଦପଦବୀ ପାଇଁ ଲୋଭୀ ନୁହନ୍ତି। ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଯାହାକୁ ବି କରାଯିବ ତାଙ୍କ ଶିବସେନା ଭାଜପାର ନିଷ୍ପତ୍ତିକୁ ପୂର୍ଣ୍ଣ ସମର୍ଥନ ଦେବ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଫୋନ୍ କରି ସେ ଏହି ବିଷୟ ଜଣାଇଛନ୍ତି। ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେବା ପାଇଁ ଟଣାଓଟରା ଲାଗିରହିଥିବା ବିଷୟକୁ ସେ ଖଣ୍ଡନ କରିଛନ୍ତି। କେଉଁମାନେ ଉପମୁଖ୍ୟମନ୍ତ୍ରୀ ହେବେ ବୋଲି ପ୍ରଶ୍ନ କରାଯିବାରୁ ଶିନ୍ଦେ କହିଛନ୍ତି, ଶାହାଙ୍କ ସହ ଗୁରୁବାର ଦିଲ୍ଲୀରେ ଏକ ବୈଠକ ହେବ। ଉକ୍ତ ବୈଠକରେ ସରକାର ଗଠନ ଏବଂ ଏସମ୍ପର୍କିତ ସବୁ ନିଷ୍ପତ୍ତି ନିଆଯିବ। ପିଟିଆଇ ସୂତ୍ରରୁ ପ୍ରକାଶ ଯେ, ନୂଆ ସରକାରରେ ଶିନ୍ଦେ ଉପମୁଖ୍ୟମନ୍ତ୍ରୀ ହେବାକୁ ପ୍ରସ୍ତୁତ ଥିବା ସଙ୍କେତ ଦେଇସାରିଛନ୍ତି। ଶିନ୍ଦେଙ୍କ ସ୍ପଷ୍ଟୀକରଣ ପରେ ମହାରାଷ୍ଟ୍ର ଭାଜପା ମୁଖ୍ୟ ଚନ୍ଦ୍ରଶେଖର ବଓ୍ୱାଙ୍କୁଲେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ତେବେ ମୋଦି ଓ ଶାହା ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଅଜିତଙ୍କ ଏନ୍‌ସିପି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପାଇଁ ଶିନ୍ଦେଙ୍କ ଉପରେ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ଚାପ ପକାଇଥିବା ରାଜ୍ୟ କଂଗ୍ରେସ ସଭାପତି ନାନା ପାଟୋଲେ ଅଭିଯୋଗ ଆଣିଛନ୍ତି। ଇତିମଧ୍ୟରେ ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ଏବଂ ମୁଖ୍ୟ ସଚେତକ ଚୟନ ନିଷ୍ପତ୍ତି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଉପରେ ଛାଡ଼ି ଦିଆଯାଇଥିବା ବିରୋଧୀ ଦଳ ପକ୍ଷରୁ କୁହାଯାଇଛି।

## ଅଶ୍ଳୀଳ କଣ୍ଟେଣ୍ଟ ରୋକିବା ପାଇଁ କଠୋର ଆଇନ ଲୋଡ଼ା: ବୈଷ୍ଣବ

ନୂଆଦିଲ୍ଲୀ, ୨୭ା୧୧

ବିଭିନ୍ନ ସୋସିଆଲ ମିଡିଆ ଏବଂ ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକରେ ଅଶ୍ଳୀଳ କଣ୍ଟେଣ୍ଟ ରୋକିବା ପାଇଁ ନୂତନ ଆଇନ ଅଣାଯିବାର ଆବଶ୍ୟକତା ରହିଛି ବୋଲି ବୁଧବାର କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ବୁଧବାର ଲୋକ ସଭାର ପ୍ରଶ୍ନକାଳରେ ଭାଜପା ଏମ୍‌ପି ଅରୁଣ ଗୋଭିଲଙ୍କ ଏକ ପ୍ରଶ୍ନର ଦେଇ ବୈଷ୍ଣବ କହିଛନ୍ତି, ସୋସିଆଲ ମିଡିଆ ଏବଂ ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକରେ ଅଶ୍ଳୀଳ କଣ୍ଟେଣ୍ଟ ରୋକିବା ପାଇଁ ସମ୍ପ୍ରତି ରହିଥିବା ଆଇନକୁ ମଜଭୁତ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ସର୍ବଦଳୀୟ ସହମତିର ଆବଶ୍ୟକ। ଏନେଇ ସେ ବିରୋଧୀ ଦଳଗୁଡ଼ିକ ସହ ଚର୍ଚ୍ଚା କରିବେ। ସେ ଆହୁରି କହିଛନ୍ତି, ସୋସିଆଲ ମିଡିଆ ଏବଂ ଓଟିଟି ପ୍ଲାଟ୍‌ଫର୍ମ ମାଧ୍ୟମରେ ଏପରିକିଛି କଣ୍ଟେଣ୍ଟ ସାମ୍ନାକୁ ଆସୁଛି, ଯାହାକୁ ଭାରତୀୟ ସଂସ୍କୃତି ପ୍ରଶ୍ରୟ ଦେଇ ନ ଥାଏ। ସଂସଦର ସ୍ଥାୟୀ ସମିତି ଉକ୍ତ ପ୍ରସଙ୍ଗକୁ ଉଠାଇ ଏନେଇ କଡ଼ା ଆଇନ ପ୍ରଣୟନ କରୁ ବୋଲି ବୈଷ୍ଣବ କହିଛନ୍ତି।

## ଅଷ୍ଟ୍ରେଲିଆରେ ପିଲାଙ୍କୁ ସୋସିଆଲ ମିଡିଆ ମନା

### ଉଲ୍ଲଂଘନ କଲେ ୩୩ ମିଲିୟନ ଆମେରିକୀୟ ଡଲାର ଜରିମାନା

ମେଲବୋର୍ନ, ୨୭ା୧୧

ବ୍ୟାପକ ଭାବେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକର ବ୍ୟବହାର ହେତୁ ପିଲାମାନଙ୍କ ମାନସିକ, ଶାରରିକ ଏବଂ ସାମାଜିକ ଜୀବନ ଉପରେ ପ୍ରଭାବ ପଡୁଥିବା ନେଇ ଅନେକ ରିପୋର୍ଟ ସାମ୍ନାକୁ ଆସିଛି। ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ବୁଧବାର ଅଷ୍ଟ୍ରେଲୀୟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରିଛି। ଏହି ବିଲ୍ ଅନୁଯାୟୀ, ଅଷ୍ଟ୍ରେଲିଆରେ ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମର ବ୍ୟବହାର ଉପରେ କଟକଣା ଲାଗୁ କରାଯିବ। ଅଷ୍ଟ୍ରେଲୀୟ ସିନେଟ ଏହି ବିଲ୍‌କୁ ଚୂଡ଼ାନ୍ତ ରୂପ ପ୍ରଦାନ କରିବ। ଏହି ବିଲ୍ ସପକ୍ଷରେ ୧୦୨ ଭୋଟ ପଡ଼ିଥିବାବେଳେ ବିରୋଧରେ ୧୩ ଭୋଟ ପଡ଼ିଥିଲା। ଉକ୍ତ ବିଲ୍ ଅନୁଯାୟୀ, ଟିକ୍‌ଟକ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ସ୍ନାପ୍‌ଚାଟ, ରେଡ୍ଡିଟ, ଏକ୍ସ'ରେ ପିଲାମାନେ ଆକାଉଣ୍ଟ ପ୍ରସ୍ତୁତ କରିପାରିବେ ନାହିଁ। ଏହି ଆଇନରେ ଉଲ୍ଲଘଂନର ମାମଲା ସାମ୍ନାକୁ ଆସିଲେ ୩୩ ମିଲିୟନ ଆମେରିକୀୟ ଡଲାର ଜରିମାନା ଲାଗିବ। ତେବେ ଏହି ବିଲ୍ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହେବା ପୂର୍ବରୁ ଅଷ୍ଟ୍ରେଲିଆରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ପ୍ରାୟ ବର୍ଷେ ସମୟ ମିଳିବ।

DSPL - 225



ଓଡ଼ିଶା ସରକାର



ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ

୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଭାରତ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ କେବଳ ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିଷେଧକ ବି.ସି.ଜି. ଟୀକା ଦିଆଯାଉଥିବା ବେଳେ ଏବେ ବୟସ୍କ ଲୋକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଟୀକାକରଣ ଶିବିରରେ ଏହି ଟୀକା ଦିଆଯାଉଅଛି। ଯେଉଁମାନେ ଏହି ଟୀକା ନେବାକୁ ଯୋଗ୍ୟ ସେମାନେ ହେଲେ -

- ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି
- ୧୮ ବର୍ଷରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ବ୍ୟକ୍ତି ଯିଏକି -
  - ବିଗତ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀ ଭାବେ ଚିହ୍ନଟ ଓ ଚିକିତ୍ସିତ ହୋଇଥିବେ,
  - ବିଗତ ୩ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀର ସଂସ୍ପର୍ଶରେ ଆସିଥିବେ,
  - ମଧୁମେହ ରୋଗୀ ହୋଇଥିବେ,
  - ଧୂମପାନ କରୁଥିବେ କିମ୍ବା
  - କୁପୋଷଣର ଶିକାର ହୋଇଥିବେ

ଏହି କାର୍ଯ୍ୟକ୍ରମ ପାଇଁ ଆମ ରାଜ୍ୟର ୧୫ଟି ଜିଲ୍ଲା (ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ରାୟଗଡା ଓ ସୁନ୍ଦରଗଡ) ଚିହ୍ନଟ ହୋଇଛି।

କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ।

ଆସନ୍ତୁ ସମସ୍ତେ ମିଶି ଏହାକୁ ସଫଳ କରିବା, ଦେଶକୁ ଯକ୍ଷ୍ମାମୁକ୍ତ କରିବା

OIPR-10003/13/0108/2425

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

# ୧୫ ମାସର ଶିଶୁକନ୍ୟାଙ୍କୁ ବଳାତ୍କାର

ଯୋଡ଼ା,୨୭।୧୧ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଅଂଶେଇକଲା ପଞ୍ଚାୟତ ଅଧୀନ ଏକ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୧୫ ମାସର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଛି। ଶିଶୁ କନ୍ୟାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଚମ୍ପୁଆ ଓ ପରେ କେନ୍ଦୁଝର ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପୀଡ଼ିତାଙ୍କର ଦାଦାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ ଶିଶୁକନ୍ୟା ଘର ଆଗରେ ଖେଳୁଥିଲା। ଗ୍ରାମର ଜଣେ ବ୍ୟକ୍ତି ଖେଳାଇବା ଆଳରେ ଶିଶୁ କନ୍ୟାଙ୍କୁ ନିଆଯାଇ ଗ୍ରାମକୁ ନେଇ ବଳାତ୍କାର କରିଥିଲେ। ଶିଶୁଟି କାନ୍ଦିବାରୁ ଅଭିଯୁକ୍ତ ଛାଡ଼ି ଫେରାର ହୋଇଯାଇଥିଲେ। ଗ୍ରାମୀୟ ଲୋକେ ପହଞ୍ଚି ଶିଶୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ବୁଧବାର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରାଯାଇଥିବା ଯୋଡ଼ା ଆଇଆଇସି ଲୋକେଶ ସାହୁ ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ କନିଷ୍ଠ ଖଣି ଅଧିକାରୀ

## କେନ୍ଦୁଝର ଘର ସମେତ ୭ ସ୍ଥାନରେ ଚଢ଼ାଉ





ପଦ୍ମନାଭ ହୋତା

କେନ୍ଦୁଝର,୨୭।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

ଭିଜିଲାନ୍ସ ଜାଲରେ କେନ୍ଦୁଝର କନିଷ୍ଠ ଖଣି ଅଧିକାରୀ ପଦ୍ମନାଭ ହୋତା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ତାଙ୍କ କେନ୍ଦୁଝର ଘର ଏବଂ ଭୁବନେଶ୍ୱର, ଭବାନୀପାଟଣା, ଯାଜପୁର ସମେତ ୭ଟି ଜାଗାରେ ଏକକାଳୀନ ଚଢ଼ାଉ କରୁଛି। ବିଭିନ୍ନ ସ୍ଥାନରେ ଥିବା କୋଠା, ଜମି ଠାବହୋଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍, ଭୁବନେଶ୍ୱରଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ଟିମ୍ କେନ୍ଦୁଝରରେ ଥିବା ଅଫିସ ଓ ଭବାନୀପାଟଣା ହିଲ୍ ଟାଉନ୍ ଭଡ଼ାଘର, କେନ୍ଦୁଝର ସହର ଜଗନ୍ନାଥପୁରରେ ୧୦, ୦୦୦ ବର୍ଗ ଫୁଟ ଜମି ଉପରେ ନିର୍ମିତ ୨ ମହଲା କୋଠା, ଭୁବନେଶ୍ୱର କରୋଡକଣ୍ଟାରେ ଅବସ୍ଥିତ ପ୍ଲଟ୍(ନଂ ୨୨୨/୧୨୦୯)ରେ ଥିବା ୫୮୦୦ ବର୍ଗ ଫୁଟ ଉପରେ ଥିବା ୪ ମହଲା କୋଠା, କେନ୍ଦୁଝର ଘସିପୁରା ତହସିଲର ମଦନପୁରରେ ଅବସ୍ଥିତ ପ୍ଲଟ୍ (ନଂ. ୨୮୨୭/୪୨୩୦)ରେ ନିର୍ମିତ ୫ ଏକରର ଏକ ଫାର୍ମ ହାଉସ, କଟକ ପ୍ରତାପନଗରୀରେ ୨ ପ୍ଲଟ୍, ଭୁବନେଶ୍ୱର କରୋଡକଣ୍ଟା, ସୁନ୍ଦରପଦାରେ ଗୋଟିଏ ଲେଖା ପ୍ଲଟ୍ ଓ ଯାଜପୁର ଜିଲା ଦାନଗଦିଠାରେ ୧ଏକର ଜମି, ଦାନଗଦିରେ ୧ ଏକର ୧୬ଡିସିମିଲରେ ଏକ ଜମିରେ ୯ଟି ପ୍ଲଟ୍, ଗୋଟିଏ ୪ ଚକିଆ ଯାନ, ୨ଟି ଦୁଇଚକିଆ ଯାନ ଠାବକରିଛି। ଏଥିସହ ବ୍ୟାଙ୍କ ଜମା, ଇନ୍ସୁରାନ୍ସ ଏବଂ ପୋଷ୍ଟାଲ ଜମା ଖୋଳତାଡ ଚାଲିଛି। ଯାଜପୁରର ଜମାଦେଇପୁର ଶାସନରେ ଥିବା ପୈତୃକ ଘରେ ଏକ ମହଲା କୋଠା ଓ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବଳରାମପୁରରେ ଥିବା ସମ୍ପର୍କୀୟଙ୍କ ଘରେ ମଧ୍ୟ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ୭ ଜଣ ଡିଏସ୍‌ପି, ୫ ଇନ୍ସପେକ୍ଟର, ୭ ଜଣ ଏଏସ୍‌ଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ସାମିଲ ଅଛନ୍ତି।

# ଦୋଷୀଙ୍କୁ ଆଜୀବନ ଜେଲ

## ଦିବ୍ୟାଙ୍ଗ ନାବାଳିକାଙ୍କୁ ପନିକିରେ ହାଣି ହତ୍ୟା ମାମଲା

ରାଇରଙ୍ଗପୁର,୨୭।୧୧(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଡ. ଭି.ସୁଜାତା ଏହାର ବିଚାରକରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଗୋରୁମହିଷାଣି ଥାନା ଅଧୀନ ସରସ୍ତା ଗ୍ରାମର ରେପ ମୁର୍ମୁ(୩୫)। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ ଜୁଲାଇ ୨୪ରେ ସରସ୍ତା ଗ୍ରାମର କୃଷ୍ଣ ଗିରିଙ୍କ ଦିବ୍ୟାଙ୍ଗ ନାବାଳିକା ଝିଅ ଲିପି(୧୪)ଙ୍କୁ ପୂର୍ବ ଶତ୍ରୁତା ଯୋଗୁ ସେହି ଗ୍ରାମର ରେପ ଏକ ପନିକିରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୬୮/୨୩) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

# ଲାଞ୍ଚ ନେଇ ଧରାପଡ଼ିଲେ ସିଡିପିଓ

କୋଦଳା,୨୭।୧୧ (ଅମିତ କୁମାର ପଟ୍ଟନାୟକ)



ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ।

ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ସନ୍ଧ୍ୟାରାଣୀ ପାଣିଗ୍ରାହୀ ଜଣେ ଅଙ୍ଗନୱାଡି ସହାୟିକାଙ୍କଠାରୁ ବୁଧବାର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କଠାରୁ ୧୨ ହଜାର ଟଙ୍କା ଜବତ କରାଯାଇଛି। ସିଡିପିଓଙ୍କ ନାଁରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରହିଛି। ତାଙ୍କ କାର୍ଯ୍ୟାଳୟ ଏବଂ କ୍ୱାର୍ଟର୍ସ ସମେତ ଜିଲା ବାହାରେ ଏକାଧିକ ସ୍ଥାନରେ ଥିବା ଘରେ ଚଢ଼ାଉ କରାଯାଉଛି। ଅଧିକ ତଦନ୍ତ ପାଇଁ ସନ୍ଧ୍ୟାରାଣୀଙ୍କୁ ବ୍ରହ୍ମପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି।

ବେଗୁନିଆପଡ଼ା ବ୍ଲକ କୁମ୍ଭାରଗାଁ ପଞ୍ଚାୟତ ଅନ୍ତର୍ଗତ ମାଳ ବେଲପଡାର ଅଙ୍ଗନୱାଡି ସହାୟିକା ତ୍ରିବେଣୀ ବେହେରା ୧୮ ମାସର ବକେୟା ପ୍ରଦାନ କରିବା ପାଇଁ ସିଡିପିଓଙ୍କୁ କହିଥିଲେ। ସେ ଏଥିପାଇଁ ୧୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ତ୍ରିବେଣୀ ଏ ସମ୍ପର୍କରେ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଜଣାଇଥିଲେ। ଭିଜିଲାନ୍ସ ଟିମ୍‌ର ଯୋଜନା ପ୍ରକାରେ ତ୍ରିବେଣୀ ସିଡିପିଓ ସନ୍ଧ୍ୟାରାଣୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ୧୨ ହଜାର ଟଙ୍କା ଦେଇଥିଲେ। ଲାଞ୍ଚ ଟଙ୍କା ନେବା ବେଳେ ସନ୍ଧ୍ୟାରାଣୀଙ୍କୁ ଭିଜିଲାନ୍ସ କର୍ମଚାରୀମାନେ ଧରିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

# ୧୪ ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି ଅଟକିଲା

## ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଘଟଣା

ଯାଜପୁର ଟାଉନ, ୨୭।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଗିରଫ ହୋଇଥିବା ୧୪ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣିକୁ ସ୍ଥଗିତ ରଖାଯାଇଛି। ଗତ ୨୦ତାରିଖରେ ହୋଇଥିବା ଆକ୍ରମଣ ଘଟଣାରେ ଶ୍ରୀହରି ମହାପାତ୍ର, ଗଣେଶ ଜେନା, ଦେବଦତ୍ତ ଦାସ, ସବ୍ୟସାଚୀ ରାଉତରାୟ, ଜଗନ୍ନାଥ ବାରିକ, ମୁକ୍ତିକାନ୍ତ ନାୟକ, ବିଜୟ ଧଳ, ସୁନୀଲ କୁମାର ସିଂହ, ଦିଲୀପ କୁମାର ଜେନା, ସରୋଜ କୁମାର ଦାସ, ପ୍ରକାଶ କୁମାର ଆଚାର୍ଯ୍ୟ, ସୁଦର୍ଶନ ଓଝା, ଅଚ୍ୟୁତାନନ୍ଦ ନାୟକ, ସୁଶୀଲ ରାଉତଙ୍କୁ ମାମଲା ନଂ.୩୩୦/୨୪ରେ ଗିରଫ କରାଯାଇ ଜେଲ ପଠାଯାଇଥିଲା। ବୁଧବାର ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଜାମିନ ଆବେଦନର ଶୁଣାଣି ଥିଲା। ଏଥିପାଇଁ ସଦର ଥାନାକୁ କେସ୍ ଡାଏରୀ ମଗାଯାଇଥିଲା। ମାତ୍ର ଏହି ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ନେଇଥିବାରୁ କେସ୍ ଡାଏରୀ ପ୍ରଦାନ କରାଯାଇପାରିବ ନାହିଁ ବୋଲି ପୋଲିସ ଅଦାଲତକୁ ଅବଗତ କରିଥିଲା। ଏହାପରେ ଅଦାଲତ ଏ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିବାକୁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଯାଜପୁର ସଦର ଥାନା ମାମଲା ନଂ.୩୩୫/୨୪ରେ ପୋଲିସ ଉପରୋକ୍ତ ୧୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାକୁ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଛି। ଡିସେମ୍ବର ୨ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଅଦାଲତ ଧାର୍ଯ୍ୟ କରିଛନ୍ତି।

# ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳକଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ମାମଲା

ବାଲେଶ୍ୱର, ୨୭।୧୧(ବାଞ୍ଛାନିଧି ଦେ)

ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ମାମଲାର ଶୁଣାଣି କରି ବୁଧବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ ସନ୍ତୋଷ ବିଶ୍ୱାଳଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୪ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତଙ୍କୁ ୫୦ହଜାର ଟଙ୍କା ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୨୯ରେ ସହଦେବଖୁଣ୍ଟା ଥାନା ଅଧୀନ କାଳିଦାସପୁର ଗ୍ରାମର ଜଣେ ୧୬ବର୍ଷୀୟ ନାବାଳକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଏହି ଥାନା ଯୋଗେଶ୍ୱରପୁର ଗ୍ରାମର ଯୁବକ ସନ୍ତୋଷ ବିଶ୍ୱାଳ (୩୫) ନାବାଳକଙ୍କୁ ତାଙ୍କ ଘର ପାଖରେ ଥିବା ଛେଳି ଗୁହାଳକୁ ଡାକି ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ନାବାଳକଙ୍କ ବାପା ଘଟଣା ସମ୍ପର୍କରେ ଜାଣିବା ପରେ ୨୦୨୪ ଜାନୁଆରୀ ୧ରେ ସନ୍ତୋଷଙ୍କୁ ଡାକି ପଚାରିବାରୁ ସେ ସତ ମାନିଥିଲେ। ଏହାପରେ ନାବାଳକଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩/୨୪) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ୫ ଏକର ଗଞ୍ଜେଇ ଚାଷ ନଷ୍ଟ

## କୁଡ଼ିଆରୁ ଜବତ ହେଲା ବନ୍ଧୁକ, ଗୁଳି



ଚଢ଼ାଉ ବେଳେ ଜବତ କରାଯାଇଥିବା ବନ୍ଧୁକ।

ଛେଣ୍ଡିପଦା,୨୭।୧୧(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ହୋଇଥିବା ବିପୁଳ ପରିମାଣର ଗଞ୍ଜେଇ ଚାଷକୁ ବୁଧବାର ନଷ୍ଟ କରାଯାଇଛି। ଜରପଡ଼ା ଥାନା ପୋଲିସ, ବନ ବିଭାଗ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ପ୍ରାୟ ୫ ଏକର ସରକାରୀ ଜମିରେ କରାଯାଇଥିବା ଏହି ବେଆଇନ ଚାଷକୁ ଉପାଡ଼ି ପୋଡ଼ି ଦିଆଯାଇଛି। ଏହି ଚଢ଼ାଉ ବେଳେ ମାଫିଆମାନେ ଏକ କୁଡ଼ିଆ ଘରେ ଲୁଚାଇ ରଖିଥିବା ବନ୍ଧୁକ ଓ ଗୁଳିକୁ ପୋଲିସ ଜବତ କରିଛି।

ପ୍ରକାଶ ଯେ, କିଛିବର୍ଷ ପୂର୍ବରୁ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ପ୍ରବଳ ଗଞ୍ଜେଇ ଚାଷ ହେଉଥିଲା। ୨୦୧୩ରେ ତତ୍କାଳୀନ ଜିଲା ଆରକ୍ଷୀ ଅଧୀକ୍ଷକ ନରସିଂହ ଭୋଳଙ୍କ ତତ୍ତ୍ୱାବଧାନରେ ଉକ୍ତ ବେଆଇନ ଚାଷ ଉପରେ ଘନ ଘନ ଚଢ଼ାଉ କରାଯିବାରୁ ଏଥିରେ ରୋକ୍ ଲାଗିପାରିଥିଲା। ହେଲେ ଦୀର୍ଘବର୍ଷ ପରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ପୁଣି ଗଞ୍ଜେଇ ଚାଷ ହେବା ପୋଲିସ, ଅବକାରୀ ବିଭାଗର ଚିନ୍ତା ବଢ଼ାଇ ଦେଇଛି। ଏପରି ଖବର ପାଇବା ପରେ ଜରପଡ଼ା ପୋଲିସ, ବନବିଭାଗ ଓ ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ବାଲିପଟା ପଞ୍ଚାୟତର ନାଉପଦା, ମାଟିଗାଡ଼ିଆ, ବାଲିପଶି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫ ଏକର ସରକାରୀ ଜମିରେ ଲାଗିଥିବା ପ୍ରାୟ ୫୦ ଲକ୍ଷରୁ ଅଧିକ ଟଙ୍କାର ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିଦିଆଯାଇଛି। ମାଫିଆମାନେ ଲୁଚାଇ ରଖିଥିବା ବନ୍ଧୁକ ଓ କିଛି ଗୁଳିକୁ ଜବତ କରାଯାଇଛି। ଏ ନେଇ ଜରପଡା ଥାନା ଅଧିକାରୀ ନିର୍ମଳା ଗୋଚ୍ଛାୟତ ନଂ. ୩୯୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ଲିଙ୍ଗରାଜ ମନ୍ଦିରରେ ସିଗାରେଟ୍ ଟାଣିଲେ

## ଫଟୋ ଭାଇରାଲ ପରେ ବିଭିନ୍ନ ମହଲରେ ଅସନ୍ତୋଷ

ଭୁବନେଶ୍ୱର,୨୭।୧୧ (ସୂର୍ଯ୍ୟକାନ୍ତ ବେହେରା)



ଲିଙ୍ଗରାଜ ମନ୍ଦିର ପରିସରକୁ ମୋବାଇଲ, ସିଗାରେଟ୍ ଭଳି କିଛି ଜିନିଷକୁ ବାରଣ କରାଯାଇଛି। କିନ୍ତୁ ଏହାସତ୍ତ୍ୱେ ମନ୍ଦିର ପରିସରକୁ ମୋବାଇଲ ଯିବା ସହ ସିଗାରେଟ ଯାଉଛି। ମନ୍ଦିରରେ ସୁରକ୍ଷା କର୍ମଚାରୀମାନେ କଡ଼ା ଯାଞ୍ଚ କରୁ ନ ଥିବାରୁ ଏଭଳି ଘଟଣା ବାରମ୍ବାର ହେଉଥିବା ଅଭିଯୋଗ ହେଉଛି। କିଛିଦିନ ତଳେ ବଲିଉଡ୍ ଅଭିନେତ୍ରୀ ଶିଲ୍ପା ସେଟ୍ଟୀ ମନ୍ଦିର ବେଢ଼ା ଭିତରେ ଉଠାଇଥିବା ଫଟୋ ଭାଇରଲ ହେବାପରେ ଏବେ ଜଣେ ଯୁବକ ସିଗାରେଟ ଟାଣିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଫଳରେ ମନ୍ଦିରର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଟୋ ଭାଇରାଲ ହେବାପରେ ଯୁବକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ଘଟଣା ସମ୍ପର୍କରେ ତନାଘନା କରାଯିବ ବୋଲି ଭୁବନେଶ୍ୱର ଏଡିଏମ୍ କହିଛନ୍ତି। ଯୁବକ ଜଣକ କିଏ, କାହିଁକି ଏଭଳି ଫଟୋ ଉଠାଇଛନ୍ତି ତାହାର ତଦନ୍ତ କରାଯିବ। ପୋଲିସ ସହ ଆଲୋଚନା କରି କ'ଣ ସବୁ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ସେନେଇ ଆଲୋଚନା ଚାଲିଛି ବୋଲି ଏଡିଏମ୍ କହିଛନ୍ତି।

ସୂଚନାନୁସାରେ, ଗତ ସୋମବାର ଦେବୀପ୍ରସାଦ ଦାସ ନାମକ ଜଣେ ଯୁବକ ନିଜ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଏକ ସିଗାରେଟ ଟାଣୁଥିବାର ଫଟୋ ପୋଷ୍ଟ କରିଥିଲେ। ଯୁବକ ଜଣକ ଶ୍ରୀଲିଙ୍ଗରାଜ ମନ୍ଦିରର ରୋଷଘର ନିକଟରେ ଠିଆ ହୋଇ ସିଗାରେଟ ଟାଣୁଥିବା ଦେଖିବାକୁ ମିଳିଛି। ଫଟୋଟି ଦେଖି ମନ୍ଦିରର ସେବାୟତମାନେ ଯୁବକ ଜଣକ ଆଖପାଖ ଅଞ୍ଚଳର ବୋଲି ଅନୁମାନ କରିଛନ୍ତି।


**ODISHA CONSTRUCTION CORPORATION LTD.**
(A GOVERNMENT OF ODISHA UNDERTAKING)
CENTRAL STORE & MACHINERY PROJECT,
BHUBANESWAR- 751012 (ODISHA)
**TENDER CALL NOTICE NO:-62/OCC/CST-04/ Works/985/2024 Dated 25.11.2024**

**No.CAD-1685:** Tenders in conformity with term & conditions are invited from the enlisted job-workers of "OCCL" in M-IV grade and above for "Supply, Fabrication, Erection, Painting of Gear Box Covers & Central Drive Covers of Saptamatruka Barrage Project (Right Arm) under Baitarani Irrigation Project". For further details can be seen from our website www.odishaconstruction.com.

The last date and time of submission of tender document is 02.12.2024 at 3.00 P.M and will be opened on same date at 4.00 P.M (Bidders are requested to visit above website regularly for any changes, since it will not be published in newspaper again.

**Sd./- Senior Manager (Mech.)**
**OIPR-34120/11/0026/2425**



कार्यपालक अभियंता का कार्यालय
राष्ट्रीय उच्च पथ प्रमंडल,
पथ निर्माण विभाग,देवघर, झारखण्ड
**सूचना**

इस कार्यालय द्वारा आमंत्रित अल्पकालीन ई-निविदा प्रसंग सं०-NH/DEOGHAR/SBD/01/2024-25 दिनांक 01/10/2024 [PR No. 337898(Deoghar)24-25(D)] [Widening & Strengthening Work of Meharma bypass starting from Sidhokanho Chowk to meet at Ch. 11.2 at Meharma from Km 9.300 to Km 11.200 of NH-133 (total Length- 1.710 Km) को अपरिहार्य कारणवश रद्द किया जाता है।

ह0/-
कार्यपालक अभियंता
राष्ट्रीय उच्च पथ प्रमंडल,देवघर
PR 340365 Deoghar(24-25).D



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan,Kutchery Chowk,Ranchi-834001,Jharkhand.
Ph No.: +91-651-2225878; e-mail Id-; pdt.juidco@gmail.com
CIN: U45200JH2013SGC001752

**TENDER CANCELLATION NOTICE** 25/11/2024

NIT No: - JUIDCO/NIT/Bansi_nagar/WSS/636
Tender ID: - 2024_UDD_95652_1
PR No:- 338648
Project Title: **Shri Banshidharnagar Urban Water Supply Scheme with 5 years of Operation and Maintenance**
The tender having details as mentioned above is cancelled due to unavoidable reasons. All bidders are therefore requested to wait for future correspondence regarding fresh tender.

Sd/-
Project Director (Tech.)
JUIDCO Ltd., Ranchi
PR 340386 Urban Development and Housing(24-25).D



No.C-1083
**SAMBALPUR MUNICIPAL CORPORATION**
Notice No. 10779/SMC Date. 22.11.2024
**Tender Call Notice**
**QUOTATION CALL NOTICE FOR IEC ACTIVITIES WITHIN SMC AREA**

Sealed quotations are invited from the reputed agencies for the works of the IEC Activities within Sambalpur Municipal Corporation.

The Tender Paper along with details specifications and eligibility criteria of the above works can be downloaded from website - www.smcsambalpur.nic.in. The tender will be opened on dt. 13.12.2024 at 4.30 P.M. in the Conference Hall of the Commissioner, Sambalpur Municipal Corporation.

Authority reserves the right to cancel any or all the Bids without assigning any reason thereof.

Sd./- Municipal Commissioner
Sambalpur Municipal Corporation
OIPR-13122/11/0052/2425



**GOVERNMENT OF ODISHA** No.b-20:
**OFFICE OF THE EXECUTIVE ENGINEER, NH DIVISION, JEYPORE**
e-mail: eenhdivisionjeypore@gmail.com
**BID IDENTIFICATION NO.07/2024-25 (e-Procurement)**

1. The Superintending Engineer, NH Division, Jeypore on behalf of Governor of Odisha invites percentage rate bid in Double Cover system in ONLINE MODE from eligible contractors for construction of Road works as detailed in the table below.
2) Nature of Work : Road
3) No. of Work : 2 Nos.
4) Tender Paper Cost : Rs.10000.00
5) Class of Contractor : B & A
6) Availability of Bid document in the : From 11.00 AM of 29.11.2024 to 17.12.2024 5.30 PM in Website
7) Date of Opening technical bid : 18.12.2024 at 11.30 AM
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/ Addendum/ Cancellation of will be displayed in the e-tender website only.

Sd./- Superintending Engineer
N.H. Division, Jeypore
OIPR-34149/11/0003/2425



Govt. of Jharkhand
**ROAD CONSTRUCTION DEPARTMENT**
Road Divison , Seraikella-Kharsawan
**Short-Term Re-e-Procurement Notice (02nd Call)**
Tender Reference No. RCD/SERAIKELLA/12 Date :- 26.11.2024

| | | |
|---|---|---|
| 1. | Name of the work | Remaining Work in Construction of High level Bridge (Including Approach Road) over SANJAY RIVER at 7th Km. of SERAIKELLA-KHARSAWAN Road (MDR -144) for the year 2024-25 |
| 2. | Estimated Cost (Rs.) | Rs. 6,42,91,617.25 (Rupees Six Crores Forty Two Lakh Ninety One Thousand Six hundred Seventeen and Paise Twenty Five) only |
| 3. | Time of Completion | 06 (Six) Months |
| 4. | Last Date /Time for receipt of bids | 11.12.2024 (12.00 Noon) |
| 5. | Date of Publication of Tender on website | 02.12.2024 (10.30 AM) |
| 6. | Name & Address of office Inviting tender | Sri Ashok Kumar Rajak, O/o Executive Engineer , Road Construction Department , Road Division , Seraikella-Kharsawan |
| 7. | Contact no. of Procurement Officer | 9199867872 |
| 8. | Helpline number of e-Procurement cell | 0651-2401010 |

Estimated Cost may be increase or decrease
**Further details can be seen on website http://jharkhandtenders.gov.in**

Executive Engineer
RCD , Road Division
Seraikella-Kharsawan
PR 340451 Road (24-25)_D



**GOVERNMENT OF ODISHA** No.AA-29
**OFFICE OF THE SUPERINTENDING ENGINEER - CUM - DEPUTY ELECTRICAL INSPECTOR, DHENKANAL**
QR. NO. CCC/10, CISF COLONY, NALCO NAGAR, ANGUL, PIN - 759145
E-mail : deidhenkanal-od@gov.in
Date Extension Order
of Tender Call Notice
Letter No.-424 dt. 04-11-2024

No. - 446 Dated - 25.11.2024

Due to non-receipt of a single bid in favour of this office Tender Call Notice vide this office letter No.424 on dated 04-11-2024 regarding engagement of hired vehicle, the last date of receipt of bid and sale of tender paper and opening date of said tender is hereby extended to dt. 16.12.2024 with same terms and conditions as details mentioned below.

**Extension Date**
1. The last date of receipt of Bid/Quotation : Dt. 16.12.2024 by 3 P.M.
2. The last date of availability of tender paper for sale at O/o the S.E-Cum-D.E.I, Dhenkanal : Dt. 16.12.2024 by 1 P.M.
3. Tender opening date and time : Dt. 16.12.2024 at 4 P.M.

Sd./- Signature of
Quotation / Tender Calling
Authority
OIPR-04082/11/0002/2425



**GOVERNMENT OF ODISHA** No.A-612
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, KENDRAPARA IRRIGATION DIVISION, KENDRAPARA**
**DISTRICT : KENDRAPARA**
E-Mail ID - kendrapadairrigationdivision@gmail.com
"e" Procurement Notice No.KID-02 of 2024-25

1. Name of Work : As per detailed Tender Call Notice
2. Total No. of package : **KID-42 to KID-78 of 2023-24 = 37 No(s) individual package.**
3. Estimated cost of package(s) varies from : Rs. 6.12 to 83.31 Lakhs
4. Cost of Tender paper : Rs. 4,000.00 to Rs. 10,000.00
5. Bid Security : **As per Column No. 5 of DTCN**
6. Period of completion :
**Sl.No.01 to Sl.No.07 & Sl.No.10 to Sl.No.37 : Three Calendar Months.**
**Sl.No.08 & Sl.No.09 : Six Calendar Months.**
7. **Transparent Lottery (if requried) to be drawn on 20.12.2024 at 11.00 A.M.** onwards.
8. Other details are given below.

| Procurement Officer | Bid-Identification No. | Availability of tender On-line for biding | | Date, Time & Place of Opening of Bid |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kendrapara Irrigation Division, Kendrapara | KID-42 of 24-25 to KID-78 of 2024-25 (On-line) | 29.11.2024 at 10.00 A.M. | 09.12.2024 up to 5.00 P.M. | 10.12.2024 at 11.00 A.M. O/o the Superintending Engineer Kendrapara Irrigation Division, Kendrapara |

Further details can be seen from the Govt. website www.tendersorissa.gov.in.
Sd./- Superintending Engineer
Kendrapara Irrigation Division
Kendrapara
OIPR-32163/11/0002/2425



See Career Appointment on every Wednesday & Saturday



**OFFICE OF SUPERINTENDING ENGINEER MINOR IRRIGATION DIVISION, JAJPUR**
Letter No. 3361 / Dt. 22.11.2024
**GOVERNMENT OF ODISHA e-Procurement Notice**
**Bid Identification No. on line SEMIDJAJ-05/2024-25**
eemijajpur@gmail.com
No.A-620

| | | |
|---|---|---|
| 1 | Name of work | Improvement of MIPs under M.I. Division, Jajpur |
| 2 | Total Number of work | 13 (Thirteen) Nos. |
| 3 | Estimated cost | Rs. 8.47 to 50.68/- Lakhs |
| 4 | Tender paper Cost (Online) | Rs. 4000/- to 10000/- |
| 5 | Bid Security (Online) | 1% of the estimated cost |
| 6 | Period of Completion | As per DTCN |
| 7 | Availability of Bid Document | From 28.11.2024, 10.00 A.M. to 05.12.2024, 5.00 P.M. in website (www.tendersorissa.gov.in) |
| 8 | Last date & Time of receipt of Bid through online | 05.12.2024 at 5.00 P.M. through online |
| 9 | Date of opening of Bid documents | 06.12.2024 at 11.00 A.M. in the Office of the SE, M.I. Division, Jajpur |
| 10 | Date of Lottery, if required | 12.12.2024 at 11.30 A.M. |
| 11 | Mode of Payment of Bid Cost & Bid Security | Govt. of Odisha has introduced e-payment gateway in to the portal for payment of cost of Bid & Bid security/EMD. The process of using e-payment gate is mentioned in the "Procedure for electronic receipt, accounting & reporting of cost of tender paper & Earnest money deposit on submission of bid. Further details can be seen from the e-procurement portal "https://tenderorissa.gov.in |
| 12 | The Authority reserves the right to cancel/reject any or all the tenders without assigning any reasons thereof | |
| 13 | Name and address of the OIT | Superintending Engineer, M.I. Division, Jajpur At - Bhabaniganj, Near Hari Samantaray School, P.O. : Jajpur, Dist - Jajpur, Phone : 06728-222008, PINCODE - 755001 |

Further details can be seen from the Government of Odisha Website : www.tendersorissa.gov.in.

Sd./- Superintending Engineer
M.I.Division, Jajpur
OIPR-32280/11/0006/2425

**ଶେୟାର ବଜାରରେ ଉତ୍ସାହ**

ମୁମ୍ବାଇ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୩୦ (୨୩୦.୦୨) ପଏଣ୍ଟ ବଢ଼ି ୮୦,୨୩୪ (୮୦,୨୩୪.୦୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୮୦ (୮୦.୪୦) ପଏଣ୍ଟ ବୃଦ୍ଧି ଘଟି ୨୪,୨୭୫ (୨୪,୨୭୪.୯୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ରାଜ୍ୟ ବିଜୁଳି ଚାହିଦାର ୩୦% ପୂରଣ କରିଥାଏ ଓପିଜିସି

- ଓପିଜିସି ଦ୍ୱାରା ଚାଲିଥିବା ପ୍ରକଳ୍ପର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ
- ଫ୍ଲାଏ ଆଶ ପରିଚାଳନା ପାଇଁ ଆସିବ ଏସ୍ଓପି



ଭୁବନେଶ୍ୱର,୨୭।୧୧

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍ (ଓପିଜିସି) ଦ୍ୱାରା ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ବୁଧବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଝାରସୁଗୁଡ଼ା ଜିଲାପାଳ ଆବୋଲି ସୁନୀଲ ନରୱଣେ, ଓପିଜିସିର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଓପିଜିସି ହେଉଛି, ଓଡ଼ିଶାର ବୃହତ୍ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର। ରାଜ୍ୟର ମୋଟ୍ ବିଜୁଳି ଚାହିଦାର ୩୦% ଓପିଜିସି ପୂରଣ କରିଥାଏ। ଏପରିକି ଏକ ବିଶ୍ୱସ୍ତରୀୟ ସ୍ୱଚ୍ଛ, ନିରାପଦ ଏବଂ ନିର୍ଭରଯୋଗ୍ୟ ଶକ୍ତି ଉତ୍ପାଦନ କରିବାରେ ଓପିଜିସି ପ୍ରତିଶ୍ରୁତିବଦ୍ଧ ରହିଛି। ସେହିଭଳି ତାପଜ ବିଦ୍ୟୁତ୍ ଉତ୍ପାଦନ ପରେ ବାହାରୁଥିବା ବର୍ଜ୍ୟ ପରିଚାଳନା ଏବଂ ଖଣି ଖନନ ପରେ ସେହି ଖଣିକୁ ଉଡ଼ା ପାଉଁଶ (ଫ୍ଲାଏ ଆଶ୍) ଦ୍ୱାରା ପୂରଣକରି ଖାଲି ଖଣିକୁ ପୋତିବା ବିଷୟରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।

ସେହିପରି ଫ୍ଲାଏ ଆଶ୍କୁ ବ୍ୟବହାରକରି ଇଟା ତିଆରି କରିବାକୁ ଉପମୁଖ୍ୟମନ୍ତ୍ରୀ ସିଂଦେଓ ପରାମର୍ଶ ଦେଇଥିଲେ। ସେହି ଇଟାକୁ ପରବର୍ତ୍ତୀ ସମୟରେ ପିଏମ୍ ଆବାସ ଯୋଜନାରେ ତିଆରି କରାଯାଉଥିବା ଘରେ ମଧ୍ୟ ବ୍ୟବହାର କରାଯାଇପାରିବ। ଏପରିକି ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡର ପରାମର୍ଶ ଅନୁଯାୟୀ ୟୁନିଟ୍ରୁ ବାହାରୁଥିବା ବର୍ଜ୍ୟକୁ କୃଷି କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଇପାରିବ। ଓପିଜିସି କାର୍ଯ୍ୟ ପରିସରରେ ଥିବା ପ୍ରତିବନ୍ଧକଗୁଡ଼ିକ ବିଷୟରେ ମଧ୍ୟ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ ସେସବୁ ଉପରେ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ନିୟମାବଳୀ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ। ଏପରିକି ଆଗାମୀ ସମୟରେ ଫ୍ଲାଏ ଆଶ୍କୁ ନେଇ ଏସ୍ଓପି ଅଣାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ ମତପ୍ରକାଶ କରିଥିଲେ। ଫ୍ଲାଏ ଆଶ୍ ଦ୍ୱାରା ପୂରଣ ହେଉଥିବା ପୋଖରୀ ଏବଂ ସେହି ଅଞ୍ଚଳରେ ପର୍ଯ୍ୟଟନର ବିକାଶ କରିବାକୁ ସିଂଦେଓ ପରାମର୍ଶ ଦେଇଥିଲେ। ଏହି କ୍ରମରେ ଖଣି ଖନନ ପରେ ଖାଲିଥିବା ଖଣିଗୁଡ଼ିକୁ ଚିହ୍ନଟ କରିବା ପରେ ଓପିଜିସିରୁ ବାହାରୁଥିବା ଉଡ଼ା ପାଉଁଶ ଦ୍ୱାରା ପୂରଣ କରିବା ଫଳରେ ବର୍ଜ୍ୟ ପରିଚାଳନା ମଧ୍ୟ ହୋଇପାରିବ ଏବଂ ପ୍ରଦୂଷଣ ମାତ୍ରା ହ୍ରାସ କରାଯାଇପାରିବ। ଉଡ଼ା ପାଉଁଶ ପୋଖରୀ (ଆଶ୍ ପଣ୍ଡ) ନିମନ୍ତେ ଜାଗା ଯୋଗାଇଦେବାକୁ ମଧ୍ୟ ଆଲୋଚନା କରାଯାଇଥିଲା। ପ୍ରଥମେ ସେହି ଅଞ୍ଚଳର ଜନସାଧାରଣଙ୍କ ସହ ଆଲୋଚନାକରି ଆବଶ୍ୟକ ପରିମାଣର ଜାଗା ଯୋଗାଇଦେବାକୁ ପୂଜାରୀ ଝାରସୁଗୁଡା ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଓପିଜିସି ପକ୍ଷରୁ ମଧ୍ୟ ବର୍ଜ୍ୟ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଡ୍ରିମ୍ସର ଅଭିମୁଖୀକରଣ ଉତ୍ସବ




ଭୁବନେଶ୍ୱର,୨୭।୧୧ (ଅଭୟ ଦାଶ)

ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରମୁଖ ଶିକ୍ଷାନୁଷ୍ଠାନ ତଥା ସ୍କୁଲ ଅଫ୍ ଫିଜିଓଥେରାପି, ଅକ୍ୟୁପେସନାଲ ଥେରାପି ଏବଂ ସ୍କୁଲ ଅଫ୍ ପାରାମେଡିକ୍ ଆଲାଏଡ୍ ସାଇନ୍ସର ନବାଗତ ଛାତ୍ରୀଛାତ୍ରଙ୍କ ଅଭିମୁଖୀକରଣ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ପଦ୍ମିନୀ ଅଡିଟୋରିୟମଠାରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଆଭାସି ଜରିଆରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଉତ୍ସବର ଉଦ୍‌ଘାଟନ ସହ ନବାଗତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସର ଅବସରପ୍ରାପ୍ତ ବରିଷ୍ଠ ଆଇଏଏସ୍ ଅଧିକାରୀ ନିକୁଞ୍ଜ କିଶୋର ସୁନ୍ଦରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ,ସମୟ ଓ ସୁଯୋଗ ଜଣକର ଭାଗ୍ୟ ବଦଳାଇ ଦେଇପାରେ। ମାତ୍ର ସେହି ମଣିଷ ଦିନେ ବିଶ୍ୱ ସମୁଦାୟର ଚିତ୍ର ବଦଳାଇ ଦେବା କିଛି ବିଚିତ୍ର ନୁହେଁ। ଆଜିର ଜ୍ଞାନ ବିପ୍ଳବ ଯୁଗରେ ଏହାର ସୁଯୋଗ ନେଇ ଛାତ୍ରୀଛାତ୍ର ଆଗକୁ ବଢିବା ସହ ଭଲ ମଣିଷ ହୋଇ ସମାଜ ଓ ଦେଶର ଗୌରବ ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିଭଳି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ପରିବେଶରେ ନିଜକୁ ଖାପଖୁଆଇ ଜ୍ଞାନ ଅଭିବୃଦ୍ଧି ଓ ନିଜର ଲକ୍ଷ୍ୟ ହାସଲ କରିବା ଦିଗରେ ବିଦ୍ୟାର୍ଥୀମାନେ ପ୍ରଚେଷ୍ଟା ଜାରି ରଖିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ଏପରିକି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡାକ୍ତରୀ ଶିକ୍ଷା ବିଭାଗର ନିର୍ଦ୍ଦେଶକ ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ଡିନ୍ ପ୍ରଫେସର ଡା. ନିରୁପମା ଚୟନୀ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ପ୍ରାଧ୍ୟାପକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଲାଗି ଶୃଙ୍ଖଳା, କଠିନ ପରିଶ୍ରମ, ଶିକ୍ଷକ ଓ ଗୁରୁଜନଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଏକାନ୍ତ ପ୍ରୟୋଜନ ବୋଲି ମତ ପୋଷଣ କରିଥିଲେ।

ଅପରପକ୍ଷରେ 'ଡିନ୍' ଡା. ଦୁର୍ଗାପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିଲାବେଳେ ମୁସ୍‌କାନ୍ ଝା ଓ ଶିଖା ମହାନ୍ତି ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସମ୍ବିଧାନ ଦିବସ ଅବସରରେ ଝାଡ଼ଖଣ୍ଡର ମୁଖ୍ୟ ଶାସନ ସଚିବ ଅଲକା ତିୱାରୀ ଝାଡ଼ଖଣ୍ଡ ସରକାରଙ୍କ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟାଳୟ ପରିସରରେ ଶପଥ ପାଠ କରାଉଛନ୍ତି। ଏହି ଅବସରରେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଏଏସ୍‌ସିଆଇର ଅର୍ଦ୍ଧବାର୍ଷିକ ଫଳାଫଳ

ନୂଆଦିଲ୍ଲୀ,୨୭।୧୧

କ୍ରମାଗତ ଭାବେ ଘରୋଇ ବଜାରରେ ବେଆଇନ ବିଜ୍ଞାପନ ସଂଖ୍ୟା ବୃଦ୍ଧି ପାଉଛି। ଏପରିକି ଅତ୍ୟାବଶ୍ୟକ ସେବା ପ୍ରଦାନକାରୀ ସଂସ୍ଥାଠାରୁ ଆରମ୍ଭ କରି ବେଆଇନ ବେଟିଂ ପର୍ଯ୍ୟନ୍ତ ବିଭ୍ରାନ୍ତିକର ବିଜ୍ଞାପନ ଏଥିରେ ସାମିଲ ରହିଛି। ଏ ନେଇ ଦି ଆଡଭର୍ଟାଇଜିଂ ଷ୍ଟାଣ୍ଡାର୍ଡ କାଉନସିଲ ଅଫ୍ ଇଣ୍ଡିଆ (ଏଏସ୍‌ସିଆଇ)ର ଅର୍ଦ୍ଧବାର୍ଷିକ ଫଳାଫଳ ବା ଅଭିଯୋଗ ରିପୋର୍ଟ (୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ଶେଷ ସୁଦ୍ଧା) ନିକଟରେ ଉନ୍ମୋଚିତ ହୋଇଯାଇଛି,ଯେଉଁଥିରେ ରିଅଲ ଇଷ୍ଟେଟ ଏବଂ ଅଫ୍‌ଶୋର ବେଟିଂ ବିଜ୍ଞାପନଗୁଡ଼ିକରେ ରହିଥିବା ବିଭ୍ରାନ୍ତିକର ଏବଂ ବେଆଇନ ବିଜ୍ଞାପନର ଗୁରୁତ୍ୱପୂର୍ଣ୍ଣ ଉପସ୍ଥିତି ଜଣାପଡ଼ିଛି। ଏ ସମ୍ପର୍କରେ ଏଏସ୍‌ସିଆଇର ସିଇଓ ମନୀଷା କପୁର କହିଥିଲେ, ସରକାରୀ ନିୟନ୍ତ୍ରଣ ସହ ଆମର ଏହି କାର୍ଯ୍ୟର ସହଭାଗିତା ସେହି କ୍ଷେତ୍ରରେ ଅଧିକ ପ୍ରଭାବ ସୃଷ୍ଟି କରିଛି, ଯାହା ମଧ୍ୟରେ ବେଟିଂ ଏବଂ ରିଅଲ ଇଷ୍ଟେଟ କ୍ଷେତ୍ର ସାମିଲ ରହିଛି। ଏଥିପାଇଁ ଆଗକୁ ଏକ ପ୍ରଶସ୍ତ ଯାତ୍ରା ରହିଥିବାରୁ ଆମର ଏହି ସହଭାଗିତା ଆହୁରି ଅଧିକ ତଦାରଖ ପାଇଁ ଏକ ପ୍ରେରଣା ସୃଷ୍ଟି କରିବ ବୋଲି ଆଶା ରହିଛି। ସେହିପରି ଗ୍ରୀନ୍ ୱାଶିଂ ଏଭଳି ଏକ କ୍ଷେତ୍ର ଯେଉଁଠାରେ କି ଆମେ ୨୦୨୪ରେ ଗାଇଡ୍‌ଲାଇନଗୁଡ଼ିକୁ ଉପସ୍ଥାପନ କରିବା ପାଇଁ ସହଜ ଅନୁଭବ କରିଛୁ,ଯାହାକି ଆମ ପାଇଁ ଏକ ଫୋକସ୍ ଏରିଆ ଭାବେ ରହିଛି। ଅଭିଯୋଗ ପରିଚାଳନା କ୍ଷେତ୍ରରେ ଏକ ଗୋଷ୍ଠୀର ନେତୃତ୍ୱ ଦ୍ୱାରା ଆମେ ଏହାକୁ ବହୁ ମାତ୍ରାରେ ହ୍ରାସ କରିଛୁ ଏବଂ ଏ ଦିଗରେ ଏଏସ୍‌ସିଆଇର ବୈଷୟିକ ସମର୍ଥନ ଏବଂ ସୁରକ୍ଷା ପ୍ରଦାନକାରିତା ଆମମାନଙ୍କ ପାଇଁ ମାଇଲଖୁଣ୍ଟ ହୋଇ ରହିଛି।

**Classified Everyday**

**0674-2580101, 2549949**



REAL ESTATE

**SALE**

ଭୁବନେଶ୍ୱର Sum Hospitalରୁ 2 Km. ନୂଆଗାଁ ମୌଜାରେ ଘରବାରି ପ୍ଲଟ୍ 30' ରାସ୍ତା ଥାଇ ବିକ୍ରିହେବ – 7735565157. D-76216

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45,000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75579

Investment plot @ 2.5Lakh-3.5Lakhs, Bhubaneswar, Khurda, Angul, Dhenkanal. 9827767837. D-2071

ଭୁବନେଶ୍ୱର ବାଲିଅନ୍ତାରେ 30ft. Road, ଅଗ୍ରିମ ପାଚେରି, ଘରବାରି ପ୍ଲଟ୍ Sqft. 1600/–ରେ ବିକ୍ରିହେବ – 7008768345. D-76215

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9938015048.** D-2080

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-2081




Suitable for commercial / office, Plot No.11, Saptasati Vihar, behind Saptasati Temple, Pandra Highway facing, Ground floor, Parking, 1st & 2nd floor- 1720 sqft. each, Lift available. Contact: 9825060176 / 8480897047/ 9998011384 (Whatsapp only). D-2079




Newly open Jyoti SPA positively health benefits (expert therapist). 8458067955. D-76171

Newly open health benefits SPA special offer @ 799 Bapuji Nagar. 8018429809. D-76172

Newly open health benefits SPA by expert therapist. Contact- 8280961126. D-76175

**AFFIDAVIT**

By virtue of an affidavit CF No.105/22.11.2024 before the Court of Executive Magistrate, Bhubaneswar, I Rudra Prasad Mahapatra, Residing at S-20, Maitri Vihar, Phase-II, Bhubaneswar, PIN-751023 declared that in my Birth Certificate No. 1043/2000 dated 26.12.2000, PAN Card No. FFAPM9212N, Aadhaar Card No. xxxx xxxx 3073 and in my Passport No. S4829128 my name has been inadvertently recorded as Rudra Prasad Mohapatra. I declare that Rudra Prasad Mahapatra, (S/o Ladu Kishor Mahapatra and Rashmita Mahapatra) and Rudra Prasad Mohapatra as same and one person and that my surname 'Mohapatra' needs to be corrected as 'Mahapatra' for all future purposes. D-71591

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Balangir, I Bir Chhatria, S/o. Sapna Chhatria, R/o. At/P.O. Udar, P.S.- Deogaon (Odisha), Pin- 767067 declare that I have changed my old name from Tarun Nag to Bir Chhatria for all future purposes. D-2086

By virtue of an affidavit sworn before Executive Magistrate, Bhubaneswar, C.F. No.- 1, Dt.24.07.2003, I Sri Khagesh Kumar Rout, aged about 54 years, S/o- Pitambar Rout resident of Bihipur, P.O.- Rambag, P.S.- Jajpur, Dist.- Jajpur, declare by this affidavit that I have changed my surname from 'Rout' to 'Ray'. So I shall be known as Khagesh Kumar Ray for all purposes. D-2085

**LOST**

ମୁଁ ରମେଶ ଚନ୍ଦ୍ର ଖଣ୍ଡାଇ, ପିତା– ରତ୍ନାକର ଖଣ୍ଡାଇ, ପଟ୍ଟାମୁଣ୍ଡାଇ ଗଲାବେଳେ ମୋର ନିବେଦିତା ବିଶ୍ୱାଳଙ୍କଠାରୁ କିଣିଥିବା ଜାଗାର କବଲା ଏବଂ (ବାତିଲ କରାଯାଇଥିବା) ପଟ୍ଟାଟି କେଉଁଠି ପଡ଼ିଯାଇଛି, ଯାହାର ପ୍ଲଟ୍ ନଂ.58/1063, ଖତିୟାନ ନଂ.375/44, ମୌଜା– କଣ୍ଟିଲୋ, କେଶପୁର, କଟକ ବିକ୍ରି କବଲା (ଆର୍‌ଓଆର୍) ଆର୍‌ଏସ୍‌ଡି ନମ୍ବର 1087/12.03.1993 ଏଥିସହିତ କିଛି ଦରକାରୀ କାଗଜପତ୍ର କେଉଁଠାରେ ପଡ଼ିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଆନ୍ତି ମୋର ମୋବାଇଲ ନମ୍ବର 9437044222ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ–୨୦୮୭

# ପିଡବ୍ଲ୍ୟୁସି ସହ ବେଦାନ୍ତ ଆଲୁମିନିୟମର ବୁଝାମଣା




ନୂଆଦିଲ୍ଲୀ,୨୭।୧୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ପିଡବ୍ଲ୍ୟୁସି ଇଣ୍ଡିଆ ଏବଂ ବେଦାନ୍ତ ଆଲୁମିନିୟମ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା (ସହଭାଗିତା) ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥା ମଧ୍ୟରେ ଓଡ଼ିଶାର ପରିବେଶ ସଂରକ୍ଷଣ ଓ ଗୋଷ୍ଠୀର ଯୋଗଦାନ ପାଇଁ ଏହି ସହଭାଗିତା ସହ ଅଭିନବ ପଦ୍ଧତି ପ୍ରଣୟନକରି ପରିବେଶର ନିରନ୍ତର ବିକାଶ ଲାଗି ପ୍ରତିବଦ୍ଧତା ହୋଇଛନ୍ତି। ସେହିଭଳି କମ୍ପାନୀ ପିଡବ୍ଲ୍ୟୁସି ଇଣ୍ଡିଆ ସହ ବୁଝାମଣାପତ୍ରରେ ସ୍ୱାକ୍ଷରକରି ପରିବେଶ ସନ୍ତୁଳନତା ଉପରେ ଗୁରୁତ୍ୱଦେବା, ଜଳବାୟୁ ପ୍ରଭାବକୁ ହ୍ରାସ କରିବା ଓ ଗୋଷ୍ଠୀର ଉନ୍ନତି ଲାଗି ଡିଜାଇନ ହୋଇଥିବା ବିଭିନ୍ନ ଅଗ୍ରଣୀ ପ୍ରକଳ୍ପ ସାମିଲ ରହିଛି। ଏହି ପଦକ୍ଷେପ ବିଶେଷକରି ଜୈବ ବିବିଧତା ସଂରକ୍ଷଣ ଓ ଅଙ୍ଗାରକାମ୍ଳ ହ୍ରାସ ପାଇଁ ଏକ ଉଲ୍ଲେଖନୀୟ ପ୍ରଭାବ ସୃଷ୍ଟି କରିବ। ସେହିପରି ଏହି ପ୍ରୟାସରେ ସ୍ଥାନୀୟ ଏନ୍‌ଜିଓ ଏବଂ ଜୈବବିବିଧତା ପରିଚାଳନା କମିଟିର ମିଳିତ ସହଯୋଗରେ ବିସ୍ତୃତ ବାସସ୍ଥାନ ବିକାଶ ଯୋଜନା ଦ୍ୱାରା ଅବକ୍ଷୟିତ ଜମିଗୁଡ଼ିକର ପୁନରୁଦ୍ଧାର କରାଯିବ। ଏପରିକି ସ୍ଥାନୀୟ ଗୋଷ୍ଠୀରେ ୨୦୦୦ଉନ୍ନତ ଚୁଲା ବଣ୍ଟନ ଓ ସ୍ୱଚ୍ଛ ରନ୍ଧନ ପ୍ରଣାଳୀକୁ ପ୍ରୋତ୍ସାହିତ କରାଯିବ। କମ୍ପାନୀ ମଧ୍ୟ ଜିଏସ୍ ଆଧାରିତ ମ୍ୟାପିଂ ଓ ମୌସୁମୀ ପୁନରୁଦ୍ଧାର ଯୋଜନା ବ୍ୟବହାରକରି ପରିବେଶ ଅସନ୍ତୁଳନତାକୁ ସମାଧାନ କରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ପିଡବ୍ଲ୍ୟୁସି ସହଭାଗିତାରେ ଆଲୁମିନିୟମର ସ୍ଥାୟୀ ବିକାଶ ଓ ବୃଦ୍ଧି ତଥା ପରିବେଶ ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିବ। ଏପରିକି ଶିଳ୍ପ କ୍ଷେତ୍ରରେ ଏହି ପ୍ରୟାସକୁ ଗୁରୁତ୍ୱ ଦେଇ ଆମେ ପୂର୍ଣ୍ଣ ବ୍ୟବସାୟ ଲାଗି ନୂଆ ମାପଦଣ୍ଡ ସ୍ଥିର କରିବାକୁ ଲକ୍ଷ୍ୟ ରଖିଛୁ। ସେହିପରି ପିଡବ୍ଲ୍ୟୁସିର ବରିଷ୍ଠ ଅଧିକାରୀ ସନ୍ଦୀପ କୁମାର ମହାନ୍ତି କହିଥିଲେ, ଆମେ ବେଦାନ୍ତ ଲିମିଟେଡ୍ ଦ୍ୱାରା ଜୈବବିବିଧତା ରକ୍ଷାକରିବା ଏବଂ କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ ସହ ନିୟୋଜିତ ହୋଇଛୁ। ଆମେ ସ୍ଥାନୀୟ ସମ୍ପ୍ରଦାୟ ଏବଂ ପରିବେଶ ପାଇଁ ଅଧିକ ସ୍ଥାୟୀ ଭବିଷ୍ୟତକୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖିଛୁ।

# ଅଚ୍ୟୁତ ସାମନ୍ତଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ




ଭୁବନେଶ୍ୱର,୨୭।୧୧

ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଆସୋଚାମ୍) ପକ୍ଷରୁ ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱରଠାରେ ଓଡ଼ିଶା ଏଡୁମିକ୍ସ ଆଣ୍ଡ ଏକ୍ସିଲେନ୍ସ ଆୱାର୍ଡ୍ସ ୨୦୨୪ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଏଡୁମିକ୍ସ ୨୦୨୪ ଆଣ୍ଡ ଏକ୍ସିଲେନ୍ସ ଆୱାର୍ଡ୍ସର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତକରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିକ୍ଷା ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ସାମାଜିକ ପରିବର୍ତ୍ତନର ମୂଳଦୁଆ ଭାବେ ଗୁରୁତ୍ୱାରୋପ କରିଛନ୍ତି। ଦକ୍ଷ ମାନବ ସମ୍ବଳ ସୃଷ୍ଟିକରିବା କ୍ଷେତ୍ରରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକାକୁ ଆଲୋକପାତ କରି ସେ ଉଲ୍ଲେଖ କରିଛନ୍ତି। ଆସୋଚାମ୍‌ର ପୂର୍ବ ଓ ଉତ୍ତର ପୂର୍ବର ବରିଷ୍ଠ ନିର୍ଦ୍ଦେଶକ ପରମିନ୍ଦରଜିତ୍ କୌର ଉଲ୍ଲେଖ କରିଛନ୍ତି, ଅନେକ ଶିଳ୍ପ ଏବେ ଓଡ଼ିଶାକୁ ଆସୁଥିବାରୁ ସେମାନେ ଦକ୍ଷ ଓ ପ୍ରସ୍ତୁତ ମାନବ ସମ୍ବଳର ଆବଶ୍ୟକ କରୁଛନ୍ତି। ଏହି ଦୃଷ୍ଟିରୁ ଆମେ ଓଡ଼ିଶାରେ ଏନ୍‌ଇପି ୨୦୨୦କୁ କାର୍ଯ୍ୟକାରୀ କରିବା ପାଇଁ ଗଠନ କରାଯାଇଥିବା ଟାସ୍କଫୋର୍ସରେ ଆବଶ୍ୟକ ଉପାଦାନକୁ ଅନ୍ତର୍ଭୁକ୍ତ କରିବା ପାଇଁ ଆମେ ରାଜ୍ୟର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକଠାରୁ ମୂଲ୍ୟବାନ୍ ତଥ୍ୟ ଓ ପରାମର୍ଶ ହାସଲ କରୁଛୁ। ଏହି ଅବସରରେ ବିଭିନ୍ନ ପ୍ରତିଷ୍ଠାନ ଗୁଡିକୁ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ବକ୍ତାଙ୍କ ମଧ୍ୟରେ ଆସୋଚାମ୍‌ର ନ୍ୟାଶନାଲ ଏଜୁକେଶନ କାଉନ୍‌ସିଲର ସହ-ଅଧ୍ୟକ୍ଷ ପ୍ରଫେସର ରଜିତା କୁଲ୍‌କର୍ନୀ, ପିଡବ୍ଲ୍ୟୁସି,ଏଡ୍‌ଟେକ୍, କେ୧୨, ଡିଜିଟାଲ-ଟ୍ରାନ୍ସଫରମେଶନ-ହାୟର ଏଜୁକେଶନର କାର୍ଯ୍ୟକାରୀ ନିର୍ଦ୍ଦେଶକ ରାମପ୍ରସାଦ ଘୋଷ, ଟେକ୍ନୋ ଇଣ୍ଡିଆ ୟୁନିଭର୍ସିଟିର କୋ-ଚାନ୍‌ସେଲର ଏବଂ ଟେକ୍ନୋ ଇଣ୍ଡିଆ ଗ୍ରୁପ୍‌ର ସହ-ଅଧ୍ୟକ୍ଷ ପ୍ରଫେସର ମାନୋସି ରୟ ଚୌଧୁରୀ ପ୍ରମୁଖ ଏହି ଅବସରରେ ନିଜର ମୂଲ୍ୟବାନ ମତାମତ ବାଣ୍ଟିଥିଲେ।

# ଆଜି ଶପଥ ନେବେ ପ୍ରିୟଙ୍କା

# ସଂସଦରେ ଏକସଙ୍ଗେ ୩ ଗାନ୍ଧୀ

ନୂଆଦିଲ୍ଲୀ,୨୭।୧୧

କେରଳର ୱାୟନାଡ୍ ସଂସଦୀୟ ଆସନରୁ ବିଜୟ ପରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୁରୁବାର ଲୋକସଭା ସଦସ୍ୟା ଭାବେ ଶପଥ ନେବାକୁ ଯାଉଛନ୍ତି। ସେ ପୂର୍ବାହ୍ନ ୧୧ଟାରେ ଶପଥ ନେବେ ବୋଲି ବୁଧବାର କଂଗ୍ରେସ ପକ୍ଷରୁ କୁହାଯାଇଛି।

ୱାୟନାଡ୍ର କଂଗ୍ରେସ ନେତାମାନେ ବୁଧବାର ନୂଆଦିଲ୍ଲୀ ଗସ୍ତକରି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ପ୍ରିୟଙ୍କାଙ୍କୁ ଏହି ଆସନରୁ ବିଜୟ ପ୍ରମାଣପତ୍ର ହସ୍ତାନ୍ତର କରିଛନ୍ତି। ଲୋକସଭାରେ ପ୍ରିୟଙ୍କା ପ୍ରବେଶ କରିବା ପରେ ପାର୍ଲାମେଣ୍ଟ ଏକସଙ୍ଗେ ନେହେରୁ-ଗାନ୍ଧୀ ପରିବାରର ୩ ସଦସ୍ୟଙ୍କୁ ଦେଖିବାକୁ ଯାଉଛି। ପ୍ରିୟଙ୍କାଙ୍କ ମା' ସୋନିଆ ଗାନ୍ଧୀ ପୂର୍ବରୁ ରାଜସ୍ଥାନରୁ ରାଜ୍ୟସଭାରେ ପ୍ରତିନିଧିତ୍ୱ କରୁଥିବାବେଳେ ତାଙ୍କ ପୂର୍ବ ଲୋକସଭା ଆସନ ରାଏବରେଲିରୁ ପୁଅ ରାହୁଲ ଗାନ୍ଧୀ ପ୍ରତିନିଧିତ୍ୱ କରୁଛନ୍ତି।

ସଂସଦରେ ପ୍ରିୟଙ୍କାଙ୍କ ପ୍ରବେଶ ଏଭଳି ସମୟରେ ହେବାକୁ ଯାଉଛି, ଯେତେବେଳେ କି କଂଗ୍ରେସ ହରିୟାଣା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ହାରିଯାଇଛି। କଂଗ୍ରେସର 'କ୍ରାଇସିସ୍ ମ୍ୟାନେଜର' ଏବଂ 'ବ୍ୟାକ୍‌ଡୋର ଷ୍ଟ୍ରାଟେଜିଷ୍ଟ' ଭାବେ ପରିଚିତ ପ୍ରିୟଙ୍କା ଦଳକୁ ପୁନର୍ଗଠନ କରିବାରେ କେତେ ସକ୍ଷମ ହେବେ ତା' ଉପରେ ନଜର ରହିବ। ସେହିପରି ପାର୍ଲାମେଣ୍ଟ ଭିତରେ ଓ ବାହାରେ ପ୍ରିୟଙ୍କାଙ୍କ ଉପସ୍ଥିତି କଂଗ୍ରେସ ପାଇଁ ଗେମ୍ ଚେଞ୍ଜର ହୋଇପାରେ ବୋଲି ନେତାମାନେ ମନେକରୁଛନ୍ତି। ବିରୋଧୀ ଦଳର ୫୨ ବର୍ଷୀୟା ନେତ୍ରୀ ପ୍ରିୟଙ୍କାଙ୍କ ଚେହେରାର ସାମଞ୍ଜସ୍ୟ ତାଙ୍କ ଜେଜେମା' ଇନ୍ଦିରାଙ୍କ ସହ ରହିଛି। ତେଣୁ ସେ ଆଗାମୀ ନିର୍ବାଚନଗୁଡ଼ିକରେ ଏହାକୁ ପୁଞ୍ଜିକରି ନିଜ ଦଳ ପାଇଁ କେତେ ଭୋଟରଙ୍କୁ ଟାଣିପାରୁଛନ୍ତି ତାହା ନିର୍ଣ୍ଣାୟକ ହେବ। ପ୍ରିୟଙ୍କା ୨୦୦୪ ଲୋକସଭା ନିର୍ବାଚନରେ ରାଏବରେଲିରେ ସୋନିଆ ଓ ଅମେଠିରେ ରାହୁଲଙ୍କ ପାଇଁ ପ୍ରଚାର କରିଥିଲେ। ଏହାର ୨୦ ବର୍ଷ ପରେ ନିଜେ ସଂସଦରେ ପାଦ ଥାପିବାକୁ ଯାଉଥିବାରୁ ଦଳୀୟ ମହଲରେ ଉତ୍ସାହ ଓ ଉଦ୍ଦୀପନ ଦେଖାଦେଇଛି।


ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ରାଜ୍ୟସଭା ସଦସ୍ୟା ସୋନିଆ ଗାନ୍ଧୀ ଏବଂ ୱାୟାନାଡ୍ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

# ଓଡ଼ିଶାରେ ୪୮ ଘଣ୍ଟା ରହିବେ ମୋଦି

ଭୁବନେଶ୍ୱର, ୨୭।୧୧(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୯ରୁ ୩ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ଆସୁଛନ୍ତି। ଏଠାରେ ୪୮ଘଣ୍ଟିଆ ଅବସ୍ଥାନ ସମୟରେ ପ୍ରଧାନମନ୍ତ୍ରୀ ଉଭୟ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ରାଜ୍ୟରେ ଏହି ସମୟ ଭିତରେ ଶାହା ମଧ୍ୟ ରହିବେ। ତେବେ ଦଳୀୟ କାର୍ଯ୍ୟକ୍ରମ ନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ବିମାନବନ୍ଦରଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ସେଠାରେ ଆୟୋଜିତ ଏକ ସଭାକୁ ସମ୍ବୋଧିତକରି ସେ ରାଜଭବନ ଆସିବେ। ୬ଟା ୩୦ରେ ଦଳର ରାଜ୍ୟ କାର୍ଯ୍ୟାଳୟକୁ ଆସି ବିଭିନ୍ନ ସମୀକ୍ଷା କରିବେ। ପ୍ରଧାନମନ୍ତ୍ରୀ ରାତ୍ରିଭୋଜନ ମଧ୍ୟ କରିବେ ବୋଲି ମନମୋହନ କହିଛନ୍ତି। ମିଳିଥିବା ସୂଚନା ମୁତାବକ, ଶାହା ମଧ୍ୟ ଏହି ଅବସରରେ ଦଳୀୟ କାର୍ଯ୍ୟାଳୟରେ ଉପସ୍ଥିତ ରହିପାରନ୍ତି।

ସରକାରୀ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ୨୯ ତାରିଖ ଅପରାହ୍ନ ୪ଟା ୨୦ରେ ବିମାନବନ୍ଦର ରେ ପହଞ୍ଚିବେ। ୪ଟା ୩୦ରୁ ୫ଟା ପର୍ଯ୍ୟନ୍ତ ବିମାବନ୍ଦରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଛି। ୫ଟାରୁ ରାଜଭବନ ଅଭିମୁଖେ ଗସ୍ତ କରିବେ। ୫ଟା ୧୫ରୁ ୬ଟା ୧୫ ପର୍ଯ୍ୟନ୍ତ ରାଜଭବନରେ ରହିବେ। ୬ଟା ୨୦ରୁ ରାଜଭବନରୁ ବାହାରି ଭାଜପା ରାଜ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବେ। ସେଠାରେ ଦଳର ବିଧାୟକ, ମନ୍ତ୍ରୀ, ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ଏମ୍‌ପିମାନଙ୍କ ସହ ବୈଠକ କରିବେ। ଏହି ଅବସରରେ ସେ ଉଭୟ ଦଳ ଓ ସରକାରୀ କାର୍ଯ୍ୟକ୍ରମ ନେଇ ସମୀକ୍ଷା କରିବେ। ୭ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ରାତ୍ରିଭୋଜନ କରିବେ। ୮ଟା ୩୦ରେ ରାଜ୍ୟ କାର୍ଯ୍ୟାଳୟରୁ ବାହାରି ୮ଟା ୪୫ରେ ରାଜଭବନରେ ପହଞ୍ଚିବେ। ସେଠାରେ ରାତ୍ରିଯାପନ କରିବେ। ଏହାପରେ ୩୦ ତାରିଖ ସକାଳ ୮ଟା ୩୦ରେ ରାଜଭବନରୁ ବାହାରି ସିଧାସଳଖ ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ଡିଜିପି ସମ୍ମିଳନୀରେ ଯୋଗଦେବେ। ସେଠାରେ ସେ ରାତି ୮ଟା ପର୍ଯ୍ୟନ୍ତ ରହିବେ। ଏହାପରେ ସେ ରାତି ୮ଟାରେ ସିଧାସଳଖ ରାଜଭବନ ଯିବେ। ସେହିପରି ୧ ତାରିଖ ସକାଳ ୮ଟା ୨୫ରେ ରାଜଭବନରୁ ବାହାରି ୮ଟା ୩୦ରେ ଡିଜିପି ସମ୍ମିଳନୀରେ ଯୋଗଦେବେ। ୪ଟା ୧୫ ପର୍ଯ୍ୟନ୍ତ କନ୍‌ଭେନସନ ସେଣ୍ଟରଠାରେ ରହିବେ। ୪ଟା ୩୦ରେ ସେ ଭୁବନେଶ୍ୱର ବିମାନବନ୍ଦରରୁ ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨୯ ତାରିଖ ମଧ୍ୟାହ୍ନରେ ଓଡ଼ିଶା ଗସ୍ତରେ ଆସି ଡିଜିପି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଶାହା ମଧ୍ୟ ୩ ଦିନ ଧରି ଓଡ଼ିଶାରେ ରହିବେ।

ତେବେ ଉଭୟ ମୋଦି ଏବଂ ଶାହାଙ୍କ ଓଡ଼ିଶାରେ ୩ ଦିନ ଅବସ୍ଥାନକୁ ନେଇ ରାଜନୈତିକ ମହଲରେ ଭିନ୍ନ ଧରଣର ଆଲୋଚନା ଲାଗି ରହିଛି। ରାଜ୍ୟରେ ଭାଜପା ପ୍ରଥମ ଥର ଲାଗି ସରକାରକୁ ଆସିବା ପରେ ଆଗକୁ କିପରି ସରକାରର ଲୋକପ୍ରିୟତା ବୃଦ୍ଧିପାଇବ ତାକୁ ନେଇ ଶୀର୍ଷସ୍ତରରେ ଯୋଜନା କରାଯାଉଥିବା ଶୁଣିବାକୁ ମିଳୁଛି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ରାଶନ ନ ମିଳିବାରୁ ଆମ୍ବଟାକୁଆ ଖାଇ ମରିଗଲେ: ବିରୋଧୀ

## ମୁଲତବୀ ଆଲୋଚନା

### ପୂର୍ବ ସରକାର ପାଇଁ ଏଭଳି ଘଟଣା ଘଟିଲା:ଶାସକ

ଭୁବନେଶ୍ୱର,୨୭।୧୧(ଅନିଲ ଦାସ)

କନ୍ଧମାଳ ଜିଲା ମାଣ୍ଡିପଙ୍କାରେ ଆମ୍ବଟାକୁଆ ଖାଇ ୩ ଜଣଙ୍କର ମୃତ୍ୟୁ ଘଟିଛି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ଠିକ୍ ସମୟରେ ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ନ ଦେବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। 'ରାଜ୍ୟରେ ଖାଦ୍ୟସୁରକ୍ଷା........ଆମ୍ବଟାକୁଆ ଖାଇ ୩ ଜଣଙ୍କ ମୃତ୍ୟୁ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣି ବିରୋଧୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୁଲତବୀ ପ୍ରସ୍ତାବର ଆଲୋଚନା ଆରମ୍ଭକରି ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଏ ସରକାରଙ୍କ କଥା ଆଉ କାର୍ଯ୍ୟରେ ଆକାଶ ପାତାଳ ତଫାତ୍। ଇ-କେୱାଇସି ନାଁରେ ୪ମାସ ଯାଏ ଆଦିବାସୀମାନଙ୍କୁ ରାଶନ ଦିଆଗଲା ନାହିଁ। ଭୋକ ବିକଳରେ ଆମ୍ବଟାକୁଆ ଖାଇ ମରିଗଲେ। ଏଥିପାଇଁ ଯୋଗାଣ ମନ୍ତ୍ରୀ ଦାୟୀ। ମାଣ୍ଡିଆ ଜାଉ ବଦଳରେ ଆମ୍ବଟାକୁଆ ଜାଉ ଖାଇଲେ। ଯଦି ଆମ୍ବଟାକୁଆ ପାରମ୍ପରିକ ଖାଦ୍ୟ, ତେବେ ମନ୍ତ୍ରୀ ନିଜେ ଖାଇ ଦେଖନ୍ତୁ।

ବିଜେଡି ସଭ୍ୟ ବ୍ୟୋମକେଶ ରାୟ କହିଲେ, ଘଟଣାର ତଦନ୍ତ ଏପର୍ଯ୍ୟନ୍ତ ସରିନାହିଁ। ମନ୍ତ୍ରୀ କେମିତି ଜାଣିଲେ ଆମ୍ବଟାକୁଆ ଆଦିବାସୀଙ୍କର ପାରମ୍ପରିକ ଖାଦ୍ୟ। ଯଦି ମୁଖ୍ୟମନ୍ତ୍ରୀ ଆସି କହିଦେବେ ଆମ୍ବଟାକୁଆ ପାରମ୍ପରିକ ଖାଦ୍ୟ ତେବେ ଆମେ ରାଜନୀତି ଛାଡ଼ିଦେବୁ। କଂଗ୍ରେସ ସଭ୍ୟ ସି.ଏସ. ରାଜନ ଏକ୍କା କହିଛନ୍ତି, ଆମ୍ବଟାକୁଆ ଆଦିବାସୀମାନଙ୍କର ପାରମ୍ପରିକ ଖାଦ୍ୟ ନୁହେଁ। କଂଗ୍ରେସ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ କହିଛନ୍ତି, ଅଭାବ ପାଇଁ ଅଖାଦ୍ୟ ଖାଇଛନ୍ତି। ମୃତ୍ୟୁକୁ ଦଳୀୟ ହିସାବରେ ନେବା କଥା ନୁହେଁ। ପ୍ରଭାତୀ ମ୍ୟାଡାମ୍ କହିଲେ, ଆମ୍ବଟାକୁଆ ଆଦିବାସୀଙ୍କର ପାରମ୍ପରିକ ଖାଦ୍ୟ। ବହୁ ଆଗରୁ ଖାଦ୍ୟ ନ ଥିବାରୁ ଆମେ ଖାଉଥିଲୁ। ଏବେ ସେ ଖାଦ୍ୟ ଆଉ ନାହିଁ। ସରକାର ୫ କିଲୋ ବଦଳରେ ବର୍ଷକୁ ଅତି କମ୍‌ରେ ୪ ମାସ ୧୫ରୁ ୨୦ କିଲୋ ଚାଉଳ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଏଥିପାଇଁ ବିଜେଡି ସରକାରକୁ ଦାୟୀ କରିଥିଲେ। ସେ କହିଥିଲେ ରାଜ୍ୟରେ ୯୮,୬୨୦ ଶିଶୁ ଅପପୁଷ୍ଟିର ଶିକାର। ପୂର୍ବ ସରକାର ଯଦି ଏତେ ଭଲ କରୁଥିଲେ ତେବେ ରାଜ୍ୟରେ ଏ ଅବସ୍ଥା କଣ ପାଇଁ ବୋଲି ସେ କହିଛନ୍ତି। ଭାଜପା ସଭ୍ୟ ଅଶୋକ କୁମାର ମହାନ୍ତି, ସନ୍ତୋଷ ଖଟୁଆ ଏବଂ ଇରାଶିଷ ମହାନ୍ତି ପ୍ରମୁଖ ବିରୋଧୀଙ୍କ ମୁଲତବୀ ପ୍ରସ୍ତାବକୁ ବିରୋଧ କରି ପୂର୍ବ ସରକାରଙ୍କ ଯୋଗୁ ଏଭଳି ଘଟଣା ରାଜ୍ୟରେ ଘଟୁଛି ବୋଲି ପାଲଟା ଆକ୍ରମଣ କରିଥିଲେ।

## ଖାଦ୍ୟାଭାବ ନୁହେଁ, ଫୁଡ୍ ପଏଜନିଂ ଯୋଗୁ ମୃତ୍ୟୁ ହୋଇଛି: ମନ୍ତ୍ରୀ

କନ୍ଧମାଳ ଜିଲା ମାଣ୍ଡିପଙ୍କାରେ ଆମ୍ବ ଟାକୁଆ ଖାଇ ୩ ଜଣଙ୍କ ମୃତ୍ୟୁ ଖାଦ୍ୟାଭାବ ନୁହେଁ, ଫୁଡ୍‌ପଏଜନିଂ ଯୋଗୁ ହୋଇଛି। ବିଧାନସଭାରେ ବୁଧବାର ବିରୋଧୀ ଦଳଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ଜବାବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହା କହିଛନ୍ତି । ମନ୍ତ୍ରୀ କହିଛନ୍ତି, ମୃତକଙ୍କର ଚାଷ ଜମି ଅଛି। ସେମାନେ ମଣ୍ଡିରେ ଧାନ ବିକ୍ରି କରିଛନ୍ତି। ମୋ ପାଖରେ ତାହାର ପ୍ରମାଣ ଅଛି। ଧାନ ବିକ୍ରି କରିଥିବା ଲୋକଙ୍କ ପାଖରେ ଚାଉଳ ଅଭାବ ରହିଲା କେଉଁଠି। ଜଣେ ମୃତକଙ୍କ ଭାଇ ବିଏସ୍‌ଏଫ୍‌ରେ ଚାକିରି କରିଛନ୍ତି। ସେପ୍ଟେମ୍ବରରେ ୧୨ କେଜି ଲେଖାଏ ମାଣ୍ଡିଆ ଦିଆଯାଇଛି। ନିୟମିତ ରାଶନ ଦିଆଯାଇଛି। ଏହି ମୃତ୍ୟୁ ଖାଦ୍ୟଶସ୍ୟ ଅଭାବରୁ ହୋଇନାହିଁ। ଏହାର ଆର୍‌ଡିସି ତଦନ୍ତ ଚାଲିଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ହେବ।

# 'ସମ୍ବିଧାନ ମୁଖବନ୍ଧ ଆମର ଗର୍ବ, ଗୌରବ'

## ମୁଖବନ୍ଧକୁ ନେଇ ସ୍ପଷ୍ଟୀକରଣ ଦେଲେ ମନ୍ତ୍ରୀ

ଭୁବନେଶ୍ୱର,୨୭।୧୧(ଅନିଲ ଦାସ)

ସମ୍ବିଧାନର ମୁଖବନ୍ଧରେ ଥିବା ଧର୍ମନିରପେକ୍ଷ ଏବଂ ସମାଜବାଦ ପ୍ରସଙ୍ଗରେ ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସ୍ପଷ୍ଟୀକରଣ ଦେଇଛନ୍ତି। ବୁଧବାର ଶୂନ୍ୟକାଳରେ ସେ କହିଛନ୍ତି, ଗତକାଲି(ମଙ୍ଗଳବାର) ଗୃହର କିଛି ବରିଷ୍ଠ ସଦସ୍ୟ ଧର୍ମନିରପେକ୍ଷ ଓ ସମାଜବାଦ ଉପରେ ପ୍ରଶ୍ନ କରିଥିଲେ। ସମ୍ବିଧାନ ମୁଖବନ୍ଧ ଆମର ଗର୍ବ ଓ ଗୌରବ। ଏହା ୧୯୪୯ ନଭେମ୍ବର ୨୬ରେ ପ୍ରଣୟନ କରାଯାଇଥିଲା। ଏହି ଦିବସକୁ ସମ୍ବିଧାନ ଦିବସ ଭାବେ ପାଳନ କରାଯାଉଛି। ସମ୍ବିଧାନର ମୂଳ ମୁଖବନ୍ଧ ବିଧାନସଭାରେ ରହିଛି। ଦେଶର ସମସ୍ତ ବିଧାନସଭାରେ ମଧ୍ୟ ରହିଛି। ୨୦୦୩ ନଭେମ୍ବର୨୧ରେ ବିଜେଡି ସରକାର ସମୟରେ ଯେଉଁ ସମ୍ବିଧାନ ପୁସ୍ତକ ବିଧାନସଭାରେ ରଖାଯାଇଥିଲା ସେଥିରେ ଆମେ କୌଣସି ପରିବର୍ତ୍ତନ କରିନାହୁଁ। ଅଯଥାରେ ଏହାକୁ ଇସ୍ୟୁ କରାଯାଉଛି। କହିଦେଉଥାଏ ପରକୁ ବୁଦ୍ଧି ନ ଦିଶଇ ଘରକୁ ଭଳି ଏ ଅଭିଯୋଗ ଠିକ୍ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି। ଏ ପ୍ରସଙ୍ଗରେ ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କିଛି କହିବାକୁ ଚାହିଁଥିଲେ ମଧ୍ୟ ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ କହିବାକୁ ସୁଯୋଗ ଦେଇ ନ ଥିଲେ।

ସମ୍ବିଧାନ ଦିବସ ଅବସରରେ ମଙ୍ଗଳବାର ବିଧାନସଭାରେ ବିରୋଧୀ ବିଜେଡି-କଂଗ୍ରେସ ରାଜ୍ୟ ସରକାରଙ୍କୁ ଜୋର୍‌ଦାର ବିରୋଧ କରିଥିଲେ। ସମ୍ବିଧାନର ମୁଖବନ୍ଧରେ ଧର୍ମନିରପେକ୍ଷ ଓ ସମାଜବାଦ ଶବ୍ଦ ନ ଥିବା ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏହାକୁ ନେଇ ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହେବା ସହ ଦିନତମାମ ଗୃହକାର୍ଯ୍ୟ ବନ୍ଦ ହୋଇଯାଇଥିଲା। ବିରୋଧୀ ଅଭିଯୋଗ କରିଥିଲେ ଯେ, ସମ୍ବିଧାନର ମୁଖବନ୍ଧରୁ ଧର୍ମନିରପେକ୍ଷ ଓ ସମାଜବାଦ ହଟାଇବା ପାଇଁ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି। ରାଜ୍ୟ ସରକାର ମଧ୍ୟ ଏହାକୁ ଅନୁକରଣ କରିଛନ୍ତି। ତେଣୁ ବିଧାନସଭାରେ ରଖାଯାଇଥିବା ମୁଖବନ୍ଧକୁ ତୁରନ୍ତ ସଂଶୋଧନ କରାଯାଉ ବୋଲି ଦାବି କରିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି, ପିନ୍ କୋଡ୍-୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ଟେଣ୍ଡର ନଂ. (୧) ଟେଣ୍ଡର ବିଜ୍ଞପ୍ତି ନଂ. ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୬୧-୨୦୨୪ । କାର୍ଯ୍ୟର ନାମ: ରାଞ୍ଚି ଡିଭିଜନର କ୍ଷେତ୍ରାଧିକାର ପାଇଁ ବାକୁଡିହ/ ବରହରୱା/ପିନାରଗାରିଆ/ପାକୁର/ରାଜଗ୍ରାମ/ତାଲଝରି କ୍ୱାରୀ ସାଇଡିଂଠାରେ ୧୦୭୭୪୫ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ରେଲ୍‌ୱେ ୱାଗନ/ହପର୍‌ରେ ବୋଝେଇ (ମାପ ଗନ୍ତବ୍ୟସ୍ଥଳରେ କରାଯିବ) । ଟେଣ୍ଡର ମୂଲ୍ୟ: ₹୧୫,୭୩,୦୫,୫୪୫.୧୦/-। ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା୨୭।୧୨।୨୦୨୪ରିଖ ୧୫.୦୦ ଘଟିକା। ଇଏମ୍‌ଡି ମୂଲ୍ୟ: ₹୯,୩୬,୫୦୦.୦୦/- । ଟେଣ୍ଡର ନଂ. (୨) ଟେଣ୍ଡର ବିଜ୍ଞପ୍ତି ନଂ. ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୬୨-୨୦୨୪ । କାର୍ଯ୍ୟର ନାମ: ଡିଇଏନ୍ (ଦକ୍ଷିଣ)/ଆର୍‌ଏନ୍‌ସିଙ୍କ କ୍ଷେତ୍ରାଧିକାର ଅଧୀନରେ ବିଭିନ୍ନ ଷ୍ଟେଶନଗୁଡ଼ିକରେ ଦିବ୍ୟାଙ୍ଗଜନଙ୍କ ସକାଶେ ସାଧାରଣ ସୁବିଧାଗୁଡ଼ିକର ବ୍ୟବସ୍ଥା କରିବା । ଟେଣ୍ଡର ମୂଲ୍ୟ: ₹୧୨,୯୫,୫୨,୬୭୧.୫୩/-। ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା୨୦।୧୨।୨୦୨୪ରିଖ ୧୫.୦୦ ଘଟିକା। ଇଏମ୍‌ଡି ମୂଲ୍ୟ: ₹୭,୯୭,୮୦୦.୦୦/- । ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । (PR-836)

# ଜବାବ ଦାଖଲ ପାଇଁ ଅଧିକ ସମୟ ମିଳିବା ନେଇ ଶୁଣାଣି ଆଜି

## ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ଅନିୟମିତତା ମାମଲା

କଟକ,୨୭।୧୧ (କାର୍ତ୍ତିକ ସାହୁ)

ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ହାଇକୋର୍ଟରେ ବୁଧବାର ହୋଇଛି। ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନାଁରେ ହୋଇଥିବା ନିର୍ବାଚନ ମାମଲା ଖାରଜ ହେବ କି ନାହିଁ ତାହାର ଶୁଣାଣି ଆସନ୍ତା ଡିସେମ୍ବର ୧୦ରେ ହେବ। ଟଙ୍କଧରଙ୍କ ନାଁରେ ହୋଇଥିବା ନିର୍ବାଚନୀ ମାମଲା ରଦ୍ଦ ଆବେଦନ ଉପରେ ଜବାବ ରଖିବାକୁ ଆବେଦନକାରୀ ଦୀପାଳି ଦାସଙ୍କୁ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜବାବ ଦାଖଲ ପାଇଁ ଟଙ୍କଧରଙ୍କୁ ଆଉ ଅଧିକ ଦିନ ସୁଯୋଗ ମିଳିବ କି ନାହିଁ ସେନେଇ ନଭେମ୍ବର ୨୮ ଅର୍ଥାତ୍ ଗୁରୁବାର ଶୁଣାଣି ହେବ ବୋଲି ଜଣାପଡିଛି।

# ପଦ ବଜାୟ ରଖିଲେ ସରପଞ୍ଚ

ଅନୁଗୋଳ.୨୭।୧୧(ମାନସ ବିଶ୍ୱାଳ)

ଅନୁଗୋଳ ବ୍ଲକ ବନ୍ତଳା ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ବୁଧବାର ଅନାସ୍ଥା ଭୋଟରେ ବିଜୟୀ ହେବା ସହ ନିଜ ପଦ ବଜାୟ ରଖିଛନ୍ତି। ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ୱାର୍ଡ ସଦସ୍ୟମାନେ ଭୋଟ ଦେବାକୁ ଆସି ନ ଥିବାରୁ ଏହି ପ୍ରସ୍ତାବ କାଟ୍ ଖାଇଯାଇଥିଲା।

ପ୍ରକାଶ ଯେ, ୧୧ ୱାର୍ଡ ବିଶିଷ୍ଟ ବନ୍ତଳା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ନାଏବ ସରପଞ୍ଚଙ୍କ ସହିତ ୫ଜଣ ୱାର୍ଡମେମ୍ବର ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ସରପଞ୍ଚ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ କରିବା ସହ ସେମାନେ ଅନାସ୍ଥା ପ୍ରସ୍ତାବ ପାଇଁ ଦାବି କରିଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଅନାସ୍ଥା ଭୋଟ ପାଇଁ ସମୟ ନିର୍ଦ୍ଧାରଣ କରାଯାଇଥିଲା। କିନ୍ତୁ ଏହି ପ୍ରସ୍ତାବ ଆଣିଥିବା ୱାର୍ଡମେମ୍ବରମାନେ ଭୋଟ କେନ୍ଦ୍ରକୁ ଆସି ନ ଥିଲେ। ସରପଞ୍ଚଙ୍କ ସମର୍ଥକମାନେ ତାଙ୍କୁ ୬ଟି ଭୋଟ ଦେବାରୁ ସେ ବିଜୟୀ ହୋଇଥିଲେ। ଏ ସମ୍ପର୍କରେ ସରପଞ୍ଚ ଗୀତାଞ୍ଜଳି କହିଛନ୍ତି, କେତେଜଣ କୁଚକ୍ରୀ ଲୋକ ତାଙ୍କ ଲୋକପ୍ରିୟତା ସହ୍ୟ କରି ନ ପାରି ୱାର୍ଡମେମ୍ବରଙ୍କୁ ତାଙ୍କ ବିରୋଧରେ ପ୍ରବର୍ତ୍ତାଇଥିଲେ। ୱାର୍ଡମେମ୍ବରମାନେ ସତ୍ୟାସତ୍ୟ ଜାଣିଗଲା ପରେ ମନ୍ଦ ଉଦ୍ଦେଶ୍ୟ ରଖି କାର୍ଯ୍ୟ କରୁଥିବା ଲୋକଙ୍କ ପକ୍ଷ ଛାଡି ତାଙ୍କୁ ସମର୍ଥନ କରିଥିଲେ। ଫଳରେ ତାଙ୍କର ବିଜୟ ହୋଇଥିଲା।


ବନ୍ତଳା ସରପଞ୍ଚଙ୍କ ସହ ସମର୍ଥକମାନେ।

# ଭାଜପାରେ ସାମିଲ ହେଲେ ୪୦ ପରିବାର


ଭାଜପାରେ ସାମିଲ ହୋଇଥିବା ନୂତନ କର୍ମୀ।

ତିହିଡ଼ି,୨୭।୧୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗ୍ରାମରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିଛାଡ଼ି ୪୦ ପରିବାର ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ ଭାଜପା ନେତା ଶୁକଦେବ ମଳିକଙ୍କ ପୌରୋହିତ୍ୟରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ବାସୁଦେବ ଦାସ, ହରେକୃଷ୍ଣ ଦାସ, ଲମ୍ବୋଦର ଦାସ ପ୍ରମୁଖ ଏଥିରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ପରେ ଯୁବନେତା ଶୁକଦେବଙ୍କ ନେତୃତ୍ୱରେ କାଶୀନାଥ ଦାସ, ସନାତନ ଦାସ, ମେଘନାଦ ଦାସ, ନୀଳମଣି ଦାସ, ପ୍ରଦୀପ ଦାସ, ନାରାୟଣ ଦାସ, କୁନା ଦାସ, ଉମାକାନ୍ତ ଦାସ, ସୁନାଚାନ୍ଦ ଦାସ, ମୁରଲୀଧର ଦାସ, କୁଳମଣି ଦାସ, ନକୁଳ ଦାସ, ଚରଣ ଦାସ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟକରି ଏହି କର୍ମୀମାନେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି।

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, देवघर**

अल्पकालीन ई–प्रोक्योरमेंट सूचना (2nd Call)
ई–पुनर्निविदा प्रसंग संख्या - RCD/DEOGHAR/2023/2024-25 (2nd Call) Date :-26.11.2024

| | | |
|---|---|---|
| 1. | कार्य का नाम | पथ प्रमण्डल, देवघर अन्तर्गत "बुढ़ई (PWD पथ) से बिहार बॉर्डर भाया जमुआ (कुल लम्बाई–9.900 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य"। |
| 2. | प्राक्कलित राशि (रुपये में) | रुपये 7,57,36,525.00 (सात करोड़ सनतावन लाख छत्तीस हजार पाँच सौ पच्चीस रुपये मात्र)। |
| 3. | कार्य समाप्ति की अवधि | 4 (चार) माह। |
| 4. | निविदा प्राप्ति की अंतिम तिथि एवं समय | 12.12.2024 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 29.11.2024 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | 06432-299919 |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

नोट –अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।
कार्यपालक अभियंता, पथ निर्माण विभाग,पथ प्रमण्डल, देवघर
PR 340539 Road(24-25).D

**OFFICE OF THE EXECUTIVE ENGINEER,**
Road Construction Department, Road Division, Manoharpur.
e-Procurement Notice
For National Competitive Bidding
e-Tender Reference No. RCD/MANOHARPUR/09/2024-25
दिनांक : 26.11.2024

| | | |
|---|---|---|
| 1. | Name of the work | पथ प्रमण्डल, मनोहरपुर अन्तर्गत " आनन्दपुर (NH-320G, Old SH-04 पर) सारिवा (NH-320G, Old SH-04 पर) भाया रोबोकेरा पथ (कुल लम्बाई–22.59 कि0मी0) का पुनर्निर्माण / मजबूतीकरण (पुल सहित) कार्य। |
| 2. | Estimated Cost of Work (in INR) | Rs. 57,89,24,400.00 (Rupees Fifty Seven Crore Eighty Nine Lakh Twenty Four Thousand and Four Hundred) Only. |
| 3. | Time of Completion | 2 (Two) Years. |
| 4. | Date of Publication of Tender on Website | 11.12.2024 from 10.30 A.M. |
| 5. | Last date & Time for online bidding | 18.12.2024up to 3.00 P.M. |
| 6. | Date & time for opening of Tender Bid | 19.12.2024up to 3.30 P.M. |
| 7. | Name and address of office Inviting tender | Executive Engineer, R.C.D. Road Division, Manoharpur. |
| 8. | Contact no. of Procurement officer | 7870404723 |
| 9. | Helpline number of e-Procurement cell | 0651-2403007 |

Note :- Estimate Cost may be increase or decrease.
Further details can be seen on website http://jharkhandtenders.gov.in
PR 340481 West Singhbhum (24-25)D
Executive Engineer, R.C.D. Road Division, Manoharpur.

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, पाकुड़**
email :- eercdpakur-jhr@nic.in, Phone & Fax No. 06435-220592

अल्पकालिन ई0–प्रोक्यूरमेन्ट सूचना
निविदा सूचना सं0– RCD /PAKUR/763/2024-25 दिनांक : 26-11-2024

| | | |
|---|---|---|
| 1. | कार्य का नाम | पथ प्रमंडल, पाकुड अन्तर्गत अमरापाड़ा–महेषपुर– मुरारोई पथ के कि0मी0 17.00 से 30.013 कि0मी0 (कुल लंबाई–13.013 कि0मी0) में राईडिंग क्वालिटी में सुधार (Improvement of Riding Quality) कार्य। (योजना मद) वित्तीय वर्ष 2024–25 |
| 2. | प्राक्कलित राशि (रू0) | रू0 8,23,76,203/–(रू0 आठ करोड़ तेइस लाख छिहत्तर हजार दौ सौ तीन मात्र) |
| 3. | कार्य पूर्ण करने की अवधि | 04 (चार) माह |
| 4. | ई0–निविदा प्राप्त करने की अंतिम तिथि एवं समय | 13.12.2024 के पूर्वाह्न 12.00 बजे तक |
| 5. | ई0–निविदा का बेबसाईट पर प्रकाषन की तिथि एवं समय | 28.11.2024 के पूर्वाह्न 10.30 बजे से |
| 6. | ई0–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, पाकुड़। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 06435–220592 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

विशेष जानकारी http://jharkhandtenders.gov.in पर देखी जा सकती है।
कार्यपालक अभियंता पथ प्रमण्डल, पाकुड़
PR 340526 Road(24-25)#D

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, सिमडेगा**

ई–प्रोक्योरमेंट सूचना
(प्रथम आमंत्रण)
ई–टेन्डर रेफरेंस नं0–प0नि0वि0 / सिमडेगा / 11 / 2024–25 दिनांक–26.11.2024

| | | |
|---|---|---|
| 1. | कार्य का नाम | "लचरागढ़(NH-320G पर)–इन्दटाँन्ड–कारीमाटी–खरवागढ़हा–बारीबिरिंगा–ओरगा (MDR-042 पर) पथ (कनोरवा रेलवे स्टेशन के पहुँच पथ सहित) –कुल लंबाई 15.990 कि.मी. का पुनर्निर्माण कार्य। |
| 2. | प्राक्कलित राशि (रूपया में) | रूपया 63,61,06,000.00 (तिरसठ करोड़ एकसठ लाख छः हजार) मात्र। |
| 3. | कार्य पूर्ण करने की अवधि | 18 माह। |
| 4. | बेबसाईट पर निविदा प्रकाशन की तिथि | 04.12.2024 को पूर्वाह्न 10.30 बजे से। |
| 5 | ऑनलाईन निविदा प्राप्ति की अंतिम तिथि एवं समय | 19.12.2024 को दोपहर 12.00 बजे तक। |
| 6. | ई–निविदा खोलने की तिथि एवं समय | 20.12.2024 को अपराह्न 12.30 बजे तक। |
| 7. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, सिमडेगा–835223 |
| 8. | प्रोक्योरमेंट पदाधिकारी का सम्पर्क संख्या | 82358–16924 |
| 9. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

नोट :–1. प्राक्कलित राशि घट–बढ़ सकती है।
2. विशेष जानकारी के लिये http://jharkhandtenders.gov.in पर देखा जा सकता है।
3. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
4. निविदा शुल्क एवं अग्रधन की राशि का ई–श्शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी जवाबदेही आपकी होगी।
कार्यपालक अभियंता पथ निर्माण विभाग, पथ प्रमण्डल, सिमडेगा
PR.NO.340393 Simdega(24-25):D

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଅବିନାଶ



ଅବିନାଶ

ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚ ଅତିକ୍ରମ କରିଚାଲିଛନ୍ତି ଅବିନାଶ ନନ୍ଦ। ଇତିମଧ୍ୟରେ ସେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ବିଜ୍ଞାପନ ଚଳଚ୍ଚିତ୍ରର ନିର୍ମାଣ କରିସାରିଛନ୍ତି। ନିକଟରେ ତାଙ୍କର ପ୍ରଥମ ଓଡ଼ିଆ ଏ.ଆଇ.-ଜେନେରେଟେଡ୍ ମ୍ୟୁଜିକ ଭିଡିଓ 'ତୁ କାହିଁ ଲାଗୁଛୁ ମୋତେ ନିଜଠୁ ନିଜର' ପ୍ରାରମ୍ଭରୁ ସଫଳତା ହାସଲ କରିବାରେ ସକ୍ଷମ ହୋଇଛି। ଏହି ଭିଡିଓକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ମିଳିଛି। ଏ ସମ୍ପର୍କରେ ଅବିନାଶ କହନ୍ତି, 'ଓଡ଼ିଆ ମ୍ୟୁଜିକ ଟ୍ରେଣ୍ଡରେ ପରିବର୍ତ୍ତନ ଆଣିବା ମୋର ମୂଳ ଲକ୍ଷ୍ୟ। ସେଥିପାଇଁ ଏଭଳି ଏକ ପ୍ରୟାସ କରିଥିଲି। ଯାହାହେଉ ତାହା ମୋତେ ଆଶାତୀତ ସଫଳତା ଆଣିଦେଇଛି। ଏହି ମ୍ୟୁଜିକ ଆଲବମ୍‌କୁ ପ୍ରସ୍ତୁତ କରିବାକୁ କାଜଲ ଜେନାଙ୍କ ସହଯୋଗକୁ ପ୍ରଶଂସା ନ କରି ରହିପାରୁନି।' କଣ୍ଡାପୁଣ୍ଟୋ କମ୍ୟୁନିକେଶନ ପ୍ରା.ଲି. ଦ୍ୱାରା ପ୍ରସ୍ତୁତ ଏହି ମ୍ୟୁଜିକ ଭିଡିଓର ନିର୍ଦ୍ଦେଶନା ଦେଇଛନ୍ତି ଅଭିମନ୍ୟୁ ମିଶ୍ର ଏବଂ ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ସୁଦୀପ ଜେନା। ସୂଚନାଯୋଗ୍ୟ, ନିକଟରେ ଅନୁପମ ଖେର୍‌ଙ୍କୁ ନେଇ ଅବିନାଶ ଏକ ବିଜ୍ଞାପନ ଚଳଚ୍ଚିତ୍ର ପ୍ରସ୍ତୁତ କରିଥିଲେ, ଯାହା ବେଶ୍ ଦର୍ଶକାଦୃତ ହୋଇଛି।

# ପୂଜାର୍ଚ୍ଚନା ଅନ୍ତରାଳେ...



ରଣବୀର

ରଣବୀର ସିଂ ଏବେ ପୂଜାର୍ଚ୍ଚନାରେ ବ୍ୟସ୍ତ। ଏବେ ସେ ନିୟମିତ ମନ୍ଦିର ଯାଉଛନ୍ତି। ପୁଣି ନିକଟରେ ସେ ନିର୍ଦ୍ଦେଶକ ଆଦିତ୍ୟ ଧର୍‌ଙ୍କ ସହ ମିଶି ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିରରେ ଏକ ସ୍ୱତନ୍ତ୍ର ପୂଜାପାଠ କରିଥିଲେ। ହେଲେ ଏହା ପଛରେ କି କାରଣ ରହିଛି ଜାଣିବେନି? ଅସଲ କଥା ହେଲା ଆଦିତ୍ୟଙ୍କ ଆଗାମୀ ଫିଲ୍ମରେ ରଣବୀର ନାୟକ ସାଜୁଛନ୍ତି। ତେଣୁ ଫିଲ୍ମଟିର ଦ୍ୱିତୀୟ ଭାଗ ଶୁଟିଂ କିପରି ଭଲରେ ଭଲରେ ହେବ ସେଥିପାଇଁ ରଣବୀର ପୂଜାର୍ଚ୍ଚନାରେ ବ୍ୟସ୍ତ ଅଛନ୍ତି। ହଁ, ଏହି ଫିଲ୍ମଟିର ଟାଇଟଲ ରହିଛି 'ଧୁରନ୍ଧର'। ଏଭଳି ପୂଜାପାଠ ବିଷୟରେ ରଣବୀର କହନ୍ତି, 'ଅସଲ କଥା ହେଲା, ଏହି ଫିଲ୍ମରେ ଆକ୍ସନ ଭରି ରହିଛି। ଏହି ସିନେମାଟି କିପରି ବକ୍ସ ଅଫିସରେ ଭଲ ବିଜ୍‌ନେସ କରିବ ସେ ନେଇ ମୁଁ ଦୃଢ଼ ଆଶାବାଦୀ ଅଛି।' ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଜ୍ୟୋତି ଦେଶପାଣ୍ଡେ, ଆଦିତ୍ୟ ଧର୍ ଏବଂ ଲୋକେଶ ଧର୍। ଏଥିରେ ରଣବୀରଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ଆର୍. ମାଧବନ୍ ଏବଂ ଅର୍ଜୁନ ରାମପାଲ୍ ପ୍ରମୁଖ ଅଭିନୟ କରୁଛନ୍ତି। ବ୍ୟାଙ୍କକ୍‌ରେ ଏହାର ପ୍ରଥମ ପର୍ଯ୍ୟାୟ ଶୁଟିଂ ଶେଷ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟ ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ।

# ଘମାଘୋଟ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଘମାଘୋଟ'। ଏଥିରେ ଲଭ୍, ଇମୋଶନ, କମେଡି, ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି ବୋଲି କହନ୍ତି ଏହାର ନିର୍ଦ୍ଦେଶକ ରାଜା ଡି'। ଖାସ୍ କଥା ହେଲା ନିକଟରେ ଶୁଟିଂ ସମୟରେ ବିଷୟବସ୍ତୁକୁ କିପରି ଠିକ୍ ଭାବରେ ଅବତାରଣା କରାଯାଇପାରିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଛି। ନିଜ ନିଜ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ କଳାକାରମାନେ ଚେଷ୍ଟା କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ସବୁଠାରୁ



'ଘମାଘୋଟ' ଫିଲ୍ମର ଏକ ଦୃଶ୍ୟ

ଏହାର ପୋଷ୍ଟର ରିଲିଜ ହେବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏହାକୁ ପ୍ରଯୋଜନା କରିଛନ୍ତି କୌଶିକ ଦାସ। ସହ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ରାମ ପଟ୍ଟନାୟକ ଏବଂ କୌସ୍ତବ ଦାସ। ଚିତ୍ର ବିଷୟରେ କୌଶିକ କହନ୍ତି, 'ଯେତେବେଳେ ଏହାର କାହାଣୀ ଚୟନ କରାଗଲା, ସେତେବେଳେ ତାହା କିପରି ସବୁ ପିଢ଼ିର ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ସେ ନେଇ ଗୁରୁତ୍ୱ ଦିଆଯାଇଥିଲା। ବଡ଼ କଥା ହେଲା ବର୍ତ୍ତମାନ ଏହାକୁ ଓଡ଼ିଆ ଭାଷାରେ ନିର୍ମାଣ କରାଯାଇଛି। ଖୁବ୍ ଶୀଘ୍ର ଏହାକୁ ହିନ୍ଦୀ, ତେଲୁଗୁ, ତାମିଲ ଏବଂ ମାଲାୟାଲାମ ଭାଷାରେ ଡବିଂ କରାଯିବ।' ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସନୋଜ କୁମାର, ଅଭିଷେକ ପଣ୍ଡା, ସନ୍ଦୀପ ମିଶ୍ର, ତପି ମିଶ୍ର, ଆକାଶ ରାଉତ, ଶୈଳେନ୍ଦ୍ର ସାମନ୍ତରାୟ, କ୍ରିଷ୍ଣା କର, ଏମୋନ ପ୍ରଧାନ ଏବଂ ବିଭାସ ପ୍ରମୁଖ କଳାକାର।

## ରିଲିଜ୍ ଅପେକ୍ଷାରେ..

# ସିକନ୍ଦର କା ମୁକନ୍ଦର

ଏକ ରହସ୍ୟମୟ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ହିନ୍ଦୀ ସିନେମା 'ସିକନ୍ଦର କା ମୁକନ୍ଦର'। କାହାଣୀ ଅନୁସାରେ ଏକ ହୀରା ଚୋରି ଗ୍ୟାଙ୍ଗ ସହରରେ ସମସ୍ୟା ସୃଷ୍ଟି କରିଛି। ଏଥିରେ ଲୋକମାନେ ଅତିଷ୍ଠ ହେବା ପରେ ପୋଲିସ ଏହି ଗ୍ୟାଙ୍ଗକୁ ଧରିବାକୁ ତତ୍ପର ହୋଇଉଠିଛି। ଶେଷରେ ଏହି ଛକାପଞ୍ଝା ଖେଳରେ କିଏ ଜିତୁଛି ତାହା ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ନୀରଜ ପାଣ୍ଡେ। ଖାସ୍ କଥା ହେଲା ଏହି ଫିଲ୍ମଟିକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏଥିରେ ଅଭିନୟ କରିଥିବା ତମନ୍ନା ଭାଟିଆ। ''ଏଥିରେ ମୋତେ ଏକ ମନଲାଖି ଭୂମିକାଟିଏ ମିଳିଛି। ଏକ ସସ୍‌ପେନ୍ସ ଥ୍ରୀଲର କାହାଣୀକୁ ଆଧାର କରି ଚଳଚ୍ଚିତ୍ରଟିକୁ ନିର୍ମାଣ କରାଯାଇଛି। ସତ କଥା କହିବାକୁ ଗଲେ ଏଭଳି ଫିଲ୍ମରେ ଅଭିନୟ କରିବାର ମଜା ନିଆରା।' ଏହାର କାହାଣୀ ଲେଖିଛନ୍ତି ନୀରଜ ପାଣ୍ଡେ ଏବଂ ଭିପୁଲ କେ. ରାହୁଲ। ଏହି ସିନେମା ଚଳିତ ମାସ ୨୯ ତାରିଖରେ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ ହେବାକୁ ଯାଉଛି। ଏଥିରେ ତମନ୍ନାଙ୍କ ବ୍ୟତୀତ ଅଶ୍ରୁତ ଜୈନ ଏବଂ ଜିମ୍ମି ଶେରଗିଲ୍ ଅଭିନୟ କରିଛନ୍ତି। ଚିତ୍ରଟିର ଅବଧି ରହିଛି ୨ଘଣ୍ଟା ୨୪ ମିନିଟ୍। ତମନ୍ନା ପ୍ରଥମେ ଏକ ମ୍ୟୁଜିକ ଭିଡିଓରେ ଅଭିନୟ କରିଥିଲେ। 'ଚାନ୍ଦ ସା ରୋଶନ ଚେହେରା' ଥିଲା ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା।



ତମନ୍ନା

# ଅତୀତରୁ ଅଭିନେତା ହୋଇ ନ ଥିଲେ..

⏭ଜୟନ୍ତ କୁମାରଙ୍କ ପ୍ରଯୋଜିତ 'ମାନସୀ' ଫିଲ୍ମର ନାୟକ ସାଜିଥିଲେ ଶ୍ରୀରାମ ପଣ୍ଡା। ଏହାର ନିର୍ଦ୍ଦେଶନା ଦେଇଥିଲେ ମଳୟ ମିତ୍ର। ତ୍ରିପୁରା ମିଶ୍ର ଏବଂ ସ୍ୱରୂପ ନାୟକ ମଧ୍ୟ ଏଥିରେ ଅଭିନୟ କରିଥିଲେ।

⏭ଓଡ଼ିଆ ସିନେମା 'ଅଶାନ୍ତ ଗ୍ରହ'ର ବିଭିନ୍ନ ଭୂମିକାରେ ଶରତ ପୂଜାରୀ, ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ ପ୍ରମୁଖ ଅଭିନୟ କରିଥିଲେ। ତୋଫାନ ତ୍ରିପାଠୀ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ।

⏭'ବନ୍ଧୁମହାନ୍ତି' ଫିଲ୍ମର ପ୍ରଯୋଜନା କରିଥିଲେ ଧୀରେନ ପଟ୍ଟନାୟକ। ନିତାଇ ପାଲିତଙ୍କ ନିର୍ଦ୍ଦେଶିତ ଏହି ଚିତ୍ରରେ ଗୋବିନ୍ଦ ତେଜ, ଧୀର ବିଶ୍ୱାଳ, ଶାନ୍ତିସ୍ୱରୂପ, ବନଜା ମହାନ୍ତି, ବୀରେନ ରାଉତରାୟ ପ୍ରମୁଖ ଅଭିନୟ କରିଥିଲେ।

⏭ପ୍ରତାପ ମୁଭି ଏଣ୍ଟରଟେନମେଣ୍ଟ, ଗଞ୍ଜାମ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ପୁନର୍ମିଳନ'। ଏହାର ନିର୍ଦ୍ଦେଶନା ଦେଇଥିଲେ କେ.ଏଚ୍.ଡି ରାଓ। ଗୀତଗୁଡ଼ିକର ସ୍ୱରରେ ସଜାଇଥିଲେ ଉପେନ୍ଦ୍ର କୁମାର। ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ ଅଜିତ ଦାସ, ଚକ୍ରପାଣି ଏବଂ ନିହାରିକା।



ସୁନୀଲ ସେଟ୍ଟୀ

ବଲିଉଡ୍‌ରେ ସୁନୀଲ ସେଟ୍ଟୀଙ୍କ ପରିଚୟ ଦେବା କେବଳ ଧୃଷ୍ଟତା ମାତ୍ର। ଥରେ ମନେପକାନ୍ତୁ ନା ୨୦୦୦ ମସିହାରେ ମୁକ୍ତିଲାଭ କରିଥିବା ଟ୍ରାଇ-ଆଙ୍ଗୁଲାର ଲଭ୍ ଷ୍ଟୋରି ବିଶିଷ୍ଟ ଫିଲ୍ମ 'ଧଡ଼କନ୍'କୁ। ଏଥିରେ ଦେବ୍ ଚରିତ୍ରରେ ସୁନୀଲ ସାଜିଁଥିଲେ ଆଶାତୀତ ସଫଳତା। ଏ ପର୍ଯ୍ୟନ୍ତ ଏହି ଭୂମିକାଟି ତାଙ୍କର ସବୁଠାରୁ ମନ ପସନ୍ଦର ଚରିତ୍ର ହୋଇ ରହିଛି ବୋଲି କହନ୍ତି ସୁନୀଲ। ହେଲେ ଯଦି ସେ ଅଭିନେତା ହୋଇ ନ ଥାନ୍ତେ ତେବେ କ'ଣ ହୋଇଥାଆନ୍ତେ ଜାଣନ୍ତି? ଜଣେ କ୍ରିକେଟ ଖେଳାଳି। ସ୍କୁଲରେ ପଢ଼ିବା ସମୟରେ ସେ ଭଲ କ୍ରିକେଟ ଖେଳୁଥିଲେ। ଏପରିକି ଅନେକ ଥର ସେ ନିଜ ସ୍କୁଲକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେତେବେଳେ ଭବିଷ୍ୟତରେ ଜଣେ କ୍ରିକେଟ ଖେଳାଳି ହେବାକୁ ଆଶା ରଖିଥିଲେ। ହେଲେ ଏକ ଫଟୋ ଶୁଟ୍ ତାଙ୍କର ଜୀବନରେ ଏକ ନୂଆ ମୋଡ଼ ଆଣିଥିଲା। ତା'ପରେ ସେ ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିନେଇଥିଲେ। ପିଲାଦିନେ ସେ ଭାରି ଦୁଷ୍ଟ ଥିଲେ। ୧୯୯୨ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଏବଂ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ବଲ୍‌ୱାନ୍'। ତା'ପରେ ସେ 'ୱକ୍ତ ହମାରା ହେ', 'ମୋହରା', 'ଗୋପି କିଷନ୍', 'ହମ୍ ହେ ବେମିଶାଲ', 'ଶସ୍ତ୍ର', 'ସପୁତ୍', 'ବର୍ଡର', 'ଜଜ୍ ମୁଜରିମ୍', 'ହମ୍ ସେ ବଢ଼କର କୌନ', 'ହେରାଫେରି' ଏବଂ 'ଧଡ଼କନ୍' ଆଦି ଫିଲ୍ମରେ ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି।

# ଘାରିଛି ମଟ୍‌କା ମାନିଆ

ଏବେ ବଲିଉଡ୍‌ରେ ମଟ୍‌କା ବା ମାଠିଆକୁ ନେଇ ଚର୍ଚ୍ଚା। ହେଲେ କ'ଣ ପାଇଁ ଜାଣିବେନି? କଥା କ'ଣ କି ନିର୍ମାଣାଧୀନ 'ବେବି ଜନ୍' ଫିଲ୍ମରେ ନୈନ୍ ମଟ୍‌କା ଶୀର୍ଷକ ଏକ ଗୀତ ଏବେ ବେଶ୍ ଭାଇରାଲ ହୋଇଛି। ଖାସ୍ କଥା ହେଲା ଏହି ଗୀତଟିକୁ ବରୁଣ ଧାୱନ ଏବଂ ଦକ୍ଷିଣ ଭାରତୀୟ ଅଭିନେତ୍ରୀ କୀର୍ତ୍ତି ସୁରେଶଙ୍କୁ ନେଇ ପିକ୍ଚରାଇଜେଶନ କରାଯାଇଛି। ମାତ୍ର ୩ ମିନିଟ୍ ୪୨ ସେକେଣ୍ଡ ଅବଧି ବିଶିଷ୍ଟ ତଥା ଇର୍ସାଦ କାମିଲଙ୍କ ରଚିତ ଏହି ଗୀତଟିକୁ ସ୍ୱରରେ ସଜାଇଛନ୍ତି ଏସ୍. ଥମାନ। କଣ୍ଠଦାନ କରିଛନ୍ତି ଏସ୍. ଥମାନ, ଦିଲଜିତ ଦୋସାଞ୍ଜ, ଧୀ' ଏବଂ ଇର୍ସାଦ କାମିଲ। ଏହି ଗୀତଟି ଭାଇରାଲ ହେବା ପରେ ପ୍ରଥମ ଥର ପାଇଁ ଏହି ଫିଲ୍ମରୁ ବଲିଉଡ୍‌ରେ ଏଣ୍ଟ୍ରି କରୁଥିବା କୀର୍ତ୍ତିଙ୍କ ଖୁସି କହିଲେ ନ ସରେ। ଏହାକୁ କିପରି ଅଧିକ ପ୍ରଚାର ପ୍ରସାର କରାଯାଇପାରିବ ସେଥିପାଇଁ ସେ ଏବେଠାରୁ ଅଣ୍ଟା ଭିଡ଼ିଦେଇଛନ୍ତି। ଏ ବିଷୟରେ ସେ କହନ୍ତି, ''ଏହି ଗୀତଟିକୁ ଯେମିତି କମ୍ପୋଜିଙ୍ଗ କରାଯାଇଛି ଠିକ୍ ସେମିତି ତାହାର ପିକ୍ଚରାଇଜେଶନ ମଧ୍ୟ କରାଯାଇଛି। ଗୀତଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଉଭୟ ମୁଁ ଏବଂ ବରୁଣ ବହୁତ ପରିଶ୍ରମ କରିଛୁ।'' ଅଟଲି, କାଲିସ୍ ଏବଂ ସୁମିତ ଆରୋରାଙ୍କ କାହାଣୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। କାଲିସ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ବରୁଣ ଧାୱନ, କୀର୍ତ୍ତି ସୁରେଶ ଏବଂ ଜ୍ୟାକି ଶ୍ରଫ ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟି ଆସନ୍ତା ମାସ ୨୫ରେ ରିଲିଜ୍ ହେବାକୁ ଯାଉଛି।



କୀର୍ତ୍ତି

# ଖୋଜୁଛନ୍ତି ହୁମା

ହୁମା କ୍ୟୁରେସୀ ଏବେ ଗୋଟିଏ ଜିନିଷ ଖୋଜିବାରେ ବ୍ୟସ୍ତ। ତାହା କ'ଣ ଜାଣନ୍ତି? ସେ ଏଭଳି ଏକ କାହାଣୀଟିଏ ଖୋଜୁଛନ୍ତି, ଯାହାକୁ ନେଇ ଏକ ସୁନ୍ଦର ୱେବ୍ ସିରିଜ ନିର୍ମାଣ କରାଯାଇପାରିବ। ହେଲେ ହଠାତ୍ ତାଙ୍କର ୱେବ୍ ସିରିଜ୍ ପ୍ରତି ଆଗ୍ରହ ସୃଷ୍ଟି ହେଲା କାହିଁକି? କଥା କ'ଣ କି ଗତ ବର୍ଷ ସେ ଓଟିଟି ପ୍ଲାଟଫର୍ମରେ ପାଦ ଥାପିଥିଲେ। ପୁଣି ପ୍ରଥମ ପ୍ରୋଜେକ୍ଟରେ ତାଙ୍କୁ ମିଳିଥିଲା ଆଶାତୀତ ସଫଳତା। 'ମହାରାଣୀ' ନାମକ ୱେବ୍ ସିରିଜ୍‌ରେ ତାଙ୍କର ଭୂମିକାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଏଥିରେ ତାଙ୍କୁ ଜଣେ ମୁଖ୍ୟମନ୍ତ୍ରୀ ଭୂମିକାରେ ଦେଖିବାକୁ ମିଳିଥିଲା। ଏ ବିଷୟରେ ହୁମା କହନ୍ତି, ''ସତ କଥା କହିବାକୁ ଗଲେ ଓଟିଟି ପ୍ଲାଟ୍‌ଫର୍ମରେ ଅଭିନୟ କରିବାର ମଜା ନିଆରା। 'ମହାରାଣୀ'ରେ ଆକ୍ଟିଂ କରିବା ପରେ ମୁଁ ଯେଉଁ ଅଭିଜ୍ଞତା ସାଉଁଟିଛି ତାହା ମୋ ପାଇଁ ବେଶ୍ ପ୍ରେରଣାଦାୟକ ହୋଇଛି। ସେଥିଲାଗି ଏବେ ମୁଁ ୨-୩ଟି ଭଲ କାହାଣୀ ଖୋଜୁଛି, ଯାହାକୁ ଆଧାର କରି ୱେବ୍ ସିରିଜ୍ ନିର୍ମାଣ କରାଯାଇପାରିବ।'' ତେବେ ହୁମାଙ୍କର ଏହି ମିଶନ କେତେ ସକ୍‌ସେସ ହେଉଛି ତାହା ଆଗାମୀ ସମୟ ହିଁ କହିବ। ସୂଚନାଯୋଗ୍ୟ, ଏହାପୂର୍ବରୁ ସେ ବେଶ୍ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି। ହୁମାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଗ୍ୟାଙ୍ଗ୍‌ସ ଅଫ୍ ୱାସେପୁର'।



ହୁମା

# କପି କରି ନୟନତାରା ହଟହଟା



ଚେନ୍ନାଇ

ଅଭିନେତ୍ରୀ ନୟନତାରା କପି କରି ହଟହଟା ହୋଇଛନ୍ତି। ଅଭିନେତା ଧନୁଷଙ୍କର 'ୱଣ୍ଡରବାର ଫିଲ୍ମସ୍ ପ୍ରାଇଭେଟ ଲିମିଟେଡ୍' ପକ୍ଷରୁ ବୁଧବାର ତାଙ୍କ ବିରୋଧରେ ମାଡ୍ରାସ ହାଇକୋର୍ଟରେ ଏକ ପିଟିଶନ ଦାଖଲ କରାଯାଇଛି। ତାମିଲ ଚଳଚ୍ଚିତ୍ର 'ନାନୁମ୍ ରୋଡି ଧାନ୍'ର କିଛି ଭିଜୁଆଲକୁ ନୟନତାରା ତାଙ୍କ ଡକ୍ୟୁମେଣ୍ଟାରି ଫିଲ୍ମ 'ନୟନତାରା: ବିୟଣ୍ଡ ଦି ଫେୟରି ଟେଲ୍'ରେ ୩ ସେକେଣ୍ଡ ପାଇଁ ବ୍ୟବହାର କରିଥିଲେ। ତେଣୁ ଧନୁଷ୍ ନୟନତାରାଙ୍କ କମ୍ପାନୀ 'ରାଉଡି ପିକ୍ଚର୍ସ ଲିମିଟେଡ୍' ଏବଂ ତାଙ୍କ ସ୍ୱାମୀ ଭିଗ୍ନେଶ ଶିବନ୍‌ଙ୍କ ବିରୋଧରେ ମାଡ୍ରାସ ହାଇକୋର୍ଟରେ ପିଟିଶନ ଦାଖଲ କରିଛନ୍ତି।

ମାଡ୍ରାସ ହାଇକୋର୍ଟଙ୍କ ନିକଟରେ ଦାଖଲ ହୋଇଥିବା ଏହି ଆବେଦନରେ କୁହାଯାଇଛି, ନୟନତାରା ବିନା ଅନୁମତିରେ ନିଜ ନେଟ୍‌ଫ୍ଲିକ୍ସ ଡକ୍ୟୁମେଣ୍ଟାରି ଫିଲ୍ମ 'ନୟନତାରା: ବିୟଣ୍ଡ ଦି ଫେୟରି ଟେଲ୍'ରେ 'ନାନୁମ୍ ରୋଡି ଧାନ୍'ର କିଛି ଦୃଶ୍ୟକୁ ବ୍ୟବହାର କରିଛନ୍ତି। ବୁଧବାର ହୋଇଥିବା ଶୁଣାଣିରେ ହାଇକୋର୍ଟ ଉଭୟ ପକ୍ଷର ପ୍ରାଥମିକ ଯୁକ୍ତି ଶୁଣିଛନ୍ତି। ପରବର୍ତ୍ତୀ ଶୁଣାଣିରେ ଧନୁଷ୍‌ଙ୍କ ପିଟିଶନର ଜବାବ ରଖିବାକୁ ହାଇକୋର୍ଟ ନୟନତାରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ହାଇକୋର୍ଟରେ ଧନୁଷ୍

ତେବେ ପୂର୍ବରୁ ଏହି ବିବାଦ ନେଇ ନୟନତାରା ସୋସିଆଲ ମିଡିଆରେ ମୁହଁ ଖୋଲିଥିଲେ। ସେ ନିଜ ଡକ୍ୟୁମେଣ୍ଟାରି ଫିଲ୍ମରେ 'ନାନୁମ୍ ରୋଡି ଧାନ୍' ଫିଲ୍ମର କିଛି ଫୁଟେଜ ବ୍ୟବହାର କରିବାକୁ ଧନୁଷ୍‌ଙ୍କଠାରୁ ଅନୁମତି ମାଗିଥିଲେ। ତେବେ ବାରମ୍ବାର ଅନୁରୋଧ ସତ୍ତ୍ୱେ ମଧ୍ୟ ଧନୁଷ୍‌ଙ୍କଠାରୁ ଏହି ଅନୁମତି ମିଳି ନ ଥିଲା। ତେଣୁ ସେ ବାଧ୍ୟ ହୋଇ ତାଙ୍କ ଡକ୍ୟୁମେଣ୍ଟାରି ଫିଲ୍ମରେ ୩ ସେକେଣ୍ଡର ଏକ ବିହାଇଣ୍ଡ ଦି ସିନ୍(ବିଟିଏସ୍) ଫୁଟେଜର ବ୍ୟବହାର କରିଥିଲେ। ତେଣୁ ଧନୁଷ୍ ତାଙ୍କୁ ୧୦ କୋଟି ଟଙ୍କାର ଏକ ଆଇନଗତ ନୋଟିସ ପଠାଇଥିଲେ ବୋଲି ନୟନତାରା କହିଥିଲେ। ପ୍ରକାଶ ଯେ, ୨୦୧୫ରେ ରିଲିଜ୍ ହୋଇଥିବା ତାମିଲ ଚଳଚ୍ଚିତ୍ର 'ନାନୁମ୍ ରୋଡି ଧାନ୍'ରେ ନୟନତାରା ଏବଂ ଧନୁଷ୍ ମୁଖ୍ୟ ଭୂମିକାରେ ଥିଲେ। ନୟନତାରାଙ୍କ ସ୍ୱାମୀ ଭିଗ୍ନେଶ ଏହି ଚଳଚ୍ଚିତ୍ରର ଲେଖକ ତଥା ନିର୍ଦ୍ଦେଶକ ଥିଲେ। ଫିଲ୍ମଟି ଧନୁଷ୍‌ଙ୍କ ୱଣ୍ଡରବାର ଫିଲ୍ମସ୍ ଦ୍ୱାରା ନିର୍ମିତ ହୋଇଥିଲା।

# କପେ ଚା'କୁ ଲକ୍ଷେ ଟଙ୍କା

ଦୁବାଇ

ସାଉଦି ଆରବର ଦୁବାଇସ୍ଥିତ ଏକ କାଫେରେ ଏପରି ଏକ ଚା'ପରଷା ଯାଉଛି, ଯାହାର ଦାମ ୧ ଲକ୍ଷ ଟଙ୍କା ରହିଛି।

ଦୁବାଇର ଡିଆଇଏଫ୍‌ସି ଏମିରେଟ୍ସ ଫାଇନାନ୍ସିଆଲ ଟାୱାର ନିକଟରେ 'ବୋହୋ ସିଏଫ୍‌ଇ' ନାମରେ ଏକ କାଫେ ରହିଛି। ଭାରତୀୟ ବଂଶୋଦ୍ଭବ ସୁଚେତ୍ରା ଶର୍ମାଙ୍କ ମାଲିକାନାରେ ଥିବା ଏହି କାଫେର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଜଣେ ମହିଳା ଫୁଡ୍ ବ୍ଲଗର ଏହି କାଫେରେ ଚା' ପିଇ ଉପଭୋଗ କରୁଥିବା ନଜରକୁ ଆସିଛନ୍ତି। ଏହି ଚା'ର ନାମ ଗୋଲ୍ଡେନ କଡ଼କ ରହିଥିବା ସେ କହିଛନ୍ତି। ତେବେ ଏହି ଚା'କୁ ସୁନା ଓ ଅଳଙ୍କାରରେ ସଜ୍ଜିତ କରାଯାଇଥିବା ସହ ରୁପାରେ ନିର୍ମିତ ପ୍ଲେଟ୍ ଏବଂ କପ୍‌ରେ ପରଷା ଯାଇଥିବା ନେଇ ମହିଳା ଫୁଡ୍ ବ୍ଲଗର ଜଣକ ଭିଡିଓରେ କହିଛନ୍ତି। ଏହା ବିଶ୍ୱର ସବୁଠୁ ମହଙ୍ଗା ଏବଂ ବିଳାସପୂର୍ଣ୍ଣ ଚା' ହୋଇଥିବା ସେ କହିଛନ୍ତି।



NIRMANA GROUP OF INSTITUTIONS
Since 1999
AFFILIATED TO NCVT, ONMRC, UTKAL UNIVERSITY, UTKAL UNIVERSITY OF CULTURE & AICTE
COURSE OFFERS
Start here
Go any where ...
ITI (ELECTRICIAN, FITTER, COPA, OLD AGE CARE, DRESS MAKING)
BBA BCA ANM PGDM
BTTM BHM GNM
STIPEND FACILITIES FOR SC, ST, OBC & MINOTORIES
FOR ADMISSION CONTACT -7008175588
NIRMANA INSTITUTE OF MANAGEMENT & TEHNOLOGY, NEAR SBI, BALAKATI, MOB : 9040479879

#MAKEWAY
THE WORLD CALLS IT
THE FUTURE
WE CALL IT VIDA V1.
Now available at BARGARH
TEST RIDE TODAY
VIDA Powered by Hero
BOOKING GOING ON
COLORS AVAILABLE
AAKASH MOTORS
BHATLI ROAD, BARGARH
MOB: 9289922181

# ୨୨ ହଜାର କି.ମି. ପଦଯାତ୍ରା, ଏକତାର ବାର୍ତ୍ତା

କୋଟା

ରାଜସ୍ଥାନର କୋଟା ସହରସ୍ଥିତ ପ୍ରେମନାଗର ନିବାସୀ ଦୀପକ ବର୍ମା(୨୫) ଏକ ନିଆରା ପଦକ୍ଷେପ ଆରମ୍ଭ କରିଛନ୍ତି। ସାରା ଦେଶରେ ଲୋକଙ୍କୁ ପାରସ୍ପରିକ ଭାଇଚାରା ଏବଂ ଏକତାର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ସେ ୨୨ ହଜାର କିଲୋମିଟରର ପଦଯାତ୍ରା ଆରମ୍ଭ କରିଛନ୍ତି। ଏହି ପଦଯାତ୍ରା ସମୟରେ ସେ ସନାତନ ଧର୍ମର ପ୍ରଚାର ପ୍ରସାର ମଧ୍ୟ କରୁଛନ୍ତି। ଏବେ ସେ ଏହି ଯାତ୍ରାରେ ଛତିଶଗଡ଼ର କୋର୍‌ବାରେ ପହଞ୍ଚିଛନ୍ତି।

ସେ ୨୦୨୩ ମାର୍ଚ୍ଚ ୨୫ରେ କୋଟାସ୍ଥିତ ନିଜ ବାସଭବନରୁ ଏହି ଯାତ୍ରା ଆରମ୍ଭ କରିଥିଲେ। ୨୦୨୭ରେ ତାଙ୍କର ଏହି ଯାତ୍ରା ଶେଷ ହେବ ବୋଲି ଦୀପକ କହିଛନ୍ତି। ଦୈନିକ ସେ ଚାଲିଚାଲି ୨୫ରୁ ୩୦ କି.ମି. ଦୂରତା ଅତିକ୍ରମ କରନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସେ ଏକ ନିରାପଦ ସ୍ଥାନ ଖୋଜି ସେଠାରେ ବିଶ୍ରାମ କରନ୍ତି। ବର୍ତ୍ତମାନ ସୁଦ୍ଧା ଦୀପକ ରାଜସ୍ଥାନ, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର ଏବଂ ନେପାଳରେ ନିଜ ଯାତ୍ରା ଶେଷ କରିଛନ୍ତି। ଏବେ ସେ ଛତିଶଗଡ଼ର କୋର୍‌ବା ଜିଲାର ପୌଡ଼ି ଉପୋରାଡ଼ା ବ୍ଲକ ଦେଇ ଅମ୍ବିକାପୁରକୁ ଯାଉଛନ୍ତି ଏବଂ ସେଠାରେ ଯାତ୍ରା ଶେଷ କରିବା ପରେ ଦୀପକ ଝାଡଖଣ୍ଡରେ ପ୍ରବେଶ କରିବେ।

SRI SRI NRUSINGHANATH TEMPLE
INDEX NO.1406/8NS, AT-DURGAPALI, PO-PAIKMAL,
DIST-BARGARH, PH NO.06684-250514,
Website: www.nrusinghanathtemple.in,
e-mail id:srisrinrusinghanathtemple@gmail.com

ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ପ୍ରତିବର୍ଷ ଏକ ଦିନର ଅମୃତ ମଣୋହି ଭୋଗ ସକାଶେ ଟ.୫୦୦୧/- (ବ୍ୟାଙ୍କ ଡ୍ରାଫ୍ଟ, ଚେକ୍ କିମ୍ବା ନିଜେ ଉପସ୍ଥିତ ରହି) ଜମା ନିଆଯାଏ । ଦାତାଙ୍କ ନାମ ଓ ଗୋତ୍ରରେ ଭୋଗ ଠାକୁରଙ୍କ ପାଖରେ ଲଗାଯାଇ ହରିହର ପଙ୍ଗତରେ ମାଗଣାରେ ସମସ୍ତ ଯାତ୍ରୀଙ୍କୁ ପ୍ରସାଦ ବିତରଣ କରାଯାଇଥାଏ । ଦାତାଙ୍କ ନାମରେ ସକାଳୁ ଖିଚିଡ଼ି ଭୋଗ, ରାଜ ଭୋଗ, ଯାମିନୀ ଭୋଗ ଲଗାଯାଇଥାଏ । ଇଚ୍ଛୁକ ଦାତା ଯୋଗାଯୋଗ କରିବାକୁ ଅନୁରୋଧ ।

ଦାତାମାନଙ୍କ ତଥା ସର୍ବସାଧାରଣଙ୍କ ମଙ୍ଗଳ ସକାଶେ
ପ୍ରଭୁ ଶ୍ରୀ ଶ୍ରୀ ନୃସିଂହନାଥଙ୍କଠାରେ ଆମର ପ୍ରାର୍ଥନା ।

ଶ୍ରୀ ପ୍ରଫୁଲ୍ଲ କୁମାର ଓଦ୍ଦୁ
ବି.ଡି.ଓ., ପାଇକମାଳ ତଥା
ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟୀ
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର

ଶ୍ରୀ ପୁରୁଷୋତ୍ତମ ପ୍ରଧାନ
କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର
ମୋ:-୭୬୮୩୮୩୪୮୬୨

With Best Compliments From...
SWADHIN +2 & +3 RESIDENTIAL COLLEGE
NIMAPADA, PURI
Mr. SWADHIN KU. SAHOO
Director
Mob. No. : 7606961218, 9861322669

ସୁରକ୍ଷା ପ୍ରକଳ୍ପସ୍ତରୀୟ ମହାସଂଘ
(ନିମାପଡ଼ା ବ୍ଲକ୍)

ସୁରକ୍ଷା ପ୍ରକଳ୍ପସ୍ତରୀୟ ମହାସଂଘ ଦୀର୍ଘ ୧୧ ବର୍ଷ ଧରି ନିମାପଡ଼ା ବ୍ଲକ୍‌ରେ ଅନେକ ଜନହିତକର କାର୍ଯ୍ୟ ନିରବଚ୍ଛିନ୍ନ ଭାବେ କରି ଆସୁଛି । ମହିଳାମାନଙ୍କୁ ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ କରିବା ଦିଗରେ ମହାସଂଘ ବହୁ ପଦକ୍ଷେପ ଗ୍ରହଣ କରିଛି । ତନ୍ମଧ୍ୟରୁ ମିଶନଶକ୍ତି କାଫେ, ସ୍ୱାସ୍ଥ୍ୟକେନ୍ଦ୍ରରେ କାଫେ ଜରିଆରେ ସେବା ଯୋଗାଇ ଦେଇଆସୁଛି । ବ୍ଲକ୍ ଅଞ୍ଚଳରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସଂପୂର୍ଣ୍ଣ ପୁଷ୍ଟି ଯୋଜନାରେ ଉନ୍ନତ ମାନର ଖାଦ୍ୟ ଯୋଗାଇଦେଉଛି । ବ୍ଲକ୍‌ର ୩୨ଟି ଗ୍ରାମପଞ୍ଚାୟତକୁ ନେଇ ମହାସଂଘ କାର୍ଯ୍ୟକରୁଛି । ତୃଣମୂଳସ୍ତରରୁ ମା' ମାନେ କିପରି ଏସ୍.ଏସ୍.ଜି. ରୁ ଏସ୍.ଏ.ମି ହୋଇପାରିବେ ଏ ଦିଗରେ ମହାସଂଘ ପ୍ରଚେଷ୍ଟା ଓ ଉଦ୍ୟମ ଚଳାଇଛି ।

ସଭାପତି
ସୌଦାମିନୀ ବେହେରା
(ସୁରକ୍ଷା ପ୍ରକଳ୍ପ ସ୍ତରୀୟ ମହାସଂଘ)

ସଂମ୍ପାଦିକା
ମମତାରାଣୀ ପାଇକରାୟ
(ସୁରକ୍ଷା ପ୍ରକଳ୍ପ ସ୍ତରୀୟ ମହାସଂଘ)

Admission Open for 2024-25
MAHESWARI GROUP OF INSTITUTIONS
*+2 SCIENCE & ARTS COLLEGE *NEW LIFE CLUB (NGO)
CAMPUS:- Bhatli Chowk, Bargarh

| COURSE | ELIGIBILITY |
| --- | --- |
| Ph D Nursing | M.Sc. (N) with 60% & 3 Years experience |
| M.Sc. Nursing (Male / Female) 2Years Course | B.Sc. (N) / P.B.B.Sc. (N) Passed with 1 year experience (Clinical / Teaching) |
| B.Sc. Nursing (Male / Female) 4Years Course | 12th Science Passed with PCB (45% Gen & 40% SC / ST |
| P.B.B.Sc. Nursing (Male / Female) 2Years Course | GNM Passed |
| GNM (STAFF NURSE) (Male / Female) 3 Years Course | 12th Pass any stream (40% for Gen & 35% SC / ST) |
| ANM (HW/F) (Female) 2 Years Course | 12th Pass any stream |
| DMLT (Male / Female) 2Years Course | 12th Science Pass with Phy, Chem, Biology and/or Math |
| D PAHRM (Male / Female) 2Years Course | 12th Science Pass with Phy, Chem, Biology and/or Math |
| +2 ARTS & SCIENCE (Male / Female) 2Years Course | 10th Pass |
| B.Sc. in Emergency Medicine Technology (BEMT) (Male / Female) 3Years Course | 12th Science Pass with Phy, Chem, Biology and/or Math (50% Gen, 40% SC/ST) |
| Certified OT Technician (COTT) (Male / Female) 1Year Course | 12th Science Pass with Phy, Chem, Biology and/or Math |
| Certified ECG Technician (CECGT) (Male / Female) 6Months Course | 12th Science Pass with Phy, Chem, Biology and/or Math |
| Certified Course in First Aid (CCFA) (Male / Female) 6Months Course | 10th Pass |
| Open Private Examination Centre UG/P,G, Course Under Sambalpur University Nodal Centre at Rourkela Senior Nursing College, Sankara, Sundargarh | PG COURSE (M.A.), History, Odisha, Pol. Sc, English, Economics, Commerce, B.A. Hons, B.Com (Hons), IRPM, LLPM, Hindi, Sanskrit |
| Maheswari English Medium School (CBSE PATTERN) | Nursery, LKG, UKG, STANDARD I to VIII |

CONTACT FOR ADMISSION: AT/PO:- SANKARA, DIST-SUNDARGARH, ODISHA, 770020
MOB: 94371-58472, 99376-93555, 8342927552,63711-82721, 79031-28874, Ph-06622-219214, FAX-06622-273781
Email: nlcattabira@gmail.com, rsncbsc@gmail.com, snggnmtrainingcolleg@gmail.com
Web:- www.maheswarigroup.in

PINGALAKHI PUBLIC WELFARE ORGANISATION
Laxmivihar (Dahijanga Mouza), Near Tala Andhia Behera Sahi,
Ratilo, Nimapara, Puri, Odisha, 752114
Ph : 06758-296265, Mob : 9437808569,
E-mail : pingalakhi@gmail.com, www.pingalakhi.org.in

Services Provided
1. B.Ed. in Special Education
2. D.Ed. in Special Education
3. R.D Higher Secondary School for the pwvD
4. Astabakra Special School for the CP
5. Ekalavya Shiksha Kendra
6. Centre for Autism
7. Therapeutic Services for ID
8. Kalinga Home for Mentally ill
9. Niladri Nilaya Rehabilitation Home for Beggars
10. S.K.B.B. Graphics

Sd./- President
Pingalakhi Public Welfare Organisation
Nimapara, Puri, Odisha

With Best compliments from
AARTI STEELS LIMITED
Aarti
Ghantikhal, Cuttack
Sharing The Dreams of Odisha
ISO 45001
ISO 9001:2015
IATF 16949:2016
WORKS
Ghantikhal , P.O . Mahakalbasta,
Dist. - Cuttack -754029 (Odisha)
India. Phone : 91-671-7161000
REGISTERED OFFICE
G.t Road, Miller Ganj, Ludhiana (Pb.)
141003 India
Phone: 91-161-3006100
www.aartisteelsltd.com
info@aartisteelsltd.com

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୮/୨୦୨୪ Bhubaneswar, Thursday, November 28/ 2024

# ଗୁକେଶଙ୍କ ପ୍ରଥମ ବିଜୟ

**ସିଙ୍ଗାପୁର,୨୭।୧୧**

ସିଙ୍ଗାପୁରରେ ଚାଲିଥିବା ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରୁ ଭାରତ ପାଇଁ ଆସିଛି ଭଲ ଖବର। ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଡି. ଗୁକେଶ ଏହି ମେଗା ପ୍ରତିଯୋଗିତାରେ ପ୍ରଥମ ବିଜୟ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ତୃତୀୟ ରାଉଣ୍ଡରେ ସେ ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କୁ ପରାସ୍ତ କରିଛନ୍ତି। ୩୭ତମ

**ବିଶ୍ୱ ଚେସ୍ ଚାମ୍ପିୟନଶିପ୍**

ମୁଭ୍ ପରେ ଖେଳ ଶେଷ ହୋଇଥିଲା। ଧଳା ଗୋଟିରେ ଖେଳିଥିବା ଗୁକେଶ ବିଜୟ ହାସଲ ସହ ପ୍ରତିଯୋଗିତାକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟୁର୍ନାମେଣ୍ଟ ପୂର୍ବରୁ ଫେଭରାଇଟ ବିବେଚିତ ହେଉଥିଲେ ହେଁ ସେ ପ୍ରଥମ ରାଉଣ୍ଡରେ ଅପ୍ରତ୍ୟାଶିତଭାବେ ହାରି ଯାଇଥିଲେ। ପରେ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଉଭୟ ଖେଳାଳି ପଏଣ୍ଟ ଭାଗ କରିଥିଲେ। ୩



ତୃତୀୟ ରାଉଣ୍ଡ ଅବସରରେ ଡି. ଗୁକେଶ ଓ ଡିଙ୍ଗ୍ ଲିରେନ।

ରାଉଣ୍ଡ ଶେଷରେ ଏବେ ଉଭୟଙ୍କ ସ୍କୋର ୧.୫-୧.୫ ହୋଇଯାଇଛି। ଫଳରେ ପ୍ରତିଯୋଗିତାରେ ରୋମାଞ୍ଚ ଆସିଛି। ୧୪ ରାଉଣ୍ଡ ବିଶିଷ୍ଟ ଏହି ଦୀର୍ଘ ପ୍ରତିଯୋଗିତାରେ ଯେଉଁ ଖେଳାଳି ପ୍ରଥମେ ୭.୫ ପଏଣ୍ଟରେ ପହଞ୍ଚିବେ ସେ ଚାମ୍ପିୟନ ଘୋଷିତ ହେବେ। ବିଶ୍ୱ ଚାମ୍ପିୟନଶିପ୍‌ରେ ୧୮ ବର୍ଷୀୟ ଗୁକେଶ ହେଉଛନ୍ତି ସର୍ବକନିଷ୍ଠ ଚ୍ୟାଲେଞ୍ଜର। ତାଙ୍କର ମୁକାବିଲା ୩୨ ବର୍ଷୀୟ ଡିଙ୍ଗ ଲିରେନଙ୍କ ସହିତ ହେଉଛି। ''ଏହା ଏକ ଚମତ୍କାର ଅନୁଭବ। ଶେଷ ୨ ଦିନ ମୁଁ ଯେପରି ଖେଳିଛି ସେଥିରେ ବହୁତ ଖୁସି। ଏପରିକି ତୃତୀୟ ରାଉଣ୍ଡରେ ମୁଁ ଅଧିକ ଭଲ ପ୍ରଦର୍ଶନ କରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିବାରେ ସକ୍ଷମ ହୋଇଛି, ଯାହାକି ସବୁବେଳେ ଭଲ'' ବୋଲି ଖବରଦାତା ସମ୍ମିଳନୀରେ ଗୁକେଶ ପ୍ରକାଶ କରିଛନ୍ତି।

## ଅଷ୍ଟ୍ରେଲିଆ ଦଳରେ ୱେବ୍‌ଷ୍ଟର ସାମିଲ



**ଆଡିଲେଡ, ୨୭।୧୧ (ପି.ଟି.):** ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ କ୍ରିକେଟ ଟେଷ୍ଟ ଡିସେମ୍ବର ୬ରୁ ଆଡିଲେଡରେ ଆରମ୍ଭ ହେବ। ଏହା ଦିବାରାତ୍ର ବିଶିଷ୍ଟ ହେବ। ଏହି ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳରେ ଅନ୍‌କ୍ୟାପେଡ୍ ଖେଳାଳି ବିଉ ୱେବଷ୍ଟର ସାମିଲ ହୋଇଛନ୍ତି। ପ୍ରଥମ ଟେଷ୍ଟ ଅବସରରେ ମିଚେଲ ମାର୍ଶଙ୍କ ମାଂସପେଶୀ ଟାଣି ହୋଇଯାଇଥିବାରୁ ଅଷ୍ଟ୍ରେଲିଆ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବାକୁ ୧୦ ଦିନ ସମୟ ଥିବାରୁ ମାର୍ଶଙ୍କ ଫିଟ୍‌ନେସ ଉପରେ ନଜର ରଖାଯାଇଛି। ଯଦି ସେ ସମ୍ପୂର୍ଣ୍ଣ ଫିଟ୍ ନ ହୁଅନ୍ତି ତେବେ ୱେବଷ୍ଟର ଡେବ୍ୟୁ କରିବା ସମ୍ଭାବନା ରହିଛି ବୋଲି ଅଧିନାୟକ ପ୍ୟାଟ୍ କୁମିନ୍ସ ସୂଚନା ଦେଇଛନ୍ତି। ଟାସମାନିଆର ୩୦ ବର୍ଷୀୟ ୱେବଷ୍ଟର ଗତ ୨ ବର୍ଷଧରି ଶେଫିଲ୍ଡ ଶିଲ୍ଡ ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଆସିଛନ୍ତି।

## ପୁଣେରେ ହେବ ପ୍ଲେ ଅଫ୍, ଫାଇନାଲ

**ପୁଣେ, ୨୭।୧୧**

**ପ୍ରୋ କବାଡ଼ି ଲିଗ୍**




ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ସିଜନ-୧୧ର ପ୍ଲେ ଅଫ୍ ଓ ଫାଇନାଲ ପୁଣେରେ ଅନୁଷ୍ଠିତ ହେବ। ଡିସେମ୍ବର ୨୬ରୁ ୨୯ ପର୍ଯ୍ୟନ୍ତ ଏହା ବାଲେୱାଡି ସ୍ପୋର୍ଟ୍ସ କମ୍ପ୍ଲେକ୍ସର ବ୍ୟାଡ୍‌ମିଣ୍ଟନ ହଲ୍‌ରେ ଖେଳାଯିବ ବୋଲି ବୁଧବାର ପିକେଏଲ୍ ଆୟୋଜକ ମାଶାଲ ସ୍ପୋର୍ଟ୍ସ ପକ୍ଷରୁ ପ୍ରକାଶ କରାଯାଇଛି। ଡିସେମ୍ବର ୨୬ରେ ଏଲିମିନେଟର, ୨୭ରେ ସେମିଫାଇନାଲ ଏବଂ ୨୯ରେ ଫାଇନାଲ ଅନୁଷ୍ଠିତ ହେବ। ୬ ଦଳ ବିଶିଷ୍ଟ ପ୍ରତିଯୋଗିତାର ଶ୍ରେଷ୍ଠ ଦୁଇ ଦଳ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିବେ। ତୃତୀୟ ଓ ୬ଷ୍ଠ ଦଳ ମଧ୍ୟରେ ଏଲିମିନେଟର-୧ ଏବଂ ଚତୁର୍ଥ ଓ ପଞ୍ଚମ ଦଳକୁ ନେଇ ଏଲିମିନେଟର-୨ ଅନୁଷ୍ଠିତ ହେବ। ଏଲିମିନେଟର-୧ର ବିଜେତା ପ୍ରଥମ ସେମିଫାଇନାଲରେ ଟେବୁଲ ଟପ୍ପର ଦଳକୁ ଭେଟିବ। ସେହିପରି ଏଲିମିନେଟର-୨ର ବିଜେତା ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୨ୟ ସେମିଫାଇନାଲରେ ମୁକାବିଲା କରିବ। ପିକେଏଲ୍‌ର ମ୍ୟାଚଗୁଡ଼ିକ ଏବେ ନଏଡାରେ ଚାଲିଛି। ନଏଡାର ଇନ୍‌ଡୋର ଷ୍ଟାଡିୟମରେ ଏହା ଡିସେମ୍ବର ୧ ପର୍ଯ୍ୟନ୍ତ ଖେଳାଯିବ। ପରେ ଟୁର୍ନାମେଣ୍ଟର ଅବଶିଷ୍ଟ ଲିଗ୍ ମ୍ୟାଚଗୁଡ଼ିକ ଡିସେମ୍ବର ୩ରୁ ୨୪ ପର୍ଯ୍ୟନ୍ତ ପୁଣେରେ ଅନୁଷ୍ଠିତ ହେବ। ଏହାପରେ ସେହି ଭେନ୍ୟୁରେ ପ୍ଲେ ଅଫ୍ ଓ ଫାଇନାଲ ଖେଳାଯିବ।

## ଜୟପୁରରେ ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ):** ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ୪୩ତମ ରାଜ୍ୟ ଚାମ୍ପିୟନଶିପ୍ ଡିସେମ୍ବର ୬ରୁ ୮ ପର୍ଯ୍ୟନ୍ତ କୋରାପୁଟର ଜୟପୁରରେ ଅନୁଷ୍ଠିତ ହେବ। ନିଜର ଦକ୍ଷତା ଓ କୌଶଳ ପ୍ରଦର୍ଶନ ପାଇଁ ଜିମ୍ନାଷ୍ଟମାନଙ୍କର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ। ଜୟପୁରସ୍ଥିତ ଜିମ୍ନାଷ୍ଟିକ୍ସ ହଲ୍‌ରେ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ପାଖାପାଖି ୨୫୦ ପ୍ରତିଭାସମ୍ପନ୍ନ ଜିମ୍ନାଷ୍ଟ ଓ ଅଫିସିଆଲ ଅଂଶଗ୍ରହଣ କରିବା ଆଶା କରାଯାଉଛି ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ ପ୍ରକାଶ କରିଛନ୍ତି।

## ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ):** ଭିଲାଇଠାରେ ଚାଲିଥିବା ୧୫ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧୦୦ ରନରେ ବିଦର୍ଭଠାରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ୩୫ ଓଭରରେ ୪ ଉଇକେଟ ହରାଇ ୨୦୨ ରନ କରିଥିଲା। କାଦମ୍ବରି ଡି. ଠାକ୍‌ରେ ସର୍ବାଧିକ ୫୨ ଓ ଆର୍ଯ୍ୟା ଅଭୟ ପୋଙ୍ଗଡେ ୪୫ ରନ କରିଥିଲେ। ଜବାବରେ ଓଡ଼ିଶା ପୂରା ୩୫ ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୧୦୨ ରନ କରିବାକୁ ସକ୍ଷମ ହୋଇଥିଲା। ଯୁଭାଲିପି ପରିଡ଼ା ସର୍ବାଧିକ ୧୯ ରନ କରିଥିଲେ।

## ଫୁଟ୍‌ବଲରେ ମେସିଙ୍କ ପୁଅ

**ବୁଏନ୍ସ ଏରିଜ, ୨୭।୧୧ (ଏପି)**

ଆର୍ଜେଣ୍ଟିନା ଷ୍ଟାର ଲିଓନେଲ ମେସିଙ୍କ ଜ୍ୟେଷ୍ଠ ପୁତ୍ର ଥିଆଗୋ ମେସି ଫୁଟ୍‌ବଲ ଖେଳରେ ପାଦ ଥାପିଛନ୍ତି। ରୋସାରିଓ ସହର ଉପକଣ୍ଠରେ ଚାଲିଥିବା 'ନିୱେଲ୍ସ କପ୍'ରେ ପ୍ରଥମ ଥର ସେ ଏକ ପ୍ରତିଯୋଗିତାମୂଳକ ମ୍ୟାଚ ଖେଳିଛନ୍ତି। ସୋମବାର ଖେଳାଯାଇଥିବା ଆୟୋଜକ ନିୱେଲ୍ସ ଓଲ୍ଡ ବଏଜ୍ ବିପକ୍ଷ ଏହି ମ୍ୟାଚରେ ଥିଆଗୋ ଇଣ୍ଟର ମାୟାମି ୟୁଥ୍ ଟିମ୍ ତରଫରୁ ଖେଳିଥିଲେ। ଏଥିରେ ତାଙ୍କ ଜର୍ସିର ନମ୍ବର ୧୦ ରହିଥିଲା। ଏହି ପାରମ୍ପରିକ ୧୩ ବର୍ଷରୁ କମ୍ ପ୍ରତିଯୋଗିତାର ମ୍ୟାଚରେ ଇଣ୍ଟର ମାୟାମି ୧-୦ ଗୋଲରେ ହାରିଯାଇଥିଲା। ଏହି ଟିମ୍ ମଙ୍ଗଳବାର ମଧ୍ୟ ଏକ ମ୍ୟାଚ ଖେଳିଥିଲା। ସୂଚନାଯୋଗ୍ୟ, ଲିଓନେଲ ମେସି ରାଜଧାନୀ ବୁଏନ୍ସ ଏରିଜର ଉତ୍ତର-ପୂର୍ବରେ ୩୦୦ କି.ମି. ଦୂରରେ ଅବସ୍ଥିତ ରୋସାରିଓ ସ୍ଥିତ ଏକ ଆର୍ଜେଣ୍ଟେନିଆନ କ୍ଲବ ତରଫରୁ ଫୁଟ୍‌ବଲରେ ପ୍ରଥମେ ତାଙ୍କ ପାଦ ଥାପିଥିଲେ। ଥିଆଗୋଙ୍କ ଖେଳ ଦେଖିବା ଲାଗି ଷ୍ଟାଣ୍ଡରେ ତାଙ୍କ ମା' ଏବଂ ଜେଜେବାପା ଜର୍ଜ ମେସି, ଜେଜିମା ସେଲିଆ ସୁସିଟିନିଙ୍କ ସମେତ ତାଙ୍କ ପରିବାରର ବହୁ ସଦସ୍ୟ ଉପସ୍ଥିତ ଥିଲେ। ପିତା ଲିଓନେଲ ମେସି କିନ୍ତୁ ସେ ଦିନ ଉପସ୍ଥିତ ନ ଥିଲେ। ସେଦିନ ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଥିଆଗୋ ପଡ଼ିଆକୁ ଓହ୍ଲାଇଥିଲେ। ସେ ତାଙ୍କ ସାଥି ବେଞ୍ଜାମିନ ସୁଆରେଜଙ୍କ ସହିତ ଖେଳିଥିଲେ। ବେଞ୍ଜାମିନ ହେଉଛନ୍ତି ଉରୁଗୁୟାନ ଷ୍ଟ୍ରାଇକର ଲୁଇସ ସୁଆରେଜଙ୍କ ପୁତ୍ର। ଲୁଇସ୍ ବାର୍ସିଲୋନାରେ ମେସିଙ୍କର ଜଣେ ସାଥୀ ଖେଳାଳି। ବର୍ତ୍ତମାନ ଉଭୟ ଇଣ୍ଟର



ଥିଆଗୋ ମେସି

ମାୟାମିରେ ଖେଳୁଛନ୍ତି। ଏମ୍‌ଏଲ୍‌ଏସ୍ ପ୍ଲେ-ଅଫ୍‌ର ପ୍ରଥମ ପର୍ଯ୍ୟାୟରୁ ମାୟାମିର ବିଦାୟ ପରେ ମେସି ଓ ସୁଆରେଜ ବର୍ତ୍ତମାନ ରୋସାରିଓରେ ଅବସ୍ଥାନ କରୁଛନ୍ତି। ରବିବାର ଦୁହେଁ ଏହି ସମାନ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଇଣ୍ଟର ମାୟାମିର ୧୩ ବର୍ଷରୁ କମ୍ ଦଳ ବନାମ ୟୁନିୟନ ମଧ୍ୟରେ ଖେଳାଯାଇଥିବା ଏକ ବନ୍ଧୁତ୍ୱମୂଳକ ମ୍ୟାଚକୁ ଉପଭୋଗ କରିଥିଲେ। ଆର୍ଜେଣ୍ଟିନାରେ ଉତ୍ତର ଦକ୍ଷିଣ ଆମେରିକାର ୮ଟି ଦଳକୁ ନେଇ ୟୁଥ୍ ଟୁର୍ନାମେଣ୍ଟ ଖେଳାଯାଇଥାଏ।

## ଟି୨୦ରେ ଦ୍ରୁତତମ ଶତକ ହାସଲକଲେ ଉର୍ଭିଲ

**ଇନ୍ଦୋର, ୨୭।୧୧ (ପି.ଟି.):** ଜଣେ ଭାରତୀୟ ଖେଳାଳି ହିସାବରେ ଟି୨୦ କ୍ରିକେଟରେ ଦ୍ରୁତତମ ଶତକ ହାସଲ କରି ଏକ ରେକର୍ଡର ଅଧିକାରୀ ହୋଇପାରିଛନ୍ତି ଗୁଜରାଟର ଉଇକେଟକିପର-ବ୍ୟାଟର ଉର୍ଭିଲ ପଟେଲ। ଚଳିତ ସୟଦ ମୁସ୍ତାକ ଅଲି ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ସେ ତ୍ରିପୁରା ବିପକ୍ଷ ମ୍ୟାଚରେ ମାତ୍ର ୨୮ ବଲ୍‌ରେ ୩ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚି ଯାଇଥିଲେ। ଉର୍ଭିଲ ବର୍ଷକ ପୂର୍ବେ ଜଣେ ଭାରତୀୟ ଭାବେ ଲିଷ୍ଟ-ଏ କ୍ରିକେଟରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରିଥିଲେ। ୨୬ବର୍ଷୀୟ ଉର୍ଭିଲ ଜଣେ ଭାରତୀୟ ଭାବେ ଦ୍ରୁତତମ ଶତକ ହାସଲ କରି ରେକର୍ଡ କରିଥିବା ରିଷଭ ପନ୍ତଙ୍କୁ ଅତିକ୍ରମ କରିଯାଇଛନ୍ତି । ପନ୍ତ ୨୦୧୮ରେ ଖେଳାଯାଇଥିବା ସୟଦ ମୁସ୍ତାକ ଅଲି ଟ୍ରଫିରେ ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚରେ ୩୨ ବଲ୍‌ରେ ଶତକ ହାସଲ କରି ରେକର୍ଡ ପ୍ରତିଷ୍ଠା କରିଥିଲେ। ଉର୍ଭିଲଙ୍କ ଶତକ ଟି୨୦ କ୍ରିକେଟରେ କିନ୍ତୁ ଦ୍ୱିତୀୟ ଦ୍ରୁତତମ। ଇସ୍ତୋନିଆର ସାହିଲ ଚୌହାନ ସାଇପ୍ରସ ବିପକ୍ଷ ଗେମ୍‌ରେ ମାତ୍ର ୨୭ ବଲ୍‌ରେ ଶତକ ହାସଲ କରି ରେକର୍ଡର ଅଧିକାରୀ ହୋଇଛନ୍ତି। ଉର୍ଭିଲ ଗୁଜରାଟ ତରଫରୁ ବ୍ୟାଟିଂ ଓପନ କରିବାକୁ ଯାଇ ୧୨ ଛକା ଓ ୭ ଚୌକା ସହ ମାତ୍ର ୩୫ ବଲ୍‌ରେ ୧୧୩ ରନ କରି ଅପରାଜିତ ରହିଥିଲେ। ଗୁଜରାଟ ୧୦.୨ ଓଭରରେ ୧୫୬ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଚଳିତ ସପ୍ତାହ ପ୍ରଥମ ଭାଗରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳାଳି ନିଲାମିରେ ଉର୍ଭିଲଙ୍କୁ କୌଣସି ଦଳ ନେବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ। ଗୁଜରାଟ ଟାଇଟନ୍ସ ଦ୍ୱାରା ରିଲିଜ ହେବାପରେ ଗତବର୍ଷ ଠିକ୍ ଏହି ଦିନ ଚଣ୍ଡିଗଡ଼ଠାରେ ଅରୁଣାଚଳ ପ୍ରଦେଶ ବିପକ୍ଷ ବିଜୟ ହଜାରେ ଟ୍ରଫି ମ୍ୟାଚରେ ଉର୍ଭିଲ ଗୁଜରାଟ ପାଇଁ ୪୧ ବଲ୍‌ରେ ୧୦୦ରନ କରି ଅପରାଜିତ ରହିଥିଲେ। ଉର୍ଭିଲଙ୍କ ଏହି ଶତକ ଜଣେ ଭାରତୀୟ ବ୍ୟାଟର ଭାବେ ଲିଷ୍ଟ 'ଏ' କ୍ରିକେଟରେ ଦ୍ୱିତୀୟ ଦ୍ରୁତତମ ଥିଲା।

## ଥାଇଲାଣ୍ଡ ବିପକ୍ଷରେ ଭାରତର ବିପୁଳ ବିଜୟ


ଭାରତ-ଥାଇଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ମସ୍କଟ, ୨୭।୧୧ (ପି.ଟି.)**

**ଏସିଆ କପ୍ ଜୁନିୟର ହକି**

ଗତଥରର ଚାମ୍ପିୟନ ଭାରତ ଏସିଆ କପ୍ ଜୁନିୟର ହକି ଟୁର୍ନାମେଣ୍ଟର ପୁଲ୍ 'ଏ'ରେ ଥାଇଲାଣ୍ଡକୁ ୧୧-୦ଗୋଲରେ ପରାସ୍ତ କରି ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିଛି। ଭାରତ ଓ ଥାଇଲାଣ୍ଡ ବ୍ୟତୀତ ପୁଲ୍ 'ଏ'ରେ ଚାଇନିଜ ତାଇପେ, ଜାପାନ ଓ ଦକ୍ଷିଣ କୋରିଆ ସ୍ଥାନ ପାଇଛନ୍ତି। ସେହିପରି ପୁଲ୍ 'ବି'ରେ ପାକିସ୍ତାନ, ମାଲେସିଆ, ବାଂଲାଦେଶ, ଆୟୋଜକ ଓମାନ ଓ ଚାଇନା ରହିଛନ୍ତି। ବୁଧବାର ମ୍ୟାଚରେ ଭାରତ ତରଫରୁ ଅରାଇଜିତ ସିଂ ହୁଣ୍ଡାଲ (୨ୟ ଓ ୨୪ତମ ମିନିଟ), ଅର୍ଶଦୀପ ସିଂ (୮ମ), ଗୁରଜୋତ ସିଂ (୧୮ତମ ଓ ୪୫ତମ) ସୌରଭ ଆନନ୍ଦ କୁଶାୱା (୧୯ତମ ଓ ୫୨ତମ ମିନିଟ), ଦିଲରାଜ ସିଂ(୨୧ତମ) ଓ ମୁକେଶ ଟପ୍ପୋ (୫୯ତମ) ପ୍ରମୁଖ ଫିଲ୍ଡ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଶାରଦା ନନ୍ଦ ତିୱାରୀ (୧୦ମ) ପେନାଲ୍ଟି କର୍ନର ଏବଂ ରୋହିତ (୨୯ତମ) ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲ୍‌ରେ ପରିଣତ କରିଥିଲେ। ଭାରତ ଗୁରୁବାର ଜାପାନ ଏବଂ ନଭେମ୍ବର ୩୦ରେ ଚାଇନିଜ ତାଇପେ ସହିତ ମୁକାବଲା କରିବ। ଡିସେମ୍ବର ୧ରେ କୋରିଆ ବିପକ୍ଷରେ ଭାରତ ଏହାର ଶେଷ ଗ୍ରୁପ୍ ମ୍ୟାଚ ଖେଳିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ଡିସେମ୍ବର ୩ ସେମିଫାଇନାଲକୁ ଉନ୍ନୀତ ହେବେ। ଏହା ପରଦିନ ଫାଇନାଲ ଅନୁଷ୍ଠିତ ହେବ।

## ଟେଷ୍ଟ ବୋଲିଂ ର୍‍ୟାଙ୍କିଙ୍ଗ୍: ଶୀର୍ଷକୁ ଫେରିଲେ ବୁମ୍‌ରା

**ଦୁବାଇ, ୨୭।୧୧ (ପି.ଟି.)**

ବୁଧବାର ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ବୋଲିଂ ର୍‍ୟାଙ୍କିଙ୍ଗ୍ ତାଲିକାରେ କାଗିସୋ ରାବାଡା ଓ ଜୋଶ ହାଜ୍‌ଲେଉଡ୍‌ଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନକୁ ଯାଇଛନ୍ତି ଭାରତୀୟ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା। ପର୍ଥଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ମ୍ୟାଚ ବିଜୟୀ ବୋଲିଂ ଯୋଗୁ ଏହା ସମ୍ଭବ ହୋଇପାରିଛି। କାମଚଳା ଅଧିନାୟକ ବୁମ୍‌ରା ଏହି ମ୍ୟାଚରେ ୭୨ରନ ବିନିମୟରେ ୮ ଉଇକେଟ ଅକ୍ତିଆର କରିଥିଲେ। ଭାରତ ୨୯୫ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ୫ ମ୍ୟାଚ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫିରେ ୧-୦ରେ ଅଗ୍ରଣୀ ଲାଭ କରିଛି। ପର୍ଥ ଟେଷ୍ଟ ପୂର୍ବରୁ ର୍‍ୟାଙ୍କିଙ୍ଗ ତାଲିକାର ୩ ନମ୍ବର ସ୍ଥାନରେ ରହିଥିବା ବୁମ୍‌ରା ବର୍ତ୍ତମାନ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ୮୮୩ ସହ ଦକ୍ଷିଣ ଆଫ୍ରିକାର ରାବାଡା (୮୭୨ ପଏଣ୍ଟ) ଓ ଅଷ୍ଟ୍ରେଲିଆର ହାଜ୍‌ଲେଉଡ୍ (୮୬୦ ପଏଣ୍ଟ)ଙ୍କ ଆଗରେ ପ୍ରଥମ ସ୍ଥାନ ଅଧିକାର କରିନେଇଛନ୍ତି। ର୍‍ୟାଙ୍କିଙ୍ଗ୍ ତାଲିକାରେ ବୁମ୍‌ରାଙ୍କ ଟିମ୍‌ମେଟ୍ ମହମ୍ମଦ ସିରାଜଙ୍କର ମଧ୍ୟ ଉନ୍ନତି ଘଟିଛି। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ସେ ୫ ଉଇକେଟ ନେବା ଦ୍ୱାରା ୩ ସ୍ଥାନ ପଦୋନ୍ନତି ପାଇ ୨୫ତମ ସ୍ଥାନରେ ପହଞ୍ଚିଛନ୍ତି।

### ଜୟସ୍ୱାଲ ଦ୍ୱିତୀୟକୁ ଉନ୍ନୀତ

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ଚମତ୍କାର ୧୬୧ରନ ଯୋଗୁ ଭାରତୀୟ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୮୨୫ ପଏଣ୍ଟ ଅର୍ଜନ କରିଛନ୍ତି। ବ୍ୟାଟର ର୍‍ୟାଙ୍କିଙ୍ଗ୍ ତାଲିକାରେ ସେ ଇଂଲଣ୍ଡର ଜୋ ରୁଟ୍ (୯୦୩ ପଏଣ୍ଟ)ଙ୍କ ପଛକୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ମ୍ୟାଚରେ ୩୦ତମ ଟେଷ୍ଟ ଶତକ ହାସଲ କରିଥିବା ବିରାଟ କୋହଲି ୯ ସ୍ଥାନ ଡେଇଁ ୧୩ତମ ସ୍ଥାନରେ ପହଞ୍ଚିଛନ୍ତି। ଭାରତ ଉଇକେଟକିପର-ବ୍ୟାଟର ରିଷଭ ପନ୍ତ ୭୩୬ ପଏଣ୍ଟ ସହ ତାଙ୍କ ୬ଷ୍ଠ ସ୍ଥାନ ବଜାୟ ରଖିଛନ୍ତି। ଭାରତୀୟ ସ୍ପିନର ଯୋଡ଼ି ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଅଷ୍ଟ୍ରେଲିଆ ବିପକ୍ଷ ପର୍ଥ ଟେଷ୍ଟରେ ଖେଳି ନ ଥିଲେ ମଧ୍ୟ ଉଭୟେ ଟେଷ୍ଟ ଅଲରାଉଣ୍ଡର ର୍‍ୟାଙ୍କିଙ୍ଗ୍ ତାଲିକାରେ ଟପ୍ ଖେଳାଳି ହୋଇ ରହିଛନ୍ତି।

## ଦୃଷ୍ଟିହୀନ ମହିଳା କ୍ରିକେଟ: ବାଲେଶ୍ୱର ଚାମ୍ପିୟନ

**ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ହାଇଟେକ୍ ମେଡିକାଲ୍ କଲେଜ ସହଯୋଗରେ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦଯାପିତ ହୋଇଛି। ପ୍ରତିଯୋଗିତାର ଫାଇନାଲ୍‌ରେ ବାଲେଶ୍ୱର ରାଣୀପାଟଣାର ସ୍କୁଲ ଫର୍ ଦି ବ୍ଲାଇଣ୍ଡ ମହିଳା କ୍ରିକେଟ୍ ଦଳ ଭୁବନେଶ୍ୱରର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ୬ ଉଇକେଟରେ ହରାଇ ଚାମ୍ପିୟନ ହୋଇଛି। ରମାଦେବୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଫୁଲ ସୋରେନ ୨୭ ଓ ରଚନା ଜେନା ୨୩ ରନ୍ କରିଥିଲେ। ଜବାବରେ ବାଲେଶ୍ୱର ଦଳ ୮.୫ ଓଭର୍‌ରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଇତିକ୍ରିଷ୍ଟା ଭଞ୍ଜ ସର୍ବାଧିକ ୨୯ ରନ୍ କରିବା ସହ ୧ ଉଇକେଟ ନେଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଟୁର୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବି-୧ ବର୍ଗରେ ଯମୁନା ରାଣୀ ଟୁଡୁ, ବି-୨ ବର୍ଗରେ ବାସନ୍ତୀ ହାଁସଦା ଏବଂ ବି-୩ ବର୍ଗ ରେ ଫୁଲ ସୋରେନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରାଯାଇଥିଲା। ଟୁର୍ଣାମେଣ୍ଟର ବିଜେତା ଦଳକୁ ଆସନ୍ତା ଡିସେମ୍ବର ୩ରେ କିଟ୍ ଇନ୍‌ଡୋର ଷ୍ଟାଡିୟମରେ ହେବାକୁ ଥିବା ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସର ରାଜ୍ୟସ୍ତରୀୟ ସମାରୋହରେ ପୁରସ୍କୃତ କରାଯିବ। ଟୁର୍ନାମେଣ୍ଟରେ ପ୍ରଦର୍ଶନ ଆଧାରରେ ଓଡ଼ିଶା ଦଳ ଚୟନ କରାଯିବ। ଏହି ଦଳ ୨୦୨୫ ଜାନୁଆରୀ ୧୩ରୁ ୧୭ ପର୍ଯ୍ୟନ୍ତ କେରଳରେ ହେବାକୁ ଥିବା ୫ମ ଜାତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ଭାଗନେବ।



ଚାମ୍ପିୟନ ବାଲେଶ୍ୱର ରାଣୀପାଟଣାର ସ୍କୁଲ ଫର୍ ଦି ବ୍ଲାଇଣ୍ଡ ମହିଳା କ୍ରିକେଟ୍ ଦଳ।

## ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ବିଜୟୀ

**ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)**

**ବିଶ୍ୱବିଦ୍ୟାଳୟ କ୍ରିକେଟ**

ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ୍ (ଏଆଇୟୁ) ଆନୁକୂଲ୍ୟରେ ଅଷ୍ଟ୍ରେଲିଆ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ଦଳ ମଧ୍ୟରେ ଏକ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ବୁଧବାର ଆରମ୍ଭ ହୋଇଛି। ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚରେ ଭାରତୀୟ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଦଳ ୧୯.୧ ଓଭରରେ ୧୩୦ ରନକରି ଅଲ୍‌ଆଉଟ ହୋଇଥିଲା। ଧନଭି ଭେମୁଲାପାଲି ସର୍ବାଧିକ ୪୨ ରନ କରିଥିଲେ। ଭାରତ ପକ୍ଷରୁ ଜାମସେଦ ଆଲାମ ୫ ଉଇକେଟ ସଫଳତା ପାଇଥିବାବେଳେ ବିକ୍ରାନ୍ତ ରାଣାଙ୍କୁ ୩ ଉଇକେଟ ମିଳିଥିଲା।


ଅତିଥିଙ୍କ ଗହଣରେ ଇଣ୍ଡିଆନ ୟୁନିଭର୍ସିଟିଜ୍ ଦଳ।

ଜବାବରେ ଭାରତୀୟ ଦଳ ୧୬.୨ ଓଭରରେ ୫ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରି ନେଇଥିଲା। ଦିପିନ ଚିତ୍ରାରା ସର୍ବାଧିକ ୫୩ ଓ ସୁଜାଲ ସିଂ ୩୪ ରନ ସ୍କୋର କରିଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଚାର୍ଲି ହୋୱାର୍ଡ ୩ଟି ଓ ଜେମ୍ସ ଆପୋଷ୍ଟାଲିକିସ ୨ଟି ଉଇକେଟ ନେଇଥିଲେ। ନଭି ମୁମ୍ବାଇରେ ୨୮ ଓ ୩୦ ଆଉ ୨ଟି ଟି୨୦ ମ୍ୟାଚ ଖେଳିବାପରେ ଉଭୟ ଦଳ ଭୁବନେଶ୍ୱର ଆସି କିଟ୍ ଷ୍ଟାଡିୟମରେ ଡିସେମ୍ବର ୨ ଓ ୩ରେ ୨ଟି ଟି୨୦ ଏବଂ ୧୨ରେ ଏକଦିବସୀୟ ମ୍ୟାଚ ଖେଳିବେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସହଯୋଗରେ କିଟ୍ ଷ୍ଟାଡିୟମରେ ଏହି ମ୍ୟାଚ ଅନୁଷ୍ଠିତ ହେବ।

ବୁଧବାର ଉଦ୍‌ଘାଟନୀ ଉତ୍ସବରେ ଏଆଇୟୁ ମହାସଚିବ ପଙ୍କଜ ମିତ୍ତଲ, ଯୁଗ୍ମ ସମ୍ପାଦକ (ଯୁବ ବ୍ୟାପାର ଓ କ୍ରୀଡ଼ା) ବଲଜିତ ସିଂ ଶେଖୋଁ, ଅଷ୍ଟ୍ରେଲିଆରେ ୟୁନିଭର୍ସିଟି ସ୍ପୋର୍ଟ୍ସର ଅଧ୍ୟକ୍ଷ ତଥା ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନର କାର୍ଯ୍ୟକାରିଣୀ ସଦସ୍ୟ ଡେଭିଡ ଆଣ୍ଟନ ସ୍ଲୁଡେ ଏବଂ ଡିୱାଇ ପାଟିଲ ବିଶ୍ୱବିଦ୍ୟାଳୟର କୁଳାଧିପତି ବିଜୟ ଡି. ପାଟିଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବିଜୟ ସହ ଅଭିଯାନ ଆରମ୍ଭ କରିଥିବାରୁ ଭାରତୀୟ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ